ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୮୦
୭ ନଭେମ୍ବର, ୨୦୨୫ ଶୁକ୍ରବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 180
7th November, 2025 Friday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ନୀତି ବାଣୀ

**ଇଶା ବାସ୍ୟମିଦଁ ସର୍ବଂ ଯକ୍ରିଞ୍ଚ ଜଗତ୍ୟାଂ ଜଗତ୍ ।**
**ତେନ ତ୍ୟକ୍ତେନ ଭୂଞ୍ଜିଥା ମା ଗୃଧଃ କସ୍ୟ ସ୍ୱିଦ୍ ଧନମ୍**

ଅଖିଳ ବ୍ରହ୍ମାଣ୍ଡରେ ଯାହା କିଛି ବି ଜଡ଼ ଚେତନା ରୂପ ଜଗତ୍ ଅଛି ଏହା ସମସ୍ତ ଇଶ୍ୱରଙ୍କ ଦ୍ୱାରା ବ୍ୟାପ୍ତ ଅଟେ । ସେହି ଇଶ୍ୱରଙ୍କ ସହିତ ରହି ତ୍ୟାଗ ପୂର୍ବକ ତାହାକୁ ଭୋଗକର । ଏହା ସହିତ ଆସକ୍ତ ହୁଅନାହିଁ । କାରଣ ଧନ-ଭୋଗ ପଦାର୍ଥ । କାହାରି ମଧ୍ୟ ନୁହେଁ ।

## ଜୀବନକୁ ବାଜି ଲଗାଇ ୨ଜଣଙ୍କୁ ଉଦ୍ଧାର କଲା ନାବାଳକ

**ଯାଜପୁର,୬।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଟାଉନ ଥାନା ଅନ୍ତର୍ଗତ ଗାରଡେଶ୍ୱର ଠାରେ ବୈତରଣୀ ନଦୀରେ ବୁଡ଼ିଯାଇ ନାବାଳିକା ନିଖୋଜ ହୋଇଛନ୍ତି। ଭାଇ ସହ ମାମୁ ଘରକୁ କାର୍ତ୍ତିକ ପୂର୍ଣ୍ଣିମାରେ ବୁଲିବାକୁ ଆସି ଗୁରୁବାର ମାମୁ ଝିଅ ସହ ନଦୀକୁ ୩ ଜଣ ଗାଧୋଇବାକୁ ଯାଇଥିଲେ।

କିନ୍ତୁ ହଠାତ୍ ୩ ଜଣ ନଦୀରେ ବୁଡି ଯାଇଥିଲେ। ନଦୀରେ ମାଛ ଧରୁଥିବା ନାବାଳକ ସତ୍ୟପ୍ରକାଶ ସେଠି ନିଜ ଜୀବନକୁ ଖାତିର ନକରି ପହଁରି ଦୁଇ ଜଣଙ୍କୁ ଉଦ୍ଧାର କରିଥିଲେ।

କିନ୍ତୁ ସ୍ଥାନୀୟ ଅଞ୍ଚଳର ନାଗୁଆ ମିଶ୍ରଙ୍କ ୧୨ ବର୍ଷର ଭାଣିଜୀ ପ୍ରୀତି ପ୍ରଜ୍ଞା ମିଶ୍ର ବୁଡି ଯାଇଥିଲେ। ଖବର ପାଇ ଯାଜପୁର ଅଗ୍ନିଶମ ବାହିନୀ ଖୋଜାଖୋଜି କରୁଥିଲେ ମଧ୍ୟ ସନ୍ଧାନ ପାଇ ନାହାନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦୁଇ ଜଣଙ୍କ ଜୀବନ ବଞ୍ଚାଇଥିବାରୁ ନାବାଳକ ସତ୍ୟ ପ୍ରକାଶଙ୍କୁ ସାଧାରଣରେ ପ୍ରଶଂସା କରାଯାଉଛି।

# କୋରାପୁଟରେ ଶୀତର ପହିଲି ଛୁଆଁ

**ଭୁବନେଶ୍ୱର,୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୌସୁମୀ ବିଦାୟ ନେବା ପରେ କୋରାପୁଟକୁ ଛୁଇଁଛି ଶୀତ। ବଣପାହାଡ ଘେରା କୋରାପୁଟ ଜିଲ୍ଲାରେ ସକାଳୁ ସକାଳୁ ଘନ କୁହୁଡ଼ି

**ପାହାଡ଼ିଆ ଅଞ୍ଚଳର ପାରଦ ୧୦ ଡିଗ୍ରୀକୁ ଖସିବ**

ଢାଙ୍କି ଯାଉଛି। ଘାସ ଉପରେ ଢଳ ଢଳ କାକର ବିନ୍ଦୁ ଶୀତ ଆଗମର ସଂକେତ ଦେଇଛି। ଲମତାପୁଟ, କୋରାପୁଟ ଆଦି ସ୍ଥାନରେ ହାଲୁକା ଶୀତ ଲହରି ଆରମ୍ଭ ହୋଇଯାଇଥିବାରୁ ଏହାର ଭରପୁର ମଜା ନେଉଛନ୍ତି କୋରାପୁଟ ବାସିନ୍ଦାଙ୍କ ସହ ପର୍ଯ୍ୟଟକ। ସେପଟେ ପାଣିପାଗ ବିଭାଗ କହିଛି ଆଉ ଦୁଇ ଦିନ ପରେ ଶୀତର ପ୍ରକୋପ ବଢ଼ିବ। ବିଶେଷକରି ପାହାଡ଼ିଆ ଅଞ୍ଚଳର ପାରଦ ୧୦ ଡିଗ୍ରୀକୁ ଚାଲିଯିବ।



ରାଜଧାନୀ ଭୁବନେଶ୍ୱରରେ ମଧ ଦୁଇଦିନ ହେବ ପାରଦ ୨ରୁ ୩ ଡିଗ୍ରୀ ଖସିଛି। ରାତିରେ ଭୁବନେଶ୍ୱରବାସୀ ଟିକେଟିକେ ଶୀତ ଅନୁଭବ କରୁଛନ୍ତି। ଏହାରି ଭିତରେ ସାଇତା ହୋଇ ରହିଥିବା କମ୍ବଳ, ସ୍ୱିଟର, ଜ୍ୟାକେଟ୍ ବାହାରକୁ ବାହାରିଛି। ଶୀତୁଆ ସକାଳରେ କିଏ ପାର୍କରେ ବ୍ୟାୟମ କରୁଛି ତ ଆଉ କିଏ ଦେହକୁ ସତେଜ ରଖିବା ପାଇଁ ଫୁଟବଲ୍ ଖେଳୁଛି।

ସଂଧ୍ୟାରେ ନିଆଁ ପୋଉଁଥିବାର ଦୃଶ୍ୟ ଦେଖିବାକୁ ମିଳିଲାଣି କୋରାପୁଟ ଜିଲ୍ଲାର ମାଳ ଅଞ୍ଚଳରେ। ସକାଳୁ ସକାଳୁ ଚା ଦୋକାନରେ ବି ଗ୍ରାହକଙ୍କ ଭିଡ ବଢିଛି। ଲମତାପୁଟ, କୋରାପୁଟ, ସମେତ ଜିଲ୍ଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ପଡିଛି ହାଲୁକା ଶୀତ। ଏହିସବୁ ଅଞ୍ଚଳକୁ ଢାଙ୍କି ରଖିଛି ଘନ କୁହୁଡ଼ି। ଏଥିପାଇଁ ଗାଡ଼ି ମୋଟର ଲାଇଟ ଲଗାଇ ଯାତାୟାତ କରୁଛନ୍ତି। ସକାଳୁ ସକାଳୁ ସୂର୍ଯ୍ୟଙ୍କ ପ୍ରଥମ ସ୍ପର୍ଶ ପାଇ ହଳଦିଆ ଓଢଣୀ ଭଳି ଢାଙ୍କି ହୋଇଯାଇଛି ଅଳସୀ ଖେତ। ଶୀତର ପ୍ରଥମ ସ୍ପର୍ଶ ପାଇ ସବୁଜିମା ଓ ଜଙ୍ଗଲ ପାହାଡ ଘେରା କୋରାପୁଟ ଅଞ୍ଚଳର ସୌନ୍ଦର୍ଯ୍ୟ ଦୁଇଗୁଣ ହୋଇଛି। ସ୍ଥାନୀୟ ଲୋକେ ଶୀତୁଆ ସକାଳକୁ ଉପଭୋଗ କରିବା ଆରମ୍ଭ କରିଛନ୍ତି।

ଶୀତ ବଢ଼ିଲେ କୋରାପୁଟ ଜିଲ୍ଲାରେ ପର୍ଯ୍ୟଟକଙ୍କ ସଂଖ୍ୟା ବି ବଢେ। ଜିଲ୍ଲାର ଡୁଡୁମା ଓ ରାଣୀଡୁଡୁମା ଜଳପ୍ରପାତ, ଜଲାପୁଟ, କୋଲାବ ଜଳଭଣ୍ଡାର, ବାଲଡା ଗୁମ୍ଫା, ଦେଓମାଳି ଭଳି ପର୍ଯ୍ୟଟନ ସ୍ଥଳିରେ ପର୍ଯ୍ୟଟକଙ୍କ ଆଗମନ ବି ବଢ଼ିଲାଣି। କୋରାପୁଟର ବିଭିନ୍ନ (ଶେଷ ପୃଷ୍ଠା ଦେଖନ୍ତୁ)

## ଗିଲନେଟର ଜବତ: ୧୬ ମତ୍ସ୍ୟଜିବୀ କୋର୍ଟ ଚାଲାଣ

**ରାଜନଗର,୬।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବନଖଣ୍ଡ ଅନ୍ତର୍ଗତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଏକକୁଳା ନିକଟ ନିଷିଦ୍ଧାଂଚଳରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ଭାର୍ବି-୨ ନାମକ ଗିଲନେଟରକୁ ଜବତ କରିଛି । ସେଥିରୁ ୧୬ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିବା ସହ ଗୋଟିଏ ଜିପିଏସ, ଦୁଇଟି ଭିଏଚଏଫ, ଗିଲ୍ ନେଟ ୩ଟି, କଉନେଟ ୧ଟି, ୧ଟି ଇଲିଶ ନେଟ ଓ ୧ଟି କାଣୀନେଟ ସହ ୫୦କେଜି ମାଛ ଜବତ କରିଛନ୍ତି । ମତ୍ସ୍ୟଜିବୀ ଚନ୍ଦନ ମଳିକ, ଦିବାକର ମଳିକ, ବୁଦ୍ଧିରାମ ମଳିକ, କମଳାକାନ୍ତ ମଳିକ, ପ୍ରଶାନ୍ତ କୁମାର ମଳିକ, ବିଶ୍ୱରଂଜନ ମଳିକ, ବାବୁଲି ମଳିକ, ଭାଗିରଥି ମଳିକ, ସେକ ହବିବୁଲ୍ଲା, ସୋରେନ ମାଝି, ପ୍ରଶାନ୍ତ ମଳିକ, ଦିଲ୍ଲୀପ ମଳିକ, ଅନନ୍ତ କୁମାର ଦେ, ଲକ୍ଷ୍ମଣ ଟୁଡୁ, ନନ୍ଦଦୁଲାଲ ଜେନା ଓ ନରେନ୍ଦ୍ର ମଳିକଙ୍କୁ ଗିରଫ କରାଯାଇ ସିଜେଏମ କେନ୍ଦ୍ରାପଡାଙ୍କ କୋର୍ଟକୁ ଚାଲାଣ କରାଯାଇଛି । ସମସ୍ତ ମତ୍ସ୍ୟଜିବୀ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ଅଂଚଳର ବୋଲି ବନବିଭାଗ ସୂତ୍ରରୁ ସୂଚନା ମିଳିଛି ।

## ବିଡ଼ିଓଙ୍କ ମନମାନି ଯୋଗୁ ବ୍ଲକ ଅଚଳ: ଉନ୍ନୟନ କାର୍ଯ୍ୟ ଠପ

**ପଟ୍ଟାମୁଣ୍ଡାଇ,୬।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ ବ୍ଲକର ନୂତନ ବିଡ଼ିଓଙ୍କ ମନମାନି ଯୋଗୁଁ ପଟ୍ଟାମୁଣ୍ଡାଇ ବ୍ଲକ ସଂପୂର୍ଣ୍ଣ ଅଚଳ ହୋଇପଡିବା ସହିତ ଉନ୍ନୟନ କାର୍ଯ୍ୟ ଠପ ହୋଇଯାଇଛି । ବିଡ଼ିଓ ଭାବେ ଶୀତଳ ଅଗ୍ରୱାଲ ଯୋଗ ଦେବା ଦିନ ଠାରୁ ପଟ୍ଟାମୁଣ୍ଡାଇ ବ୍ଲକରେ ଅଶାନ୍ତ ଅବସ୍ଥା ଦେଖାଯାଉଛି । ବିଭିନ୍ନ ଯୋଜନାରେ ବ୍ୟାପକ ଦୁର୍ନୀତି ବ୍ଲକ ପ୍ରଶାସନ ପରିଆପଣିଆକୁ ପଦାରେ ପକାଇଛି । ଅଧିକାଂଶ ସମୟରେ ବିଡିଓଙ୍କ ଅନୁପସ୍ଥିତି ଯୋଗୁଁ ଉନ୍ନୟନ କାମ ଠପ ହୋଇପଡିଥିବା ବେଳେ ପ୍ରତ୍ୟେକ ଦିନ ବୃଦ୍ଧବୃଦ୍ଧା ଭିନ୍ନକ୍ଷମଙ୍କ ଠାରୁ ଆରମ୍ଭ କରି ଶହଶହ ଲୋକ ବ୍ଲକ ଅଫିସକୁ ବିଭିନ୍ନ କାମରେ ଆସି ବାରମ୍ବାର ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି । ବିଡିଓଙ୍କ ଦବଙ୍ଗଗିରିର ଶିକାର ହୋଇ ସାଧାରଣଲୋକ ତ୍ରାହି ତ୍ରାହି ଡାକୁଥିବାବେଳେ ଏଥିରୁ ବାଦ ପଡୁନାହାନ୍ତି କନିଷ୍ଠ ଯନ୍ତ୍ରୀ ନା ଖବରନେବାକୁ ଯାଉଥିବା ଖବରଦାତା । ପ୍ରକାଶ ଯେ, ଗତ ୪ ତାରିଖରେ ଶାସନ ପଂଚାୟତର କିଛି ଲୋକ ବ୍ଲକ ଦୁର୍ନୀତି ବିରୁଦ୍ଧରେ ଆମରଣ ଅନଶନ କରିଥିଲେ । ଏହି ଅନଶନ ବେଳେ ବିଡ଼ିଓ ଅନୁପସ୍ଥିତି ଥିଲେ । ଅନଶନସ୍ଥଳରେ ଦିନ ତମାମ ଉପସ୍ଥିତ ରହି ଖବରଦାତାମାନେ ଖବର ସଂଗ୍ରହ କରିବା ସହିତ ପ୍ରସାରଣ କରୁଥିଲେ । ତେବେ ସନ୍ଧ୍ୟାରେ ବିଡ଼ିଓ ବ୍ଲକ ଅଫିସରେ ପହଂଚି ତାଙ୍କ ପ୍ରକୋଷ୍ଠକୁ ଅନଶନ କାରୀଙ୍କୁ ଡାକିଥିଲେ । କିଛି ନବୁଝି ଆମରଣ ଅନଶନ କରୁଥିବା ଅନଶନକାରୀଙ୍କ ମଧ୍ୟରୁ କେତେଜଣ ବିଡିଓଙ୍କ କ୍ୟାବିନରେ ତାଙ୍କ ସହିତ ଆଲୋଚନା କରୁଥିଲେ । ମାତ୍ର ହଠାତ ବିଡ଼ିଓ ଉତକ୍ଷିପ୍ତ ହୋଇ ସେଠାରେ ଉପସ୍ଥିତ ଥିବା କନିଷ୍ଠଯନ୍ତ୍ରୀଙ୍କୁ ବିନା କାରଣରେ (ଶେଷ ପୃଷ୍ଠା ଦେଖନ୍ତୁ)

# ଉପକୂଳ ସୁରକ୍ଷାରେ ଫେଲ୍ ମାରିଛି ସାମୁଦ୍ରିକ ଥାନା

**କେନ୍ଦ୍ରାପଡ଼ା,୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସମୁଦ୍ର ପଥ ଦେଇ ଅନୁପ୍ରବେଶକୁ ରୋକିବା ସହିତ ତଟାଂଚଳର ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ସାମୁଦ୍ରିକଥାନା ଗୁଡ଼ିକ ସମର୍ଥ ହେଉନାହିଁ। ଫଳରେ ବହୁ ବର୍ଷ ପରେ ବି ଅନୁପ୍ରବେଶ ବନ୍ଦ ହୋଇନାହିଁ । ତଟାଂଚଳର ସୁରକ୍ଷା ବିଗିଡ଼ି ଯାଇଛି । ତଟାଂଚଳର ଜମି, ଜଙ୍ଗଲ, ଆର୍ଦ୍ରଭୂମି, ଜୀବଯନ୍ତୁ କେହି ସୁରକ୍ଷିତ ନୁହଁନ୍ତି। ସାମୁଦ୍ରିକ ଥାନା ଥିବା ସତ୍ତ୍ୱେ କଇଁଛଙ୍କ ସୁରକ୍ଷା ପାଇଁ ହେଉଥିବା ମାଛ ଧରା କଟକଣାର ଅନୁପାଳନ ହେଉନାହିଁ। ବହୁ ବଡ଼ବଡ଼ିଆ ଟ୍ରଲରମାଲିକଙ୍କ ଟ୍ରଲରମାନେ ଅନାୟସରେ ସମୁଦ୍ରର ନିଷିଦ୍ଧାଂଚଳରେ ବନ ବିଭାଗକୁ

**କୋଷ୍ଟାଲ ଇଣ୍ଡିଆ ରିଜର୍ଭ ବାଟାଲିଅନ ପ୍ରତିଷ୍ଠା ଦାବି**

ଆଖିଦେଖାଇ ମାଛ ଧରୁଛନ୍ତି । ଆବଶ୍ୟକ ହେଲେ ବନ ବିଭାଗ କର୍ମଚାରୀମାନଙ୍କୁ ଗୁଳିମାଡ଼ କରି ଖସି ଯାଉଛନ୍ତି । ବନ ବିଭାଗ ଅସହାୟ ହୋଇ ଚାହିଁ ରହିଛୁ। ଯାହା ସଚେତନ ଲୋକଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି।

ଅନେକଙ୍କ କହିବା କଥା ହେଲା ଯେ, ଗତ୨୦୦୮ ନଭେମ୍ବର ୨୬ ତାରିଖ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁର ତାଣ୍ଡବ ଦେଖି ସାରା ଦେଶ ଯେତେବେଳେ ସ୍ତମ୍ଭିଭୂତ ହୋଇଯାଇଥିଲା ସେତେବେଳେ ଉପକୂଳ ସୁରକ୍ଷାକୁ ସୁନିଶ୍ଚିତ କରିବାର ଜରୁରୀ ଆବଶ୍ୟକତା ଦୃଷ୍ଟିରୁ କେନ୍ଦ୍ର ସରକାର ଦେଶବ୍ୟାପୀ ତଟାଂଚଳରେ ସାମୁଦ୍ରିକ ଥାନା ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇଥିଲେ । ଜଳପଥ ଯୋଗେ ତଟାଂଚଳ ଦେଇ ହେଉଥିବା ଅନୁପ୍ରବେଶକୁ ପ୍ରତିହତ କରିବା ଏବଂ ଦେଶ ବିରୋଧି କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିବା ଥିଲା ଏହି ସାମୁଦ୍ରିକ ଥାନା ପ୍ରତିଷ୍ଠାର ମୁଖ୍ୟ ଲକ୍ଷ୍ୟ। ସେଥିପାଇଁ ସାଧାରଣ ଥାନା ଅପେକ୍ଷା ମୁଖ୍ୟତଃ ଯଥେଷ୍ଟ ଅଧିକ ପଦାଧିକାରୀ କର୍ମଚାରୀଙ୍କୁ ଅବସ୍ଥାପିତ କରିବା, ଅସ୍ତ୍ରଶସ୍ତ୍ରରେ ଏହି ଥାନାକୁ ସଶକ୍ତ କରିବା ଓ ଅତ୍ୟାଧୁନିକ ସ୍ପିଡ଼ ବୋଟ୍ ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଥିଲେ। ଓଡ଼ିଶା ଭଳି ତଟବର୍ତ୍ତୀ ରାଜ୍ୟର ୪୮୦ କିଲୋମିଟର ସମୁଦ୍ର ତଟ ମଧ୍ୟରେ ଅନେକ ସାମୁଦ୍ରିକ ଥାନା ପ୍ରତିଷ୍ଠା ହୋଇଥିଲା। କେନ୍ଦ୍ରାପଡା ଜିଲ୍ଲାରେ ୪୮ କିଲୋମିଟର ତଟବର୍ତ୍ତୀ ଅଂଚଳରେ ଜମ୍ବୁ ଠାରେ, ତନ୍ତିଆପାଳ ଠାରେ ଓ ତାଳଚୂଆ ଠାରେ ୩ଟି ସାମୁଦ୍ରିକ ଥାନା ପ୍ରତିଷ୍ଠାଲାଭ କରିଥିଲା। କିନ୍ତୁ ଦୀର୍ଘ କାଳ ପରେ ବି ଏହି ସବୁ ସାମୁଦ୍ରିକ ଥାନା ନା' ସୁଦୃଢ ହୋଇପାରିଲା ନା' ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିପାରିଲା। କୌଣସି ବି ଥାନାରେ ଆବଶ୍ୟକୀୟ ପଦାଧିକାରୀ କର୍ମଚାରୀ ନାହାଁନ୍ତି। ଅସ୍ତ୍ରଶସ୍ତ୍ର ଓ ବୋଟ୍ କଥା ନକହିଲେ ଭଲ । ଏଥିପାଇଁ ଆବଶ୍ୟକୀୟ କେନ୍ଦ୍ରୀୟ ଅନୁଦାନ ମିଳୁଛି କି ନାହିଁ ଅଥବା କେନ୍ଦ୍ରୀୟ ଅନୁଦାନ ସତ୍ତ୍ୱେ ରାଜ୍ୟ ସରକାରଙ୍କ ଅପାରଗତା ପାଇଁ ଏହି ଅବ୍ୟବସ୍ଥା ସୃଷ୍ଟି ହୋଇଛି ତାହା ତ ଭିନ୍ନ କଥା ହେଲେଏହି ଥାନା ସବୁ ଏବେ ସାଧାରଣ ଥାନା ଭଳି ଯାହା କାର୍ଯ୍ୟ କରୁଛି। ଫଳରେ ଉପକୂଳ ଅସୁରକ୍ଷିତ ହୋଇପଡ଼ିଛି। ଏହି ଅବ୍ୟବସ୍ଥିତ ସୁରକ୍ଷା ବ୍ୟବସ୍ଥା ଯୋଗୁ ଦେଶପାଇଁ କେତେବେଳେ ଯେ ବିପଦ ସୃଷ୍ଟିନହେବ ତାହା କହିହେବ ନାହିଁ। ଓଡିଶା ରାଜ୍ୟ ଉପକୂଳ ସୁରକ୍ଷା ପାଇଁ ଏକ କୋଷ୍ଟାଲ ଇଣ୍ଡିଆ ରିଜର୍ଭ ବାଟାଲିଅନ (ସିଆଇଆରବି) ଆବଶ୍ୟକତା ରହିଥିବାନେଇ ଦୀର୍ଘ ବର୍ଷ ଧରି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ (ଶେଷ ପୃଷ୍ଠା ଦେଖନ୍ତୁ)

## ଶିଳ୍ପପତିଙ୍କୁ ଏସଏଲଡିସିର ଅନୁକମ୍ପା: ବର୍ଷକୁ ୧୭୨୮ କୋଟି କ୍ଷତି

**ଭୁବନେଶ୍ୱର,୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ବିଦ୍ୟୁତ ଭାର ପ୍ରେରଣ କେନ୍ଦ୍ର (ଏସଏଲଡିସି) ଶିଳ୍ପପତିମାନଙ୍କ ଦ୍ୱାରା ସ୍ଥାପିତ ୧୫ ହଜାର ମେଗାୱାଟ କ୍ଷମତାର ନିଜସ୍ୱ ତଥା ସ୍ୱାଧୀନ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରଗୁଡିକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସେମାନଙ୍କର ୭୨ ହଜାର ନିୟୁତ ୟୁନିଟ ବିଦ୍ୟୁତ ବିନା କରରେ ପ୍ରେରଣ କାର୍ଯ୍ୟ ଲୁଚାଛପାରେ ନିୟନ୍ତ୍ରଣ କରୁଛି। ଫଳରେ ରାଜ୍ୟ ଗ୍ରୀଡ ବାର୍ଷିକ ୧୭୨୮ କୋଟି ଟଙ୍କା ରାଜସ୍ୱ ହରାଉଛି ଏବଂ ସେଥିପାଇଁ ଅନ୍ୟାୟ ଭାବେ ରାଜ୍ୟ ଗ୍ରୀଡର ସମସ୍ତ ଖର୍ଚ୍ଚ ଓଡିଶାର ୧କୋଟି ଉପଭୋକ୍ତା ବହନ କରୁଛନ୍ତି।

ଏସଏଲଡିସି ରାଜ୍ୟ ବିଦ୍ୟୁତ ସେବାର ମସ୍ତିଷ୍କ ଭଳି କାର୍ଯ୍ୟ କରେ। ବିଦ୍ୟୁତ ଆଇନ, ୨୦୦୩ ଧାରା ୩୧ ଅନୁସାରେ ଏସଏଲଡିସି

**ଏକ କୋଟି ବିଦ୍ୟୁତ ଉପଭୋକ୍ତା ଶୋଷିତ**

କାର୍ଯ୍ୟକୁ ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ସରକାରୀ କମ୍ପାନୀ ଗଠନ କରିବାପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଓଡିଶା ସରକାର ତାହାକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରିନାହାନ୍ତି। ତେବେ ବିଦ୍ୟୁତ ମୂଲ୍ୟ ନିର୍ଦ୍ଧାରଣ ପାଇଁ ଓଇଆରସି ଆହ୍ୱାନ କରୁଥିବା ଜନଶୁଣାଣିରେ ଆପତ୍ତିକର୍ତ୍ତାମାନେ ବାରମ୍ବାର ଅଭିଯୋଗ କରିବା ପରେ ୫ ବର୍ଷ ତଳେ ଏସଏଲଡିସି ପରିଚାଳନା ପାଇଁ ରାଜ୍ୟ ସରକାର ଗୋଟିଏ ନିର୍ଦ୍ଦେଶକ ପଦ ମଞ୍ଜୁର କରି ଭଦ୍ରେଶ କୁମାର ବଚ୍ଛୁଭାଇ ମେହେଟାକୁ ନିଯୁକ୍ତି ଦେଇଥିଲେ। ଶ୍ରୀ ମେହେଟା ବର୍ତ୍ତମାନ ଓଡିଶା ବିଦ୍ୟୁତ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ) ପାଇଁ ଗଠନ ହୋଇଥିବା ପରିଚାଳନା ମଣ୍ଡଳୀର ଆଦେଶ ଅନୁସାରେ କାର୍ଯ୍ୟ କରୁଛନ୍ତି। ଶ୍ରୀ ମେହେଟା ୬୩ ବର୍ଷରେ ଅବସର ନେବାପରେ ଶକ୍ତିବିଭାଗ ତାଙ୍କୁ ଆଉ ଦୁଇବର୍ଷ ପାଇଁ ପୁନଃନିଯୁକ୍ତ କରିଛନ୍ତି।

ବିଦ୍ୟୁତ ଆଇନ ଧାରା ୩୨ ଅନୁସାରେ ଏସଏଲଡିସିର ପ୍ରମୁଖ କାର୍ଯ୍ୟ ହେଉଛି, ଓପିଟିସିଏଲ ଅଧୀନରେ ଥିବା ଉଚ୍ଚ କ୍ଷମତା ସମ୍ପନ୍ନ ସମସ୍ତ ବିଦ୍ୟୁତଗ୍ରୀଡ୍‌ଗୁଡିକ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସହିତ ସେଗୁଡ଼ିକୁ ନିୟନ୍ତ୍ରଣ କରି ତାହାର ସର୍ବୋତ୍ତମ ବ୍ୟବହାର କରିବା। ଏପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ରାଜ୍ୟଗ୍ରୀଡ୍ ସହିତ ସଂଯୋଗ ହୋଇଥିବା ସମସ୍ତ ବିଦ୍ୟୁତ ଉତ୍ପାଦନ କମ୍ପାନୀ ଓ ଲାଇସେନ୍ସଧାରୀ ବିଦ୍ୟୁତ ଉପଭୋକ୍ତାମାନଙ୍କର ସବିଶେଷ (ଶେଷ ପୃଷ୍ଠା ଦେଖନ୍ତୁ)

## ସବୁ ଜିଲ୍ଲାରେ କେବେ ମେଡିକାଲ କଲେଜ୍ ?

**ଭୁବନେଶ୍ୱର,୬।୧୧: ତଥ୍ୟ**

ସବୁ ଜିଲ୍ଲାରେ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ସରକାର ପ୍ରାୟ ୬ବର୍ଷ ତଳେ ନୀତିଗତ ନିଷ୍ପତ୍ତି ନେଇଥିଲେ ମଧ ଏବେ ଓଡ଼ିଶାର ଅନ୍ୟୁନ ୧୬ଟି ଜିଲ୍ଲାରେ ଏହା ହୋଇପାରି ନାହିଁ। ଅନ୍ୟୁନ ୧୧ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ମେଡିକାଲ୍ କଲେଜ୍ ନଥିବାବେଳେ ସବୁ ଜିଲ୍ଲାରେ କେବେସୁଦ୍ଧା ମେଡିକାଲ୍ କଲେଜ୍ ହେବ ସେଥିଘେନି ବିଭିନ୍ନ ଜିଲ୍ଲାବାସୀ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।



କଟକ, ସମ୍ବଲପର, ଗଞ୍ଜାମ, ବଲାଙ୍ଗୀର, ବାଲେଶ୍ୱର, ସୁନ୍ଦରଗଡ଼, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, କୋରାପୁଟ, ପୁରୀ, ଅନୁଗୁଳ ଓ କନ୍ଧମାଳ ଜିଲ୍ଲାରେ ରାଜ୍ୟ ସରକାରଙ୍କ ମେଡିକାଲ୍ କଲେଜ୍‌ମାନ ରହିଛି। ତେବେ ମାଲକାନଗିରି, ନୂଆପଡ଼ା, ନବରଙ୍ଗପୁର, ରାୟଗଡ଼ା, ବରଗଡ଼, ଝାରସୁଗୁଡ଼ା, ଗଜପତି, ଦେବଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ନୟାଗଡ଼, ଢେଙ୍କାନାଳ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଖୋର୍ଦ୍ଧା ଜିଲ୍ଲାରେ ଏ ପର୍ଯ୍ୟନ୍ତ ଏମ୍‌ବିବିଏସ୍ ପାଠ୍ୟକ୍ରମ ପାଇଁ ରାଜ୍ୟ ସରକାରଙ୍କର ମେଡିକାଲ୍ କଲେଜ୍ ନାହିଁ। ତେବେ ଭୁବନେଶ୍ୱରରେ ଭାରତ ସରକାରଙ୍କ ଏମସ୍ ଓ ରାଜ୍ୟ ସରକାରଙ୍କ ଏକ ସ୍ନାତକୋତ୍ତର ମେଡିକାଲ୍ ଶିକ୍ଷାନୁଷ୍ଠାନ ରହିଛି।

୨୦୨୪ ସାଧାରଣ ନିର୍ବାଚନ ବେଳେ ବିଜେପି ତା'ର ସଂକଳ୍ପ ପତ୍ରରେ ରାଜ୍ୟର ସମସ୍ତ ଜିଲ୍ଲାରେ ମେଡିକାଲ୍ କଲେଜ୍ ଓ ନର୍ସିଂ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବ ବୋଲି ଘୋଷଣା କରିଥିଲା। ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ସମେତ ବିଭିନ୍ନ ଜିଲ୍ଲାରେ ମେଡିକାଲ କଲେଜ୍ ସ୍ଥାପନ ପାଇଁ ଯେଉଁସବୁ ଆନ୍ଦୋଳନ ପୂର୍ବରୁ ହେଉଥିଲା ତାହାକୁ ପ୍ରାୟ ସବୁ ରାଜନୈତିକ ଦଳ ସମର୍ଥନ ଦେଉଥିଲେ।

ରାଜ୍ୟ ସରକାରଙ୍କ ୧୪ଟି ମେଡିକାଲ୍ କଲେଜ୍‌ରେ ୧୮୦୦ ଏମ୍‌ବିବିଏସ୍ ଛାତ୍ରଛାତ୍ରୀ ନାମାଙ୍କନ କରିବାର ବ୍ୟବସ୍ଥା ରହିଛି। ତେବେ ଏହିସବୁ ମେଡିକାଲ୍ କଲେଜ୍‌ରେ ପାଠପଢ଼ା, ଗବେଷଣା ଓ ରୋଗୀ ଚିକିତ୍ସା ପାଇଁ ବିଭିନ୍ନ ବିଭାଗରେ ପର୍ଯ୍ୟାପ୍ତ ସଂଖ୍ୟକ ଡାକ୍ତରୀ ଶିକ୍ଷକ ନାହାନ୍ତି। ଏଥିଯୋଗୁ ବହୁ କ୍ଷେତ୍ରରେ ସ୍ୱାସ୍ଥ୍ୟସେବାରେ ସଂକଟଜନକ ପରିସ୍ଥିତି ଉପୁଜୁଥିବାରୁ ଅନେକ ସରକାରୀ ମେଡିକାଲ୍ କଲେଜ୍ ରୋଗୀମାନଙ୍କୁ କଟକ, ବୁର୍ଲା, ବ୍ରହ୍ମପୁର ଏବଂ ଭୁବନେଶ୍ୱରର ଏମ୍ସକୁ ପଠାଇବାକ ବାଧ ହେଉଛନ୍ତି। ଅନେକ କ୍ଷେତ୍ରରେ ରୋଗୀମାନେ ବେସରକାରୀ ମେଡିକାଲ୍ କଲେଜ୍ ଓ କର୍ପୋରେଟ୍ ହସ୍ପିଟାଲମାନଙ୍କୁ ଚାଲିଆସୁଛନ୍ତି। ଖାଲି ଡାକ୍ତର ଓ ଡାକ୍ତରୀ ଶିକ୍ଷକ ନୁହେଁ, ମେଡିକାଲ୍ କଲେଜ୍ ଓ ସରକାରୀ ଡାକ୍ତରଖାନାଗୁଡ଼ିକରେ ନର୍ସ, ଫାର୍ମାସିଷ୍ଟ, ଟେକ୍‌ନିସିଆନ୍‌ଙ୍କ ଭଳି ବହୁ (ଶେଷ ପୃଷ୍ଠା ଦେଖନ୍ତୁ)




# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୭ ନଭେମ୍ବର ୨୦୨୫ । ଶୁକ୍ରବାର




## ସରକାରୀ ଜାଗା ପାଇଁ ମହାଭାରତ: ଥାନାରେ ଅଭିଯୋଗ

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ସରକାରୀ ଜାଗା ପାଇଁ ମହାଭାରତ। ଶହେ ବର୍ଷରୁ ଉର୍ଦ୍ଧ୍ୱ ରହିଥିବା ପରିବାରକୁ ଉଚ୍ଛେଦ କରିବା ପାଇଁ ଜଣେ ରାଜନେତା ସ୍ଥାନୀୟ ଅଞ୍ଚଳର କିଛି ଲୋକଙ୍କ ସହାୟତାରେ ଜୋର ଜବରଦସ୍ତ ଜେସିବି ଲଗାଇ ଜଣେ ଗରିବ ପରିବାରର ଘରକୁ ଭାଙ୍ଗି ଦେଇଥିଲେ। ଏ ନେଇ ନିଆଳି ଥାନାରେ ଉକ୍ତ ପରିବାର ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଅଭିଯୋଗ ଆଣିଛନ୍ତି। ସୂଚନା ମୁତାବକ ନିଆଳି ଥାନା ଅଧିନସ୍ତ ମାଧବ ପଞ୍ଚାୟତ ହାଇସ୍କୁଲ ଆଗରେ ସରକାରୀ ଜାଗାରେ ଶହେ ବର୍ଷରୁ ଉର୍ଦ୍ଧ୍ୱ ହେବ ସେହି ଗ୍ରାମର ବେଣୁଧର ବେହେରାଙ୍କ ପରିବାର ମଇଁଷି ଗୋଠ କରିବା ସହ ଏକ ଝାଲ ଘର କରି ରହୁଥିଲେ। ଗତ ୩ ତାରିଖ ସୋମବାର ମାଧବ ପ୍ରଧାନ ସାହି ଗ୍ରାମର ଆଦିପାଣି, ନବ ପାଣି ଓ ୧୫ରୁ ଉର୍ଦ୍ଧ୍ୱ ସ୍ଥାନୀୟ ଲୋକମାନେ ଜେସିବି ମେସିନ ନେଇ ଜୋରଜବରଦସ୍ତ ଝାଲ ଘର ଓ ନଳକୂପ ଭାଙ୍ଗିବା ସହ ଖୁଣ୍ଟ ପୋତିଥିଲେ। ଉକ୍ତ ଘଟଣାକୁ ନେଇ ନିଆଳି ଥାନାରେ ବେଣୁଧରଙ୍କ ପରିବାର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କରିବାର ୪୮ ଘଣ୍ଟା ମଧ୍ୟରେ ନିଆଳି ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ବେଳେ ଏହାର ସୁଯୋଗ ନେଇ ପୁନର୍ବାର ଆଦିପାଣି ଗତ ୫ ତାରିଖ ବୁଧବାର ଦିନ ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସହାୟତାରେ ତାରବାଡ ବୁଲାଇଥିଲେ। ଏହାକୁ ବିରୋଧ କରିବାରୁ ବେଣୁଧରଙ୍କୁ ମାଡ଼ ମାରି ତଳେ ପକାଇଥିଲେ। ଗୁରୁତର ଅବସ୍ଥାରେ ବେଣୁଧରଙ୍କୁ ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଏ ନେଇ ନିଆଳି ଥାନାରେ ବେଣୁଧରଙ୍କ ସ୍ତ୍ରୀ ସକାନ୍ତି ଦେଇ ଲିଖିତ ଅଭିଯୋଗ କରିଛନ୍ତି। ଯଦି ନିଆଳି ପୋଲିସ ଉକ୍ତ ଘଟଣାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ସହ ପରିବାରଙ୍କ ସହ ନିଆଳି ଥାନା ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ବ୍ରାଉନସୁଗାର ଜବତ, ଜଣେ ଗିରଫ



**କୋରେଇ: ଏକ୍ସପ୍ରେସ ନ୍ୟୁଜ୍**

କୌଣସି ଏକ ବିଶେଷ ସୂତ୍ରରୁ ଖବର ପାଇ ଡୋଲୀପୁର ଅବକାରୀ ବିଭାଗର ଏକ ଟିମ ସଦଳବଳେ ଚଢ଼ାଉ କରି ଯାଜପୁର ରୋଡ ସାପଗାଡ଼ିଆ ଠାରେ ବ୍ରାଉନସୁଗାର ବିକ୍ରି କରୁଥିବା ବେଳେ ସୁର ଦାସଙ୍କ ପୁତ୍ର ରାଜୁ ଦାସ ନାମକ ଜଣେ ଯୁବକକୁ ଗିରଫ କରିବା ସହ ତା ଠାରୁ ୭୦ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲେ। ଅଭିଯୁକ୍ତକୁ କେଶ ନମ୍ବର ୧୮୬/୨୦୨୫ରେ କୋର୍ଟଚାଲାଣ କରାଯିବା ସହିତ ଏହି ଚଢ଼ାଉ ଆଗକୁ ଜୋରଦାର କରାଯିବା ନେଇ ଅବକାରୀ ଅଧିକାରୀ ବିଭୁ ପ୍ରସାଦ ସାହୁ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ରଶ୍ମିରେଖା ଜେନା, ଚଗଲା ମଲିକ ପ୍ରମୁଖ ସହଯୋଗ କରିଥିଲେ।

## ଅନାବନା ଗଛଲତାରେ ଭର୍ତ୍ତି ସୁନାମୁହିଁ ଡ୍ୟାମ ରାସ୍ତା

**ଖଣ୍ଡପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଖଣ୍ଡପଡ଼ା ସହରର ଉପକଣ୍ଠରେ ଅବସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ପରିସରକୁ ବର୍ଷ ତମାମ ପର୍ଯ୍ୟଟକଙ୍କ ଠାରୁ ଆରମ୍ଭ କରି ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ସୁଅ ଛୁଟୁଥିଲେ ହେଁ ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟକରଣ ପ୍ରତି ପ୍ରଶାସନ ନତୁବା ବିଭାଗୀୟ କର୍ତ୍ତୃପକ୍ଷ କେହିହେଲେ ଦୃଷ୍ଟି ଦେଉ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମାସ ମାସ ଧରି ପର୍ଯ୍ୟଟନସ୍ଥଳୀ ପରିସରରୁ ଅନାବନା ଗଛଲତା ଓ ଅଳିଆ ଗୁଡିକ ସଫା କରାଯାଉନଥିବା ବେଳେ ସୁନାମୁହିଁ ଡ୍ୟାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱ ଅନାବନା ଗଛଲତାରେ ଭର୍ତ୍ତିହୋଇ ରହିଛି। ଫଳରେ ବିଷଧର ସରୀସୃପଙ୍କ ଭୟରେ ମୁଖ୍ୟ ଡ୍ୟାମ ନିକଟକୁ ପର୍ଯ୍ୟଟକମାନେ ଯିବା ଆସିବା କରିବାକୁ ଅନିଚ୍ଛା ପ୍ରକାଶ କରୁଥିବା ଜଣାପଡିଛି। ଏପରିକି ଦୈନିକ ସୁନାମୁହିଁ ଡ୍ୟାମରେ ଭୋଜିଭାତ ଓ ଆମୋଦପ୍ରମୋଦ ନିମନ୍ତେ ଆସୁଥିବା ଜନସାଧାରଣ ବିଭିନ୍ନ ସମୟରେ



ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡିଛି। ପ୍ରାକୃତିକ ପରିବେଶ ମଧ୍ୟରେ ଅବସ୍ଥିତ ଏହି ପର୍ଯ୍ୟଟନସ୍ଥଳୀଟି ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ଅଧିନରେ ଥିବା ବେଳେ ଏହାର ରକ୍ଷଣାବେକ୍ଷଣ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ, ଉଚ୍ଚ କର୍ତ୍ତୃପକ୍ଷ ନତୁବା ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ କେହି ହେଲେ ଧ୍ୟାନ ଦେଉନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି। ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବାରୁ ପର୍ଯ୍ୟଟକମାନଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ପରିସରରୁ ଅଳିଆ, ଆବର୍ଜନା ଓ ଅନାବନା ଗଛଲତା ଗୁଡିକୁ ହଟାଇବା ନିମନ୍ତେ ସ୍ଥାନୀୟ ପ୍ରଶାସନ ଓ ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି।

## ଭିଜିଲାନ୍ସ ଜାଲରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**



ଲାଞ୍ଚ ନେଇ ଭିଜିଲାନସ୍ ହାତରେ ଧରାପଡ଼ିଲେ କେନ୍ଦୁଝର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ। ଏନଜିଓ ନିକଟରୁ ଫୋନ୍ ପେ ଜରିଆରେ ୨୦ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ତାଙ୍କର ୩ଟି ଠିକଣାରେ ଚଢ଼ାଉ କରିଛି ଭିଜିଲାନ୍ସ ବିଭାଗ। ତାଙ୍କର ଭୁବନେଶ୍ୱରରେ ୧୦ଟି ଫ୍ଲାଟ୍, ଭୁବନେଶ୍ୱରରେ ୩ହଜାର ବର୍ଗଫୁଟର ଏକ ୩ମହଲା ଘର, ଭୁବନେଶ୍ୱର ମଦନପୁର ଠାରେ ଅନ୍ୟ ଏକ ଘର, ଭୁବନେଶ୍ୱର ମଦନପୁର ଠାରେ ୩ ଏକର ପରିମିତ ଏକ ଫାର୍ମ ହାଉସ୍ ଠାବ ହୋଇଛି। ସେ ବିଭିନ୍ନ କାମ କରାଇବା ପାଇଁ ଏନଜିଓ ଏବଂ ଲୋକଙ୍କ ଠାରୁ ଫୋନ୍ ପେ ମାଧ୍ୟମରେ ଲାଞ୍ଚ ନେଇଥିବା ଭିଜିଲାନସ୍ ବିଭାଗ ଜାଣିବାକୁ ପାଇଛି ।

## ୨୯ ଖଣ୍ଡ ଶାଳ ଓ ନିମ ଗଣ୍ଡି ଜବତ

**ବେତନଟୀ: ଏକ୍ସପ୍ରେସ ନ୍ୟୁଜ୍**

ବାରିପଦା ବନଖଣ୍ଡ ଅଧୀନ ବେତନଟୀର ଦାନ୍ତିଆ ମୁହାଁ ନିକଟ ଡାହି କଟା ସରକାରୀ ଜମିରେ ବେଆଇନ ଭାବେ କାଠ ମାଫିଆମାନେ ୨୭ ଖଣ୍ଡ ଶାଳ ଗଣ୍ଡି ଓ ଦୁଇ ଖଣ୍ଡ ନିମ ଗଣ୍ଡି କାଟି ବିଭିନ୍ନ ସ୍ଥାନରେ ପକାଇ ରଖିଥିବା ବେଳେ ବେତନଟୀ ବନବିଭାଗ ଏହି କାଠ ଗୁଡିକୁ ଜବତ କରି ବୁଧବାର ବିଳମ୍ବିତ ରାତିରେ ବେତନଟୀ ରେଞ୍ଜ କାର୍ଯ୍ୟାଳୟକୁ ଜବତ କରି ଅଣାଯାଇଛି। ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଏହି ସୂଚନା ପାଇଥିବା ବେଳେ ବାରିପଦା ବନଖଣ୍ଡ ଏସିଏଫ ମବହେରବାନ ଅଲ୍ଲୀଙ୍କ ନିର୍ଦ୍ଦେଶରେ ବେତନଟୀ ଡେପୁଟି ରେଞ୍ଜର ଧୃବେନ୍ଦ୍ର ନାଥ ନାୟକ ଓ ରେଞ୍ଜ କାର୍ଯ୍ୟାଳୟ କର୍ମଚାରୀମାନେ କାଠ ଜବତ କାର୍ଯ୍ୟରେ ସାମିଲ ଥିଲେ। ଏଥିନେଇ ବେତନଟୀ ରେଞ୍ଜ କାର୍ଯ୍ୟାଳୟରେ ଏକ କାଠ ଚୋରି ମାମଲା ରୁଜୁ ହୋଇଛି।

## ନୂତନ ପଞ୍ଚାୟତର ମାନ୍ୟତା ପାଇଁ ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**



ହାଡ଼ପଦା ରାଜସ୍ୱ ଗ୍ରାମର ଶତାଧିକ ଲୋକେ ନରଣଗଡ ପଞ୍ଚାୟତର ହାଡପଦା ରାଜସ୍ୱ ଗ୍ରାମକୁ ନୂତନ ପଞ୍ଚାୟତ କରିବା ନିମନ୍ତେ ଦାବି ଜଣାଇଲେ ହାଡ଼ପଦା ଗ୍ରାମବାସୀ। ଗ୍ରାମବାସୀଙ୍କ କହିବା ଅନୁଯାଇ ନରଣଗଡ ପଞ୍ଚାୟତ ଖୋରଧା ପଞ୍ଚାୟତ ସମିତିର ସର୍ବବୃହତ ଜନସଂଖ୍ୟା ବିଶିଷ୍ଟ ଗ୍ରାମପଞ୍ଚାୟତ ଅଟେ। ବର୍ତ୍ତମାନ ଏହାର ଜନସଂଖ୍ୟା ୭୦୦୦ରୁ ଉର୍ଦ୍ଧ୍ୱ ଅଟେ। ୨୦୧୭ ଜନଗଣନା ଅନୁଯାୟୀ ନରଣଗଡ଼ ଗ୍ରା.ପ. ଲୋକସଂଖ୍ୟା ୫୮୨୩ ଥିବାବେଳେ ଏହା କାଳକ୍ରମେ ବୃଦ୍ଧି ପାଇଁ ୭ ହଜାର ଉପରକୁ ଟପି ଯାଇଛି। ନରଣଗଡ ପଞ୍ଚାୟତର ହାଡ଼ପଦା ଗ୍ରାମର ଲୋକସଂଖ୍ୟା ସର୍ବବୃହତ ଅଟେ। ହାଡ଼ପଦା ଗ୍ରାମରେ ଅନୁସୂଚୀତ ଜାତିର ଲୋକମାନେ ଅଧିକତର ବସବାସ କରୁଥିବା ବେଳେ ପଞ୍ଚାୟତର ଜନସଂଖ୍ୟା ମଧ୍ୟରେ ହାଡପଦା ଗ୍ରାମ ଜନ ସଂଖ୍ୟା ଶତକଡ଼ା ୩୫ ଭାଗ ହାଡପଦା ଗ୍ରାମରେ ବସବାସ କରୁଛନ୍ତି ଏବଂ ଭୌଗୋଳିକ ଦୃଷ୍ଟି କୋଣରୁ ଅନୁଧ୍ୟାନ କଲେ ହାଡ଼ପଦା ରାଜସ୍ତ ଗ୍ରାମ ନୂତନ ଗ୍ରାମ ପଞ୍ଚାୟତ ହେବ ନିମନ୍ତେ ସରକାରୀ ମାନଦଣ୍ଡ ପୂରଣ କରୁଅଛି। ଏଣୁ ୨୦୧୭ ମସିହାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନରଣଗଡ଼ ଗ୍ରାମ ପଞ୍ଚାୟତର ଲୋକସଂଖ୍ୟାର ପ୍ରମାଣ ଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ଅଭିଯୋଗ ସହିତ ପ୍ରଦାନ କରିଥିବା ଜଣାପଡିଛି। ପଞ୍ଚାୟତର ୧୫ ୱାର୍ଡ ମଧ୍ୟରୁ ୮ଟି ୱାର୍ଡ ହାଡ଼ପଦା ରାଜସ୍ୱ ଗ୍ରାମର ନିକଟରେ ରହିଥିବା ବେଳେ ଏହାର ଜନସଂଖ୍ୟା ୩ ହଜାର ଏକ ସହ ସତବନ ବୋଲି ଉଲ୍ଲେଖ କରିଥିବା ଦେଖିବାକୁ ମିଳିଛି। ନୂତନ ପଞ୍ଚାୟତ କରି ୱାର୍ଡ ନମ୍ବର ୮, ଠାରୁ ୧୫ ପର୍ଯ୍ୟନ୍ତ ୱାର୍ଡକୁ ଏହି ନୂତନ ପଞ୍ଚାୟତରେ ସାମିଲ କରିବା ନିମନ୍ତେ ଅନୁରୋଧ କରିଥିବା ବେଳେ ଏହା ସରକାରଙ୍କ ପଞ୍ଚାୟତ କରିବା ଗାଇଡ଼ ଲାଇନ ମଧ୍ୟରେ ରହିଥିବା ଦର୍ଶାଇବା ସହିତ କେଉଁ ୱାର୍ଡରେ କେତେ ଜନସଂଖ୍ୟା ଗତ ନିର୍ବାଚନ ଅନୁଯାଇ ସରକାରୀ ସ୍ତରରେ ପ୍ରକାଶ ପାଇଥିଲା ତାହାର ଏକ ବିବରଣୀ ମଧ୍ୟ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ଗ୍ରାମବାସୀମାନେ ପ୍ରକଶ କରିଛନ୍ତି। ଏଣୁ ଅନୁରୋଧ ରକ୍ଷାକରି ନୂତନ ଗ୍ରାମପଞ୍ଚାୟତ ହେବାକୁ ସରକାରୀ ମନଦଣ୍ଡ ଯୋଗ୍ୟ ହୋଇଥିବା ହାଡ଼ପଦା ଗ୍ରାମର ନିକଟବର୍ତ୍ତୀ ଗ୍ରାମ ଓରାମି, ବଳପୁର ମାନପୁର, ଧବଳପୁର, କୁରୁମପଡା, ଗ୍ରାମକୁ ସାମିଲକରି ନୂତନ ପଞ୍ଚାୟତ କରିବା ନିମନ୍ତେ ଜିଲ୍ଲାପାଳ ଶ୍ରୀ ଋତୁରାଜଙ୍କୁ ଅନୁରୋଧ କରିଥିବା ଦେଖିବାକୁ ମିଳିଛି।

### ବ୍ୟବସାୟୀଙ୍କୁ ଅପହରଣ ଘଟଣା

## ୩ ଅଭିଯୁକ୍ତକୁ ରିମାଣ୍ଡରେ ଆଣିଲା ବୈଶିଙ୍ଗା ପୋଲିସ

**ବୈଶିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ବୈଶିଙ୍ଗା ଥାନା ଅଧୀନ ପଦ୍ମନାଭପୁର ଟୋଲ ପ୍ଲାଜା ନିକଟରୁ ଗତ ୨୩ ତାରିଖରେ ରାଇସ ମିଲ ମାଲିକ ସୁନୀଲ କୁମାର ଅଗ୍ରୱାଲଙ୍କୁ ନାଟକୀୟ ଢଙ୍ଗରେ ଅପହରଣ କରାଯାଇ ୮୦ଲକ୍ଷ ଟଙ୍କାର ମୁଣ୍ଡ ଜାମିନ ରଖି ପରିବାରକୁ ଖବର ଦେଇଥିଲେ। ପରିବାର ପକ୍ଷରୁ ୪୦ଲକ୍ଷ ଟଙ୍କା ଜୁଟାଇ ଲୁଟେରାଙ୍କୁ ଦେବାପରେ ସେମାନେ ବ୍ୟବସାୟୀଙ୍କୁ ଛାଡିଦେଇଥିଲେ। ବ୍ୟବସାୟୀ ଶ୍ରୀ ଅଗ୍ରୱାଲ ଗତ ୩୧ ତାରିଖରେ ବୈଶିଙ୍ଗା ଥାନାରେ ଏତେଲା ଦେଇଥିଲେ। ବୈଶିଙ୍ଗା ପୋଲିସ ଘଟଣା ଉପରେ ଗୁରୁତ୍ୱ ପ୍ରଦାନ କରି ଗୋଟି ଝଳନା କରି ୪ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଏହି ଘଟଣାର ମାଷ୍ଟରମାଇଣ୍ଡ ଓ ସହଯୋଗୀକୁ ପୋଲିସ ଗିରଫ କରି କୋର୍ଟଝଲାଣ କରିଥିଲା। ଏହି ମାମଲାରେ ଆଉ କେତେଜଣ ସମ୍ପୃକ୍ତ ଥିବାବେଳେ ସେମାନଙ୍କୁ ପୋଲିସ ଗିରଫ କରିପାରିନାହିଁ। ଘଟଣାର ଅଧିକ ତଦନ୍ତ କରିବା ଓ ଘଟଣାକୁ ଲୋକଲୋଚନକୁ ଆଣିବା ନିମନ୍ତେ ଗିରଫ ୬ ଜଣଙ୍କ ମଧ୍ୟରୁ ଅଧିକ ତଦନ୍ତ ନିମନ୍ତେ ରିମାଣ୍ଡରେ ଆଣିଥିବା ପୋଲିସ ଉପଖଣ୍ଡ ଅଧିକାରୀ ମୀନତି ବିଶ୍ୱାଳ ସୂଚନା ପ୍ରଦାନ କରିଛନ୍ତି। ସେମାନେ ହେଲେ ଅରମାନ ଖାଁ (୩୪), ରାଜେଶ ବାରିକ (୩୦)ଓ ଦାମୋଦର ରାଉତ ବୋଲି ଜଣାଯାଇଛି।

### ବାଣିଜ୍ୟ

## ପେରୁ, ଚିଲି ସହିତ ବାଣିଜ୍ୟ ଆଲୋଚନାକୁ ଦ୍ୱିଗୁଣିତ କରିଛି ଭାରତ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଗୁରୁବାର ସରକାର କହିଛନ୍ତି ଯେ ଏହା ଲାଟିନ୍ ଆମେରିକାର ଅଂଶୀଦାର ଦେଶମାନଙ୍କ ସହିତ ବାଣିଜ୍ୟ ଆଲୋଚନାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ସଫଳତାର ସହ ସମାପ୍ତ କରିଛି, ଯାହା ଏହି କ୍ଷେତ୍ର ସହିତ ଆର୍ଥିକ ସହଯୋଗ ବିସ୍ତାର ଏବଂ ବାଣିଜ୍ୟିକ ସମ୍ପର୍କକୁ ଗଭୀର କରିବା ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ।

ବାଣିଜ୍ୟ ମନ୍ତ୍ରଣାଳୟର ଏକ ବିବୃତ୍ତି ଅନୁଯାୟୀ, ଭାରତ-ପେରୁ ବାଣିଜ୍ୟ ଚୁକ୍ତିନାମା ଆଲୋଚନାର ନବମ ପର୍ଯ୍ୟାୟ ନଭେମ୍ବର ୩-୫ ପର୍ଯ୍ୟନ୍ତ ପେରୁର ଲିମାରେ ଅନୁଷ୍ଠିତ ହୋଇଥିଲା। ଆଲୋଚନାରେ ସାମଗ୍ରୀ ଏବଂ ସେବା ବାଣିଜ୍ୟ, ଉତ୍ପତ୍ତି ନିୟମ, ବାଣିଜ୍ୟ ପାଇଁ ବୈଷୟିକ ପ୍ରତିବନ୍ଧକ, ସୀମାଶୁଳ୍କ ପ୍ରକ୍ରିୟା, ବିବାଦ ସମାଧାନ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସମେତ ପ୍ରସ୍ତାବିତ ଚୁକ୍ତିନାମାର ପ୍ରମୁଖ ଅଧ୍ୟାୟଗୁଡ଼ିକରେ ଯଥେଷ୍ଟ ପ୍ରଗତି ଦେଖାଯାଇଥିଲା। ପେରୁର ବୈଦେଶିକ ବାଣିଜ୍ୟ ଏବଂ ପର୍ଯ୍ୟଟନ ମନ୍ତ୍ରୀ ଟେରେସା ଷ୍ଟେଲା ମେରା ଗୋମେଜ୍ ଆଲୋଚନାର ସମୟୋଚିତ ସମାପ୍ତି ପାଇଁ ପେରୁର ପ୍ରତିବଦ୍ଧତାକୁ ପୁନଃପୁନଃସ୍ଥାପିତ କରିଛନ୍ତି, ଉଭୟ ଅର୍ଥନୀତି ମଧ୍ୟରେ ପରିପୂରକତାକୁ ଉଜ୍ଜ୍ୱଳ କରିଛନ୍ତି ଏବଂ ଆଶାବାଦୀ ପ୍ରକାଶ କରିଛନ୍ତି ଯେ ଏହି ଚୁକ୍ତିନାମା ବାଣିଜ୍ୟ ଏବଂ ନିବେଶ ପ୍ରବାହକୁ ବୃଦ୍ଧି କରିବ। ପେରୁରେ ଭାରତର ରାଷ୍ଟ୍ରଦୂତ ବିଶ୍ୱାସ ବିଦୁ ସପକାଲ ଭାରତର ନିରନ୍ତର ଅଭିବୃଦ୍ଧି ଗତିକୁ ରେଖାଙ୍କିତ କରିଛନ୍ତି ଏବଂ ଉଲ୍ଲେଖ କରିଛନ୍ତି ଯେ ଏହି ଚୁକ୍ତିନାମା ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଔଷଧ, ଅଟୋମୋବାଇଲ୍, ବୟନ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଭଳି କ୍ଷେତ୍ରରେ ସହଯୋଗ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ଆନୁଷ୍ଠାନିକ ବିବୃତ୍ତିରେ କୁହାଯାଇଛି ଯେ ଜାନୁଆରୀ ୨୦୨୬ରେ ନୂଆଦିଲ୍ଲୀରେ ହେବାକୁଥିବା ପ୍ରସ୍ତାବିତ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପୂର୍ବରୁ ପଡ଼ି ରହିଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଉଭୟ ପକ୍ଷ ଆନ୍ତଃ-ଅଧିବେଶନ ବୈଠକ କରିବାକୁ ସହମତ ହୋଇଛନ୍ତି। ପୂର୍ବରୁ, ଭାରତ-ଚିଲି ବ୍ୟାପକ ଅର୍ଥନୈତିକ ସହଭାଗୀତା ଚୁକ୍ତିନାମା (ସିଇପିଏ)



ଆଲୋଚନାର ତୃତୀୟ ପର୍ଯ୍ୟାୟ ଅକ୍ଟୋବର ୨୭-୩୦ ପର୍ଯ୍ୟନ୍ତ ଚିଲିର ସାଣ୍ଟିଆଗୋରେ ଅନୁଷ୍ଠିତ ହୋଇଥିଲା।

'ଆଲୋଚନାରେ ସାମଗ୍ରୀ ଏବଂ ସେବା ବାଣିଜ୍ୟ, ନିବେଶ ପ୍ରୋତ୍ସାହନ, ଉତ୍ପତ୍ତି ନିୟମ, ବୌଦ୍ଧିକ ସମ୍ପତ୍ତି ଅଧିକାର, ଟିବିଟି/ଏସପିଏସ ପଦକ୍ଷେପ, ଅର୍ଥନୈତିକ ସହଯୋଗ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସମେତ ବିଭିନ୍ନ ଅଧ୍ୟାୟ ଅନ୍ତର୍ଭୁକ୍ତ ହୋଇଥିଲା,' ମନ୍ତ୍ରଣାଳୟ କହିଛି। ଉଭୟ ପକ୍ଷ ସିଇପିଏ ଆଲୋଚନାର ଏକ ପ୍ରାରମ୍ଭିକ ଏବଂ ସମୟସୀମା ସମାପ୍ତ ପାଇଁ ସେମାନଙ୍କର ମିଳିତ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଛନ୍ତି, ଯାହାର ଲକ୍ଷ୍ୟ ବଜାର ପ୍ରବେଶକୁ ବୃଦ୍ଧି କରିବା, ଯୋଗାଣ ଶୃଙ୍ଖଳା ସ୍ଥିରତାକୁ ସୁଦୃଢ଼ କରିବା ଏବଂ ଅର୍ଥନୈତିକ ଏକୀକରଣକୁ ଗଭୀର କରିବା। 'ପେରୁ ଏବଂ ଚିଲି ସହିତ ଭାରତର ବର୍ଦ୍ଧିତ ବାଣିଜ୍ୟ ସମ୍ପର୍କ ପାରସ୍ପରିକ ଲାଭଦାୟକ ଏବଂ ବ୍ୟାପକ ଆର୍ଥିକ ସହଯୋଗ ଢାଞ୍ଚା ମାଧ୍ୟମରେ ଲାଟିନ ଆମେରିକୀୟ କ୍ଷେତ୍ର ସହିତ ଦୃଢ଼ ସହଭାଗୀତା ଗଠନ ଉପରେ ଏହାର ରଣନୈତିକ ଧ୍ୟାନକୁ ପ୍ରତିଫଳିତ କରେ,' ମନ୍ତ୍ରଣାଳୟ କହିଛି।

## ବିକାଶ ପାଇଁ ଅଣ୍ଟା ଭିଡିଲେ ଜୟଦେବ ଠିକାଦାର ସଂଘ

**ବାଲିପାଟଣା: ଏକ୍ସପ୍ରେସ ନ୍ୟୁଜ୍**



ଜୟଦେବ ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ଅଣ୍ଟା ଭିଡିଲା ଆମ ଜୟଦେବ ଠିକାଦାର ମହାସଂଘ। ସଂଘର ଚତୁର୍ଥ ବାର୍ଷିକ ଅଧିବେଶନ ଅବସରରେ ଗୁରୁବାର ବାଲିପାଟଣା ଓ ବାଲିଅନ୍ତା ବ୍ଲକର ଶତାଧିକ ଠିକାଦାର ଏକତ୍ରିତ ହୋଇ ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ଜୟଦେବ ବିଧାୟକ ନବ କିଶୋର ମଲ୍ଲିକଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ସମାଜସେବୀ ତଥା ସଂଘର ଉପଦେଷ୍ଟା କମଳ କୁମାର ପାତ୍ର ଉପସ୍ଥିତ ରହି ସଂଘର ସମସ୍ୟା ଗୁଡିକ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ। ବାଲିପାଟଣା ଓ ବାଲିଅନ୍ତା ବ୍ଲକର ଉନ୍ନୟନମୂଳକ କାର୍ଯ୍ୟକୁ କିପରି ତ୍ୱରାନ୍ୱିତ କରାଯିବ ଏବଂ ଆଗକୁ କିପରି ଏହି ବ୍ଲକ ଦ୍ୱୟରେ ବିକାଶ ହୋଇପାରିବ ସେସମ୍ପର୍କରେ ଶ୍ରୀଯୁକ୍ତ ପାତ୍ର ଏବଂ ବିଧାୟକ ଠିକାଦାରମାନଙ୍କୁ ପରାମର୍ଶ ଦେବା ସହିତ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ଠିକାଦାର ମହାସଂଘର ସମ୍ପାଦକ ଦିଲ୍ଲିପ କୁମାର ଜେନାଙ୍କ ଆହ୍ୱାନରେ ଆଜି ସଂଘକୁ ନୂତନ କରି ସଙ୍ଗଠିତ କରାଯିବା ସହିତ ଆଗକୁ ଉଭୟ ବ୍ଲକର ସମସ୍ତ ଠିକାଦାରମାନଙ୍କୁ ଏଥିରେ ଯୋଡ଼ିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହିତ ବୈଠକରେ ସର୍ବସମ୍ମତି କ୍ରମେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଯେପରିକି ଠିକାଦାରମାନେ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ଟେଣ୍ଡର ପକାଇବେ। ଯଦି କୌଣସି ସଦସ୍ୟ କମ ମୂଲ୍ୟରେ ଟେଣ୍ଡର ପକାନ୍ତି ସଂଘର ନିଷ୍ପତ୍ତି କ୍ରମେ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ ପଦକ୍ଷେପ ଗ୍ରହଣ କରାଯିବ। ସମସ୍ତ ସଦସ୍ୟ ସଂଘକୁ ଏବଂ ସଂଘର ନିଷ୍ପତ୍ତିକୁ ସମ୍ମାନର ସହିତ ଗ୍ରହଣ କରିବେ। ସମସ୍ତ ସଦସ୍ୟ ଆଖ ପାଖ ଅଞ୍ଚଳର କଣ୍ଟ୍ରାକ୍ଟରମାନଙ୍କୁ ସିଡ୍ୟୁଲ୍ ରେଟ୍‌ରେ ଟେଣ୍ଡର ପକାଇବା ପାଇଁ ସୂଚନା ଦେବେ। ଯାହାଦ୍ୱାରା କି ନୂତନ କାର୍ଯ୍ୟ କରିବା ପାଇଁ ବାଧା ଉପୁଜିଥାଏ। ଆଜିର କାର୍ଯ୍ୟକ୍ରମକୁ ମୋହନ ଚରଣ ମୁଖୀ, ରଶ୍ମିରଞ୍ଜନ ବଳୀୟାରସିଂହ, ଜଗନ୍ନାଥ ସାହୁ, ପ୍ରଦୀପ ସୁନ୍ଦରାୟ ଏବଂ ବିରଞ୍ଚି ନାରାୟଣ କର ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## 'କାନ୍ଥ'ର ଟ୍ରେଲର ରିଲିଜ୍



### ସିନେମାଫିନେମା ଟିଭିଫିବି

**ଚେନ୍ନାଇ: ଏକ୍ସପ୍ରେସ ନ୍ୟୁଜ୍**

ନିର୍ଦ୍ଦେଶକ ସେଲଭାମଣି ସେଲଭାରାଜଙ୍କ ବହୁ ପ୍ରତୀକ୍ଷିତ ପିରିୟଡ୍ ଡ୍ରାମା 'କାନ୍ଥ'ର ନିର୍ମାତା। ଯେଉଁଥିରେ ଅଭିନେତା ଦୁଲକର୍ ସଲମାନ ମୁଖ୍ୟ ଭୂମିକାରେ ଅଛନ୍ତି। ଗୁରୁବାର ଫିଲ୍ମର ଏକ ଜବରଦସ୍ତ ଟ୍ରେଲର ରିଲିଜ୍ କରିଛନ୍ତି, ଯାହା ବର୍ତ୍ତମାନ ପ୍ରଶଂସକ ଏବଂ ଫିଲ୍ମ ପ୍ରେମୀଙ୍କ ଉତ୍ସାହକୁ ବୃଦ୍ଧି କରିଛି।

ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ଅଭିନେତା ଦୁଲକର୍ ସଲମାନ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଟ୍ରେଲରର ଲିଙ୍କ୍ ସେୟାର କରିବାକୁ ତାଙ୍କ ସୋସିଆଲ ମିଡିଆ ଟାଇମଲାଇନ୍ସରେ ଯାଇଥିଲେ। ସେ ଲେଖିଛନ୍ତି, 'ଆଜି କାନ୍ଥର ଦୁନିଆ ଖୋଲିଛି ! ଟ୍ରେଲର ଏବେ ବାହାରକୁ !।'

ରିଲିଜ୍ ହୋଇଥିବା ଟ୍ରେଲରଟି ଏକ ଆକର୍ଷଣୀୟ ଡ୍ରାମାର ପ୍ରତିଶ୍ରୁତି ଦେଇଛି କାରଣ କାହାଣୀଟି ଟିକେ ମହାଦେବନ (ଡୁଲକର୍ ସଲମାନ) ନାମକ ଜଣେ ସୁପରଷ୍ଟାର ଏବଂ ତାଙ୍କ ପରାମର୍ଶଦାତା, ଆୟ୍ୟା (ସମୁଥିରକାନି) ନାମକ ଜଣେ ନିର୍ଦ୍ଦେଶକଙ୍କ ଚାରିପାଖରେ ଘୂରି ବୁଲିଛି। ଟ୍ରେଲରଟି ପୂର୍ବରୁ ରିଲିଜ୍ ହୋଇଥିବା ଟିଜର ଅପେକ୍ଷା ଅଧିକ ଆକର୍ଷଣୀୟ ବିବରଣୀ ପ୍ରଦାନ କରେ। ଟ୍ରେଲରରେ ଦେଖାଯାଇଛି ଯେ ଆୟା ମହାଦେବନଙ୍କୁ କହୁଛନ୍ତି ଯେ ସେ ପ୍ରଯୋଜକମାନଙ୍କୁ ଫିଲ୍ମର ହିରୋ ଭାବରେ ଗ୍ରହଣ କରିବାକୁ ବାଧ୍ୟ





କରିଛନ୍ତି। ଜଣେ କୃତଜ୍ଞ ମହାଦେବନ ଆୟାଙ୍କ ପାଦ ତଳେ ପଡ଼ିଯାଆନ୍ତି।

କିନ୍ତୁ, ଏକ ପ୍ରକାଶନରେ ପ୍ରକାଶିତ ଏକ ଖବର ଏବଂ ତା'ପରେ ଏକ ଫୋନ୍ କଲ୍ ଦୁଇ ଶକ୍ତିଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ସବୁକିଛି ପରିବର୍ତ୍ତନ କରିଦିଏ, ଯାହା ଅହଂକାରର ଦ୍ୱନ୍ଦ୍ୱ ସୃଷ୍ଟି କରେ। ମହାଦେବନ ଫିଲ୍ମଟି ହାତକୁ ନେଇ ଆୟାଙ୍କୁ ପାର୍ଶ୍ୱସ୍ଥ କରନ୍ତି ଏବଂ କୁହନ୍ତି ଯେ ଫିଲ୍ମଟି ତାଙ୍କ ପରାମର୍ଶ ଅନୁଯାୟୀ ମୁକ୍ତିଲାଭ କରିବ।

ସୁପରଷ୍ଟାର ଏବଂ ନିର୍ଦ୍ଦେଶକଙ୍କ ମଧ୍ୟରେ ସର୍ବୋଚ୍ଚତା ପାଇଁ ଯୁଦ୍ଧ ତୀବ୍ର ହୁଏ ଏବଂ କ୍ରସଫାୟାରରେ ଫସି ଯାଆନ୍ତି ନାୟିକା (ବାଘ୍ୟଶ୍ରୀ ବୋର୍ସେ)। ଆୟା ଗୋଟିଏ ପଟେ ପ୍ରତିଶ୍ରୁତି ଦିଅନ୍ତି ଯେ ସେ ଫିଲ୍ମରେ ତାଙ୍କ ଇଚ୍ଛା ଅନୁସାରେ ଅଭିନୟ କରିବେ, ଅନ୍ୟପଟେ ସେ ତାଙ୍କ ସହ-କଳାକାର ମହାଦେବନଙ୍କ ପ୍ରତି ଭାବନା ବିକଶିତ କରୁଥିବା ପରି ମନେହୁଏ। ଏହି ଆକର୍ଷଣୀୟ ନାଟକରେ କ'ଣ ଘଟେ ତାହା ହିଁ 'କାନ୍ଥ' ବିଷୟରେ। ଫିଲ୍ମଟି ପ୍ରଥମେ ସେପ୍ଟେମ୍ବର ୧୨ରେ ପରଦାକୁ ଆସିବାର ଯୋଜନା ଥିଲା। ତଥାପି, ଦଳ ପରେ ଫିଲ୍ମର ମୁକ୍ତିଲାଭକୁ ସ୍ଥଗିତ ରଖିବାକୁ ବାଛିଲା। ଏହା ଏବେ ନଭେମ୍ବର ୧୪ରେ ମୁକ୍ତିଲାଭ କରିବାର ଯୋଜନା ରହିଛି।

୧୯୫୦ ଦଶକର ମାଡ୍ରାସରେ ନିର୍ମିତ ଏକ ଆକର୍ଷଣୀୟ ପିରିୟଡ୍ ଡ୍ରାମାଟିକ୍ ଥ୍ରୀଲର, 'କାନ୍ଥ' ଦର୍ଶକଙ୍କୁ ସେହି ଯୁଗର ଆତ୍ମା ପାଖକୁ ନେଇଯିବାକୁ ଚେଷ୍ଟା କରିବ। ଏହା ସେହି ସମୟର ଏକ ମୁହୂର୍ତ୍ତକୁ କଏଦ କରେ ଯେତେବେଳେ ପରମ୍ପରା ଏବଂ ଆଧୁନିକତା ପରସ୍ପର ସହିତ ମୁହାଁମୁହିଁ ହୋଇଥିଲେ, ଯାହା ବ୍ୟକ୍ତିଗତ ଏବଂ ଗଭୀର କାହାଣୀକୁ ଜନ୍ମ ଦେଇଥିଲା।

## ସମୟପୂର୍ବ ଶିଶୁର ଜୀବନ ବଞ୍ଚାଇଲେ ସମ୍ ମେଡିକାଲ୍ ଟିମ୍

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**





ଜନ୍ମ ସମୟରେ ମାତ୍ର ୭୦୦ ଗ୍ରାମ ଓଜନ ସହ ଗୁରୁତର ସ୍ୱାସ୍ଥ୍ୟାବସ୍ଥାରେ ଥିବା ଏକ ସମୟପୂର୍ବ ଶିଶୁପୁତ୍ରର ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ -୧ର ଡାକ୍ତର ଓ ନର୍ସିଂ ଟିମ୍। କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ମହିଳା ୨୫ ସପ୍ତାହର ଜଣେ ଶିଶୁପୁତ୍ରକୁ ଜନ୍ମ ଦେଇଥିବା ବେଳେ ଗୁରୁତର ଅବସ୍ଥାରେ ଶିଶୁଟିକୁ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ନବଜାତ ଶିଶୁ ରୋଗ ବିଭାଗ ଏନ୍‌ଆଇସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଶିଶୁଟି ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବାରୁ ତାକୁ ପ୍ରାୟ ଅଢ଼େଇ ମାସ ପର୍ଯ୍ୟନ୍ତ ନନ୍ ଇନଭେସିଭ୍ ଭେଂଟିଲେସନ୍‌ରେ ରଖାଯାଇଥିଲା। ସମୟ ପୂର୍ବରୁ ଶିଶୁଟି ଜନ୍ମ ଗ୍ରହଣ କରିଥିବାରୁ ତା' ଶରୀରରେ ଅନେକ ସମସ୍ୟା ମଧ୍ୟ ଦେଖାଯାଇଥିଲା। ଶିଶୁଟିକୁ ଏନ୍‌ଆଇସିୟୁରେ ଡାକ୍ତର ଓ ନର୍ସମାନେ ସ୍ୱତନ୍ତ୍ର ଧ୍ୟାନ ଦେଇ ଚିକିତ୍ସା କରିଥିଲେ। ଶିଶୁଟିର ଅବସ୍ଥା ଖୁବ ଗୁରୁତର ଥିବା ଦୃଷ୍ଟିରୁ୧୦୦ ଦିନ ଏନ୍‌ଆଇସିୟୁରେ ରହିବା ପରେ ତାଙ୍କୁ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ କରାଯାଇଥିଲା।

ନବଜାତ ଶିଶୁ ରୋଗ ବିଭାଗର ମୁଖ୍ୟ ଡାକ୍ତର ଦେବାଶିଷ ନନ୍ଦଙ୍କ ନେତୃତ୍ୱରେ ଡାକ୍ତର ରତନ ଦାସ, ଡାକ୍ତର ବିଜୟ କୁମାର, ଡାକ୍ତର ବିନୀତ ପାଣିଗ୍ରାହୀ, ଡାକ୍ତର ଭାବଗ୍ରାହୀ ମଲ୍ଲିକ୍, ଡାକ୍ତର ଶ୍ରୁତି କର, ଡାକ୍ତର ପାୟଲ ପ୍ରଧାନ, ଡାକ୍ତର ଦେବୀପ୍ରସାଦ ସାହୁ, ଡାକ୍ତର ସୁରେଶ ତ୍ରିପାଠୀ, ଡାକ୍ତର ଶିତିକଣ୍ଠ ନାୟକ, ଡାକ୍ତର ପୁଜିଆ.ଜେ, ଡାକ୍ତର ସାରଥ ଚନ୍ଦ୍ରିକା ଏବଂ ଡାକ୍ତର କଳ୍ପିତା ସାହୁ ଶିଶୁଟିର ଚିକିତ୍ସା କରିଥିଲେ। ଶିଶୁଟି ସୁସ୍ଥ ହେବା ପରେ ଡାକ୍ତର ନନ୍ଦ ଖୁସି ବ୍ୟକ୍ତ କରିବା ସହ ତାଙ୍କ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।

# ବରଦିଆ ଦଳିତ ସାହି ରାସ୍ତା ଶୋଚନୀୟ





**୬।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗାଁମାନଙ୍କରେ ଜନସାଧାରଣମାନଙ୍କ ଯାତାୟତ ନିମନ୍ତେ କଂକ୍ରିଟ ରାସ୍ତାମାନ ନିର୍ମାଣ କରୁଥିବା ଡିଣ୍ଡିମ ପିଟୁଥିବାବେଳେ ଏବେ ବି ବହୁ ଗାଁ ରାସ୍ତା ଶୋଚନୀୟ ହୋଇଥିବା ଦେଖିବାକୁ ମିଳିଛି । ଏଭଳି ଏକ ଗାଁ ହେଉଛି ମାହାଙ୍ଗା ବ୍ଲକ ଅନ୍ତର୍ଗତ ଚାହାପଡା ପଞ୍ଚାୟତ ବରଦିଆ ଦଳିତ ସାହି ରାସ୍ତା । ଏବେ ଏହି ରାସ୍ତାଟି ଯାତାୟତ ଅନୁପଯୁକ୍ତ ହୋଇପଡଛି । ଏହି ରାସ୍ତାଟି ଖାଲ ଖମାରେ ପରିପୂର୍ଣ୍ଣ ହେବା ସହ ବର୍ଷା ଦିନେ କାଦୁଅ ପଚର ପଚର ହୋଇଥିବା ଦେଖିବାକୁ ମିଳଥାଏ । କୁନି କୁନି ପିଲାଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ବିଦ୍ୟାଳୟ, ମହାବିଦ୍ୟାଳୟ, ଥାନା, ଡାକ୍ତରଖାନା, ଡାକଘର, ବ୍ୟାଙ୍କ, ବ୍ଲକ, ତହସିଲ, ସାଲେପୁର ବଜାର,ତ୍ରିବେଣୀଶ୍ୱର ବଜାର ଆଦି ସ୍ଥାନକୁ ଯାତାୟାତ କରିଥାନ୍ତି । ବିଶେଷ କରି ଏହି ରାସ୍ତାଟି ନୁତାଙ୍ଗ–ଧର୍ମାଗତପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ସଂଯୋଗ କରୁଥିବାବେଳେ ଏହା ୫ ଫୁଟରୁ ତଳକୁ ରହିଅଛି । ଯାହାଫଳରେ ବର୍ଷା ହେଲେ ଏଠାରେ ଆଣ୍ଠୁଏ ପାଣି ଜମି ରହିଥାଏ । ଏହି ରାସ୍ତା ପାର୍ଶ୍ୱରେ ଗୋବରୀ ନଦୀ ପ୍ରବାହିତ ହେଉଅଛି । ଗୋବରୀ ନଦୀରେ ବନ୍ୟା ଆସିଲେ ଏହି ଗାଁ ଭିତରକୁ ପାଣି ପଶିଥାଏ । ଯାହା ଫଳରେ ଏଠାରେ ବସବାସ କରୁଥିବା ଲୋକମାନେ ପାଣି ଘେରରେ ରହିବା ସହ ଯାତାୟାତ ଠପ ହୋଇଯାଇଥାଏ । ଏପରିକି ବନ୍ୟା ସମୟାରେ ଏହି ଗାଁର ଲୋକମାନେ ଜରୁରିକାଳୀନ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି । ଏ ନେଇ ସ୍ଥାନୀୟ ଲୋକେ ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜନପ୍ରତିନିଧିଙ୍କ ନିକଟରେ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁନାହାନ୍ତି । ତେଣୁ କଟକ ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଏହି ଦଳିତ ସାହି ରାସ୍ତାଟିକୁ କଂକ୍ରିଟ ରାସ୍ତା କରିବା ପାଇଁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଶୁକ୍ରବାର– ଦ୍ୱିତୀୟା |
|---|---|
| ୭.୧୧.୨୦୨୫ | ନକ୍ଷତ୍ର– ରୋହିଣୀ, ବୃଷଚନ୍ଦ୍ର |

| | |
|---|---|
| **ମେଷ** | : ଅର୍ଥଚିନ୍ତା ବୃଦ୍ଧି ପାଇବ । |
| **ବୃଷ** | : ସମ୍ମାନିତ ହେବେ । |
| **ମିଥୁନ** | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| **କର୍କଟ** | : ବ୍ୟବସାୟରେ ଲାଭ ହେବ ଓ ଖୁସି ପାଇବେ । |
| **ସିଂହ** | : ପୁରୁଣା ବନ୍ଧୁ ମିଳନ ହେବ । |
| **କନ୍ୟା** | : ପୂର୍ବ କଥାକୁ ନେଇ ଅନୁତପ୍ତ କରିବେ । |
| **ତୁଳା** | : ଆଘାତପ୍ରାପ୍ତ ହେବେ । |
| **ବିଛା** | : କାର୍ଯ୍ୟ ସଫଳ ହେବ । |
| **ଧନୁ** | : ବ୍ୟବସାୟରେ ଲାଭବାନ ହେବେ। |
| **ମକର** | : ଖୁସି ଖବର ପାଇବେ । |
| **କୁମ୍ଭ** | : ଅସନ୍ତୋଷ ବୃଦ୍ଧି ପାଇବ । |
| **ମୀନ** | : ସହଯୋଗ ବୃଦ୍ଧି ପାଇବ । |

## ଆବେଦନର ୫ବର୍ଷ ପରେ ବି ବୃଦ୍ଧଙ୍କୁ ମିଳିନି ଭତ୍ତା

**କଟକ, ୬।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ମହାନଗର ନିଗମ ଅଧୀନ ୫୬ ନଂ ୱାର୍ଡ ଅନ୍ତର୍ଗତ କାଜିପାଟଣା ଗ୍ରାମରୁ ଆସିଛି ସାଂଘାତିକ ଅଭିଯୋଗ। ସମାଲ ସାହିର ସ୍ୱର୍ଗତ ରତ୍ନାକର ସାମଲଙ୍କ ପୁଅ ଅଶୋକ ସାମଲ ଲିଖିତ ଅଭିଯୋଗ ଆଣି କମିଶନରଙ୍କ ଅଭିଯୋଗ ପ୍ରକୋଷ୍ଠରେ ହଜାର ହୋଇ ୱାର୍ଡର ସିଓ (ଗୋଷ୍ଠୀ ସଂଗଠିକା)ଙ୍କ ତାଳତୁଳ, ପକ୍ଷପାତିତା ଓ ଭିନ୍ନ ଉଦ୍ଦେଶ୍ୟ ଯୋଗୁଁ ଅଶୋକ ଜଣେ ଦିନ ମଜୁରିଆ ଏବଂ ଅତ୍ୟନ୍ତ ଗରିବ ପରିବାରର ବ୍ୟକ୍ତି ହୋଇଥିବାରୁ ତାଙ୍କ ରୋଗିଣା ସ୍ତ୍ରୀ ଓ ଦୁଇ ପିଲାଙ୍କୁ ନେଇ ବହୁ ଦୟନୀୟ ଅବସ୍ଥାରେ ଜୀବିକା ନିର୍ବାହ କରନ୍ତି। ସେ ମଧୁବାବୁ ପେନସନ୍ ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା ନିମନ୍ତେ ଗତ ୨୦୨୧ ମସିହା ଡିସେମ୍ବର ୨୯ ତାରିଖ ଦିନ ଅନ୍‌ଲାଇନ୍ ଦ୍ୱାରା ସମସ୍ତ ପ୍ରମାଣପତ୍ର ଦାଖଲ କରିବା ସହିତ ବିକାଶ ଭବନ ସ୍ଥିତ ବସ୍ତି ଉନ୍ନୟନ ଅଧିକାରୀଙ୍କ ଅଫିସରେ ଦାଖଲ କରିଥିଲେ ମଧ ଆଜକୁ ପ୍ରାୟ ଆବେଦନର ୫ବର୍ଷ ବିତିଯାଇଥିଲେ ବି ଭତ୍ତା ପାଇବାରୁ ବଞ୍ଚିତ ଏହି ଦଳିତ ପରିବାର। ସେଥିପାଇଁ ସେ ସିଓ (ଗୋଷ୍ଠୀ ସଂଗଠିକା)ଙ୍କ ବିରୁଦ୍ଧରେ ଏହିପରି ଗୁରୁତର ଅଭିଯୋଗ ଆଣିବା ସହିତ ବର୍ତ୍ତମାନର ସିଓ ତାଙ୍କୁ ପୁନର୍ବାର ଆବଦେନ କରିବାକୁ ଧମକ ଦେବା ସହିତ ତାଙ୍କୁ ମାନସିକ ନିର୍ଯାତନା ଦେବା ସହିତ ବାରମ୍ବାର ବିକାଶ ଭବନ ଦୌଡ଼ାଇ ଦୌଡ଼ାଇ ନିରାଶ କରିଥିବାରୁ ସେ ଅଶୋକ ସମ୍ମାନ ଓ ଅନୁଗତ୍ୟର ସହିତ ତୁରନ୍ତ ତାଙ୍କ ଭତ୍ତା ମଞ୍ଜୁର କରିବା ପାଇଁ କମିଶନରଙ୍କ ନିକଟରେ ନିବେଦନ କରିଥିବା ଜଣାଯାଇଛି।

## ଗାଁରେ ବାଘ ପାଦଚିହ୍ନ ଗ୍ରାମବାସୀ ଆତଙ୍କିତ

**ଆନନ୍ଦପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ଆନନ୍ଦପୁର ବନଖଣ୍ଡ ଅଧୀନ ଷଡ଼ଙ୍ଗୀ ଗ୍ରାମରେ ବାଘ ପାଦଚିହ୍ନ ସ୍ପଷ୍ଟ ପରେ ଭୟଭୀତ ଅବସ୍ଥାରେ ଗାଁ ଲୋକେ । ସେପଟେ ବାଘର ପାଦଚିହ୍ନ ସ୍ପଷ୍ଟ ହେବା ପରେ ତୀକ୍ଷ୍ଣ ନଜର ରଖିଛି ବନ ବିଭାଗ । ଗାଁର ଜଣେ ଯୁବକ ମଙ୍ଗଳବାର ବିଳମ୍ବିତ ରାତିରେ ବାଘକୁ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ । ଗ୍ରାମବାସୀ ବନବିଭାଗକୁ ସଙ୍ଗେ ସଙ୍ଗେ ଖବର ଦେଇଥିଲେଛ ଖବର ପାଇ ଆନନ୍ଦପୁର ବନବିଭାଗ ଗାଁରେ ପହଞ୍ଚି ଚାଷଜମିରେ ପଡ଼ିଥିବା ପାଦଚିହ୍ନ ବାଘର ବୋଲି ସ୍ପଷ୍ଟ କରିଛନ୍ତି । ଆନନ୍ଦପୁରରେ ବାଘର ସ୍ଥିତି ବନବିଭାଗ ଜାହିର କରିବା ପରେ ଜଙ୍ଗଲ ନିକଟସ୍ଥ ଗାଁଲୋକେ ଭୟଭୀତ ହୋଇଛନ୍ତି । ଗତକାଲିଠାରୁ ବାଘକୁ ସନ୍ତୋଷପୁରୁ ବିଟ୍ ଅଞ୍ଚଳରେ ଦେଖିବାକୁ ମିଳିଥିବାବେଳେ ତା'ର ପାଦଚିହ୍ନକୁ ଅନୁସରଣ କରି ବନଭିଭାଗ କର୍ମଚାରୀ ହଦଗଡ଼ ଜଙ୍ଗଲ ଆଡ଼କୁ ଟ୍ରାପ୍ କରି ନିଆଯାଉଥିବା ଆନନ୍ଦପୁର ରେଞ୍ଜର ନବ ନାଏକ ସ୍ପଷ୍ଟ କରିଛନ୍ତି ।

# ବିଳମ୍ବିତ ପୁରୀ ରେଳ ଷ୍ଟେସନ ନିର୍ମାଣକୁ ନେଇ ଅସନ୍ତୋଷ

**ପୁରୀ, ୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



କେବେ ସରିବ ପୁରୀ ରେଳ ଷ୍ଟେସନ ପୁନଃନିର୍ମାଣ କାର୍ଯ୍ୟ ? ରେଳ ଯାତ୍ରୀଙ୍କୁ କେବେ ମିଳିବ ବିଶ୍ୱସ୍ତରୀୟ ସୁବିଧା? ନିର୍ମାଣ କାର୍ଯ୍ୟରେ ବିଳମ୍ବ ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ରେଳଯାତ୍ରୀ ମୌଳିକ ସୁବିଧା ନପାଇ ନାହିଁ ନଥିବା ଦୁର୍ଦଶା ଭୋଗୁଛନ୍ତିଛ କେନ୍ଦ୍ର ରେଳମନ୍ତ୍ରୀଙ୍କ ସମେତ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ସମୀକ୍ଷା ସତ୍ତ୍ୱେ ନିର୍ମାଣ କାର୍ଯ୍ୟରେ ସନ୍ତୋଷଜନକ ଅଗ୍ରଗତି ହୋଇପାରିନାହିଁ । ନିର୍ଦ୍ଧାରିତ ସମୟରେ ରେଳ ଷ୍ଟେସନ ପୁନଃନିର୍ମାଣ କାର୍ଯ୍ୟ ଶେଷ କରିବାରେ ଠିକାଦାର ସଂସ୍ଥା ବିଫଳ ହୋଇଛି । ଏହାସତ୍ତ୍ୱେ ଠିକାଦାରଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । କେବେ କାର୍ଯ୍ୟକ୍ଷମ ହେବ ପୁରୀରେ ବିଶ୍ୱସ୍ତରୀୟ ରେଳ ଷ୍ଟେସନ ସେଥିନେଇ ଅନିଶ୍ଚିତତା ଦେଖାଦେଇଛି । ପୁରୀ ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ କରିବା ପାଇଁ ୨୦୨୧–୨୨ ଆର୍ଥିକ ବର୍ଷରେ ଅମୃତ ଭାରତ ଯୋଜନାରେ ୧୬୧.୫ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା । ପରେ ଏହି ବ୍ୟୟ ଅଟକଳ ୧୭୭ କୋଟି ୪୧ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଥିଲା ।

୨୦୨୩ ମେ ୧୮ ତାରିଖରେ ପ୍ରଧାନମନ୍ତ୍ରୀ ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଦୁଇବର୍ଷ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଘୋଷଣା କରାଯାଇଥିଲା । ଏହି ଯୋଜନାରେ ପୁରୀ ରେଳ ଷ୍ଟେସନକୁ ଶୀତତାପ ନିୟନ୍ତ୍ରିତ କରିବା ସହ କଳିଙ୍ଗ ସ୍ଥାପତ୍ୟଶୈଳୀରେ ଚାରିତାଲା ବିଶିଷ୍ଟ କୋଠା ନିର୍ମାଣ କରାଯାଉଛି । ସେଥିରେ ଅତ୍ୟାଧୁନିକ ଓ ଆରାମଦାୟକ ବିଶ୍ରାମ ଗୃହ, ଯାତ୍ରୀ ପ୍ରତୀକ୍ଷାଳୟ, ଫୁଡ୍ କୋର୍ଟ, ଟିକଟ ବିକ୍ରୟ କେନ୍ଦ୍ର, ଜିନିଷ ରଖିବା ଘର, ବ୍ୟବସାୟିକ ଅଞ୍ଚଳ, ଉନ୍ନତ ପ୍ଲାଟଫର୍ମ, କର୍ମଚାରୀ ବିଶ୍ରାମ ଗୃହ, ଉନ୍ନତ ଗାଡ଼ି ପାର୍କିଂ, ଲିଫ୍ଟ, ସୁଦୃଶ୍ୟ ତୋରଣ ଆଦି ନିର୍ମାଣ କରାଯାଉଛି । ଏହାଛଡ଼ା ଏକ ଷ୍ଟେସନ – ଏକ ଉତ୍ପାଦ ବିକ୍ରୟ କେନ୍ଦ୍ର ନିର୍ମାଣ ହେଉଛି । ଏହା କାର୍ଯ୍ୟକ୍ଷମ ହେଲେ ପୁରୀବାସୀଙ୍କ ବହୁ ବର୍ଷର ଦାବି ଓ ସ୍ୱପ୍ନ ସାକାର ହେବ ।

ରେଳ ଷ୍ଟେସନ ପୁନଃନିର୍ମାଣ ପାଇଁ ପୁରୁଣା କୋଠା ଭାଙ୍ଗି ଦିଆଯାଉଛି । ଷ୍ଟେସନ ପରିସରରେ ଅସ୍ଥାୟୀ ଟିକଟ ବିକ୍ରି ଗୃହ, ଜିନିଷ ରଖିବା ଘର, ରେଳବାଇ ପୁଲିସ ଥାନା ପ୍ରସ୍ତୁତ କରାଯାଇଛି । ରେଳଯାତ୍ରୀ ଟିକଟ ବିକ୍ରୟ କେନ୍ଦ୍ର ସମ୍ମୁଖ ଚଟାଣରେ ବିଶ୍ରାମ କରୁଛନ୍ତି । ଶୌଚାଳୟ ଓ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଛି । କିନ୍ତୁ ନିର୍ମାଣ କାର୍ଯ୍ୟ ଶେଷ ହେବାର ନାଁ ଧରୁନାହିଁ । ଠିକାଦାରଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିର୍ମାଣ ଅବଧି ବାରମ୍ବାର ବୃଦ୍ଧି କରାଯାଉଛି । ନିର୍ମାଣ କାର୍ଯ୍ୟର ଗୁଣାତ୍ମକ ମାନ ନେଇ ମଧ ପ୍ରଶ୍ନ ସୃଷ୍ଟି ହୋଇଛି । ରେଳ ଷ୍ଟେସନ ନିର୍ମାଣ ବିଳମ୍ବ ନେଇ କେତେକ ବ୍ୟକ୍ତି ଏକ୍ସ ଯୋଗେ ପ୍ରଧାନମନ୍ତ୍ରୀ ଓ ରେଳ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ଅଭିଯୋଗ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଖୋର୍ଦ୍ଧା ରେଳ ପ୍ରବନ୍ଧକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରେଳ ଷ୍ଟେସନ ପୁନଃନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରାଯିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ନୟାଗଡ଼ : ଏକ୍ସପ୍ରେସ୍ ନ୍ୟୁଜ୍**

ନୟାଗଡ଼ ଜିଲ୍ଲା ରଣପୁର ଥାନା ରାଜସୁନାଖଳା ଫାଣ୍ଡି ଅନ୍ତର୍ଗତ ନୂଆ ପୋଖରୀ ହୁଡାରୁ କାର୍ତ୍ତିକ ପୂର୍ଣ୍ଣିମା ଅପରାହ୍ନରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ରାଜସୁନାଖଳା ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ଫାଣ୍ଡି ନିରୀକ୍ଷକ ପ୍ରିତି ପ୍ରକାଶ ମହାନ୍ତିଙ୍କୁ ଘଟଣା ସମ୍ପର୍କରେ ଖବର ଦେଇଥିଲେ । ଫାଣ୍ଡି ନିରୀକ୍ଷକ ମହାନ୍ତି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ । ମୃତକ ହେଉଛନ୍ତି ଢେଙ୍କାନାଳ ଜିଲ୍ଲା ଗୁମୁଶିଙ୍ଗା ଥାନା ଅଳାବେରଣୀ ଗାଁର ଉମାଜୀ ନାୟକଙ୍କ ପୁଅ ଆକାଶ ନାୟକ(୨୩) । ଆକାଶଙ୍କ ମା' ମାନସୀ ନାୟକଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅକୁ ୬ ମାସ ତଳେ ଜଣେ ଯୁବତୀ ପ୍ରବର୍ତ୍ତାଇ କେଉଁଆଡେ ନେଇଯାଇଥିଲେ । ପରିବାର ଲୋକେ ଖୋଜାଖୋଜି କରି ପାଉ ନ ଥିଲେ । ବୁଧବାର ଉକ୍ତ ଯୁବତୀଙ୍କ ବାପା ନୟାଗଡ଼ ଜିଲ୍ଲା ରାଜ ସୁନାଖଳା ଫାଣ୍ଡି ଅଞ୍ଚଳରେ ଆକାଶ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା କହିଥିଲେ । ପରିବାର ଲୋକ ଫାଣ୍ଡିରେ ପହଞ୍ଚି ପୁଅ ମୃତ୍ୟୁ ପାଇଁ ଉକ୍ତ ଯୁବତୀ ଏବଂ ତାଙ୍କ ପରିବାର ବିରୋଧରେ ଅଭିଯୋଗ କରିଥିବା ଜଣାପଡିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନ୍ତ ଆଗକୁ ବଢ଼ିବ ବୋଲି ନିରୀକ୍ଷକ ମହାନ୍ତି କହିଛନ୍ତି ।

## ୩ ବନ କର୍ମଚାରୀଙ୍କୁ ନିଲମ୍ବିତ

**ବାରିପଦା, ୬।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାରିପଦା ବେତନଟୀ ରେଞ୍ଜର ବନପାଳ ଏବଂ ଦୁଇ ବନରକ୍ଷୀଙ୍କୁ ନିଲମ୍ବନ କରାଯାଇଛି । ହାତୀ ମୃତ୍ୟୁ ଘଟଣାରେ ଏହି ୩ ବନ କର୍ମଚାରୀ ନିଲମ୍ବିତ ହୋଇଛନ୍ତି । ସୂଚନାନୁଯାୟୀ, ବେତନଟୀ ରେଞ୍ଜରେ ବିଭିନ୍ନ ସ୍ଥାନରେ ୨୦ରୁ ଅଧିକ ଝାଡ଼ଖଣ୍ଡୀ ହାତୀ ବୁଲୁଥିବାବେଳେ ଏକ ଦନ୍ତା ହାତୀ ଶନିବାର ରାତିରେ ଜଙ୍ଗଲରୁ ବାହାରି ଆଗ୍ରିଆ ରେଲୱେ ଫାଟକ ନିକଟରେ ରେଳ ଧାରଣା ଅତିକ୍ରମ କରୁଥିବାବେଳେ ହଠାତ ଶାଲିମାରରୁ ବାରିପଦା ଅଭିମୁଖେ ଯାଉଥିବା ଦ୍ରୁତଗାମୀ ଶାଲିମାର୍–ପୁରୀ ଏକ୍ସପ୍ରେସ ସମ୍ମୁଖରେ ପଡିଯାଇଥିଲା । ଘଟଣାସ୍ଥଳରେ ହିଁ ହାତୀଟିର ଜୀବନ ଚାଲିଯାଇଥିଲା । ବେତନଟୀ ବନାଞ୍ଚଳରେ ହାତୀମାନେ ବିଭିନ୍ନ ସମୟରେ ଜନବସତି, ରାଜପଥ, ସଡକପଥ ଓ ରେଳପଥ ଉପରେ ଯାତାୟତ କରୁଥିବାବେଳେ ବନବିଭାଗ ଠିକ ଦୃଷ୍ଟି ଦେଇନଥିବାରୁ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି ।

## ପାଣି ପାଇଁ ୨୬ ନଂ ଜାତୀୟ ରାଜପଥ ଅବରୋଧ

**ବଲାଙ୍ଗୀର, ୬।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ କେରମେଲି ପଞ୍ଚାୟତ ଲାତୁଟ ଗ୍ରାମବାସୀ ପାନୀୟ ଜଳ ପାଇଁ ୨୬ ନଂ ଜାତୀୟ ରାଜପଥ ଅବରୋଧ କରିଛନ୍ତି । ଶତାଧିକ ଗ୍ରାମବାସୀ ଗରା, ବାଲ୍‌ଟି ଧରି ଜାତୀୟ ରାଜପଥରେ ଧାରଣା ଦେଇଛନ୍ତି ।



ସୂଚନା ମୁତାବକ, ଲାତୁଟ ଗ୍ରାମବାସୀ ବ୍ଲକ ପ୍ରଶାସନକୁ ବାରମ୍ବାର ପାନୀୟ ଜଳ ଯୋଗାଣ ପାଇଁ ଅନୁରୋଧ କରିଥିଲେ ହେଁ ବ୍ଲକ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଉ ନଥିବା ଅଭିଯୋଗ କରିଛନ୍ତି । ପୂର୍ବରୁ ଦୁଇଥର ଜାତୀୟ ରାଜପଥ ଅବରୋଧ କରିବା ପାଇଁ ଗ୍ରାମବାସୀ ପ୍ରସ୍ତୁତି ଚଲାଇଥିବାବେଳେ ପ୍ରଶାସନ ଯଥାଶୀଘ୍ର ପାନୀୟ ଜଳ ଯୋଗାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ଅଦ୍ୟାବଧି ପ୍ରଶାସନ ତରଫରୁ ଜଳ ଯୋଗାଣ ପାଇଁ କୌଣସି ପଦକ୍ଷେପ ନିଆ ନଯିବାରୁ ଗୁରୁବାର ସକାଳ ପ୍ରାୟ ସାଢ଼େ ୮ଟାରୁ ଲାତୁଟ ଗାଁର ଶତାଧିକ ଗ୍ରାମବାସୀ ଗରା, ବାଲ୍‌ଟିଧରି ଜାତୀୟ ରାଜପଥ ଅବରୋଧ କରିଥିଲେ ।

# ଗାଡି ଚୋର ରାକେଟ ଠାବ : ୫ ଗିରଫ

**ବୈଶିଙ୍ଗା, ୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**







ବାଙ୍ଗିରିପୋଷି ଥାନା ଅଞ୍ଚଳରୁ ଚୋରି ପିକ୍‌ଅପ୍ ଭ୍ୟାନଗୁଡିକ ବୈଶିଙ୍ଗା ଅଞ୍ଚଳରେ ଥିବା ଗ୍ୟାରେଜରୁ ଉଦ୍ଧାର କରାଯାଇଥିବା ବେଳେ ୪ ଜଣ ଚୋରଙ୍କୁ ମଧ ଗିରଫ କରାଯାଇଥିବା ଜଣାଯାଇଛି । ବାଙ୍ଗିରିପୋଷି ଥାନାରେ ପିକ ଅପ ଭ୍ୟାନ ଚୋରି ସମ୍ବନ୍ଧରେ ଅଭିଯୋଗ ହେବା ପରେ ଥାନାଧିକାରୀଙ୍କ ନିର୍ଦ୍ଦେଶରେ ଏସ ଆଇ ଦେବାଶିଷ ମଣ୍ଡଳଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ୩/୪ ଦିନ ଧରି ବୈଶିଙ୍ଗା ଅଞ୍ଚଳରେ ଥିବା ବିଭିନ୍ନ ଗ୍ୟାରେଜ ଗୁଡିକରେ ଚଢାଉ ଜାରି ରଖିଥିଲେ । ମଙ୍ଗଳବାର ସାରା ରାତି ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ପୋଲିସ ସହାୟତାରେ ଠାବ କରା ଯାଇଥିବା ଗାଡି ଓ ଚୋରମାନଙ୍କୁ ଧରିବାରେ ସଫଳ ହୋଇଥିଲେ ବାଙ୍ଗିରିପୋଷୀ ପୋଲିସ । ସେହି ଗାଡି ଚୋର ମାନଙ୍କ ମଧ୍ୟରେ ବୈଶିଙ୍ଗା ଥାନା ଅଧିନ ପୁରୁଣିଆ ଗ୍ରାମର କମଳ ଲୋଚନ ପାତ୍ରଙ୍କ ପୁତ୍ର ଉତ୍ତମ ପାତ୍ର, କଦଳିଆ ଗ୍ରାମର ବନମାଳୀ ବେହେରାଙ୍କ ପୁତ୍ର ଲକ୍ଷ୍ମୀଧର ବେହେରା(୩୯), ରୁପସା ଅଞ୍ଚଳର ଏ ବିଜୟ କୁମାର ବାରିକଙ୍କ ପୁତ୍ର ରଜତ କୁମାର ବାରିକ (୩୫), ଗଗନ ମହାନ୍ତିଙ୍କ ପୁତ୍ର ଗଣେଶ୍ୱର ମହାନ୍ତି (୩୦), ଜଙ୍ଗରାଇ ଗ୍ରାମର ସେକ୍ ଇନସୁଦ୍ଦିନର ପୁତ୍ର ସେକ୍ ନୁରୁଦ୍ଦିନ / ପୁଷ୍ପା (୨୬)ଙ୍କୁ ବାଙ୍ଗିରୀପୋଷୀ ପୋଲିସ ଗିରଫ କରି ନେଇ ଯାଇଥିବା ଜଣାଯାଇଛି ଯେଉଁ ଗାଡି ଦୁଇଟି ଜବତ କରାଯାଇଛି ସେ ଦୁଇଟି ହେଲା ଓଡି ୧୧ ସି –୫୪୦୯ ନମ୍ବର ବିଶିଷ୍ଟ ବୋଲେରୋ ଏବଂ ଓଆର ୦୫ ଏଏଫ୍–୫୭୦୯ ନମ୍ବର ପିକ ଅପ ବୋଲି ଜଣାଯାଇଛି । ଏହି ସଫଳତା ପାଇଁ ବାଙ୍ଗିରୀପୋଷୀ ପୋଲିସକୁ ଧନ୍ୟବାଦ ଜଣାଯାଇଛି ।

## ଟ୍ରକ୍ ଦୁର୍ଘଟଣାରେ ଛାତ୍ର ମୃତ

**ଧର୍ମଶାଳା, ୬।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ନାକପୋଲ–ମାଣ୍ଡିଆ ରାସ୍ତାର ଛେଳିଆପଦା ଗାଁ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା । ଗୁରୁବାର ସକାଳେ ଏକ ଟ୍ରକ୍ ଦୁର୍ଘଟଣାରେ ଜଣେ ସ୍କୁଲ ଛାତ୍ରର ମୃତ୍ୟୁ ଘଟିଛି । ଦୁର୍ଘଟଣା ପରେ କ୍ଷତିପୂରଣ ଦାବି କରି ଧାରଣାରେ ବସି ରାସ୍ତାରେ ଭାରି ଯାନ ଚଳାଚଳକୁ ସବୁଦିନ ପାଇଁ ବନ୍ଦ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ ।

ସୂଚନା ମୁତାବକ, ଗଣେଶ ଘଡାଇଙ୍କ ୯ ବର୍ଷର ପୁଅ ସାଇକେଲରେ ଗାଁ ରାସ୍ତାରେ ଆସୁଥିବା ବେଳେ ନାକପୋଲ ଆଡୁ ଯାଉଥିବା ଏକ ଟ୍ରକ୍ ତାଙ୍କ ଉପରେ ଚଢି ଯାଇଥିଲା । ତାଙ୍କୁ ତୁରନ୍ତ ପରିବାର ପକ୍ଷରୁ ଧର୍ମଶାଳା ମେଡିକାଲ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ମୃତ୍ୟୁରେ ପରିବାର ଓ ଗାଁ କାନ୍ଦ ବୋବାଳିରେ ଫାଟି ପଡୁଛି । ସେପଟେ ଗ୍ରାମବାସୀ ରାସ୍ତା ଉପରେ କ୍ଷତିପୂରଣ ଦାବି କରି ଧାରଣାରେ ବସିଛନ୍ତି । ଏହା ସହ ରାସ୍ତାରେ ଭାରି ଯାନ ଚଳାଚଳ ସବୁଦିନ ପାଇଁ ବନ୍ଦ କରିବାକୁ ମଧ ଦାବି କରୁଛନ୍ତି । ଏସମ୍ପର୍କରେ ଖବର ପାଇ ଘଟଣାସ୍ଥଳରେ ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ପହଞ୍ଚିଛନ୍ତି । ଟ୍ରକ୍ ଡ୍ରାଇଭରକୁ ଗ୍ରାମବାସୀ ଏକ ଘର ମଧ୍ୟରେ ବନ୍ଦ କରି ରଖିଥିବା ଜଣାପଡ଼ିଛି ।



## ଖତ ଖାଉଛି ଲକ୍ଷାଧିକ ଟଙ୍କାର ଦୁଇଟି ଓପିଡି ଟିକଟ୍ ମେସିନ

**ନବରଙ୍ଗପୁର, ୬।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନବରଂଗପୁର ଜିଲ୍ଲା ହସ୍ପିଟାଲ୍ ରୋଗୀସେବା ଆଧୁନିକୀକରଣ କାର୍ଯ୍ୟକ୍ରମ ଫେଲ୍ ମାରିଛି । ଅନଲାଇନ୍ ପଞ୍ଜୀକରଣ, ଭେଣ୍ଡିଂ ମେସିନ୍‌ରୁ ଓପିଡି ପ୍ରେସକ୍ରିପସନ୍ ସଂଗ୍ରହ ଏକପ୍ରକାର ଅଚଳ ହୋଇଯାଇଛି । ଲକ୍ଷାଧିକ ଟଙ୍କାର ଦୁଇଟି ଓପିଡି ଟିକଟ୍ ମେସିନ ଖତଖାଉଛି । ଦୁଇଟି ଯାକ ସୋ' ପିସ୍ (ପ୍ରଦର୍ଶନ) କରି ରଖାଯାଇଛି । ଅବହେଳା, ପରିଚାଳନାଗତ ତ୍ରୁଟି ଲାଗି ରୋଗୀ ଏବଂ ସମ୍ପର୍କୀୟ ହଇରାଣ ହେଉଛନ୍ତି । ଅନ୍‌ଲାଇନ୍ ସେବା ଉପଲବ୍ଧ ନଥିବାରୁ ପଞ୍ଜୀକରଣ କାଉଣ୍ଟରରେ ପ୍ରବଳ ଭିଡ଼ ଲାଗୁଛି । ସ୍ୱାସ୍ଥ୍ୟସେବାକୁ ଡିଜିଟାଲାଇଜ୍ କରିବା ଯୋଜନାରେ ଡି ଏଚଏନ୍‌କୁ ଅଣାଯାଇଥିଲା ୨ ଓପିଡି ଟିକଟ ମେସିନ୍ । ପୁରୁଣା ଡିଏଚ୍‌ଏଚ୍‌ର ଦୁଇ ପ୍ରବେଶ ପାର୍ଶ୍ୱରେ ଏହାକୁ ସୋ' ପିସ୍ ଭଳି ରଖାଯାଇଛି । ଉଦ୍ଦେଶ୍ୟ ଥିଲା ରୋଗୀ ମୋବାଇଲ୍ ଫୋନ୍‌ରେ 'ଇ–ସ୍ୱାସ୍ଥ୍ୟ' ପୋର୍ଟାଲକୁ ଯାଇ ନିଜ ବାବଦରେ ସଠିକ ତଥ୍ୟ ଦେଇ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିପାରିବେ । କ୍ୟୁଆର୍ କୋଡ୍ ସ୍କାନ୍ କରି ଓପିଡି ଟିକଟ୍ ନେଇ ନିର୍ଦ୍ଧାରିତ ସମୟରେ ଡାକ୍ତରଙ୍କୁ ଭେଟି ପାରିବେ । ଯଦ୍ୱାରା ଲମ୍ବା ଲାଇନ୍‌ରୁ ମୁକ୍ତି ମିଳିବ ଏବଂ ଓପିଡି ଟିକଟରେ ରହୁଥିବା ତଥ୍ୟଗତ ତ୍ରୁଟିରେ ସୁଧାର ଆସିବ । ତେବେ ଏହା କାମ ନ କରିବାରୁ ଏହି ସୁବିଧା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ପାଉ ନାହାନ୍ତି ।

ଡାକ୍ତରଖାନାକୁ ଆସିଥିବା ଜଣେ ରୋଗୀ ସମ୍ପର୍କୀୟ କହିଛନ୍ତି, ଅନଲାଇନ୍ ବ୍ୟବସ୍ଥା ଭଲ ଥିଲା । ବାଇକ୍‌ରେ କ୍ୟୁ'ଆର କୋଡ୍ ସ୍କାନ୍ କରି ଓପିଡି ଟିକଟ ନେଇ ଡାକ୍ତରଙ୍କୁ ଭେଟିବା ନିଶ୍ଚିତ ରୂପେ ସ୍ୱାଗତଯୋଗ୍ୟ । ଯଦ୍ୱାରା ପଞ୍ଜୀକରଣ ଲମ୍ବା ଲାଇନ୍‌ରୁ ମୁକ୍ତି ମିଳିବା ସହ ଅଯଥା ସମୟ ନଷ୍ଟ ହେବ ନାହିଁ । ଅପରପକ୍ଷରେ ଓପିଡି ଟିକଟ ଲାଗି କାଉଣ୍ଟରରେ ଲମ୍ବା ଲାଇନ୍‌ରେ ଅପେକ୍ଷା କରିବାକୁ ପଡୁଛି । ଡାକ୍ତରଖାନା କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ଦରକାର ବୋଲି ଦାବି ହୋଇଛି । ଲୋକେ ଏହାକୁ କିଭଳି ପରିଚାଳନା କରିବେ ଜାଣି ପାରୁ ନଥିବାରୁ ଏହାକୁ ବନ୍ଦ କରି ରଖାଯାଇଛି ।

### ସରକାରୀ ନିୟମର ଖୋଲା ଉଲ୍ଲଂଘନ

# ପରିବହନ ଅଧିକାରୀ ଓ ଶୋ'ରୁମ ମାଲିକଙ୍କ ମଧ୍ୟରେ ମଧୁଚନ୍ଦ୍ରିକା

**କୋରାପୁଟ, ୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ଓ ପରିବହନ କମିଶନରଙ୍କ ନିର୍ଦ୍ଦେଶକୁ ମାନୁ ନାହାନ୍ତି ପରିବହନ ଅଧିକାରୀ ଓ ଗାଡି ବିକ୍ରେତା ମାଲିକ । ସରକାରଙ୍କ ନିୟମ ରହିଛି ଯେ କୌଣସି ଗାଡି ବିକ୍ରି କଲେ ବିକ୍ରେତା ବିନା ହାଇ ସିକ୍ୟୁରିଟି ନମ୍ବର ପ୍ଲେଟରେ ଗାଡି ଗ୍ରାହକଙ୍କୁ ହସ୍ତାନ୍ତର କରିପାରିବେ ନାହିଁ, କିନ୍ତୁ ଗାଡି ବିକ୍ରେତା ଶୋ'ରୁମ ମାଲିକ ଏହି ନିୟମକୁ ଫୁ' କରି ଉଡେଇ ଦେଇଛନ୍ତି । ଏମିତିକି ଅନେକ ଦୁଇ ଚକିଆ ଯାନ ଓ ଟ୍ରାକ୍ଟର ଗାଡି ବିକ୍ରେତା ବିନା ହାଇ ସିକ୍ୟୁରିଟି ନମ୍ବର ପ୍ଲେଟରେ ଗାଡି ବିକ୍ରି କରି ସରକାରଙ୍କ ନିୟମ ଓ ପରିବହନ କମିଶନରଙ୍କ ଆଦେଶର ଧଜିୟା ଉଡେଇ ଦେଇଛନ୍ତି । କୋରାପୁଟ ଜିଲ୍ଲାରେ ବେଆଇନ ଭାବେ ଅନେକ ଶୋ'ରୁମ ଖୋଲି ବେନିୟମ ଭାବେ ଗାଡି ବିକ୍ରି କରୁଥିବା ଅଭିଯୋଗ ଆସିବା ପରେ ପରିବହନ ବିଭାଗ ଧର୍ମକୁ ଆଖିଠାର ଭଳି କୋରାପୁଟ ଭବାନୀ ନଗରଠାରେ ଥିବା ହିନ୍ଦୁସ୍ତାନ ସେଲସ ଟିଭି ଏସ ଶୋ'ରୁମର କେତୋଟି ଗାଡିକୁ ଚାଲାଣ କରି ଚୁପ ବସି ଯାଇଥିବା ବେଳେ ଶୋ'ରୁମ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇଛି କି ନାହିଁ ତାହା ମଧ ସନ୍ଦେହ ଘେରରେ । ତେବେ ରାଜ୍ୟ ସରକାର ପରିବହନ ଅଧିକାରୀମାନଙ୍କୁ ନିୟମ ଖିଲାପକାରୀ ଗାଡି ବିକ୍ରେତା ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହି କ୍ଷେତ୍ରରେ ପରିବହନ ବିଭାଗ ଜାଣିଶୁଣି ଶୋଇ ରହିଛି ନା ଗାଡି ବିକ୍ରେତା ମାଲିକଙ୍କ ସହ କିଛି ଭିତିରିଆ ମୋଟା ଅଙ୍କର ଅର୍ଥ କାରବାର କରି ଆଖିରେ ଅନ୍ଧର ପଟି ବାନ୍ଧି ଚୁପ ବସି ଯାଇଛି । ରାଜ୍ୟ ସରକାର ଜନ ସାଧାରଣଙ୍କ ସୁବିଧା ନିମନ୍ତେ ନିୟମ ପ୍ରଣୟନ କରୁଥିବା ବେଳ ଏହାର ତଦାରଖ କାମରେ ନିୟୋଜିତ ଥିବା ସରକାରୀ ଅଧିକାରୀମାନେ ନିୟମର ଧଜିଆ ଉଡେଇ ନିଜର ପକେଟ ଗରମ କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ତେବେ ଏହିଭଳି କିଛି ଘଟଣା ଦେଖିବାକୁ ମିଳିଛି କୋରାପୁଟ ପରିବହନ ଅଧିକାରୀଙ୍କ କ୍ଷେତ୍ରରେ । କିଛି ଦିନ ତଳେ ଏକ ନମ୍ବର ବିହୀନ ହୋଣ୍ଡା ଆକ୍ଟିଭା ସ୍କୁଟି ଗାଡିକୁ ଗାଡି ଯାଞ୍ଚ ସମୟରେ ଜବତ କରିବା ସହ ଚାଲାଣ କରିଥିଲେ, କିନ୍ତୁ ଏହି ଗାଡି ବିକ୍ରେତା ଶୋ'ରୁମ ବିପକ୍ଷରେ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ଚାଲାଣ କଟାଯାଇ ନାହିଁ । ତେବେ ପ୍ରଶ୍ନ ଉଠୁଛି ବିନା ନମ୍ବର ପ୍ଲେଟରେ ଗାଡି ବିକ୍ରି କଲେ ଉକ୍ତ ଶୋ'ରୁମ ବିରୋଧରେ ସରକାରଙ୍କ ନିୟମ ଅନୁସାରେ ଧାରା ୧୮୨–ଅ୧ ଆଧାରରେ ଏକ ଲକ୍ଷ ଟଙ୍କା ଚାଲାଣ କଟାଯିବା ସହ ଚାଳକଙ୍କୁ ଧାରା ୧୯୨ ଆଧାରରେ ପ୍ରଥମ ଅପରାଧ ପାଇଁ ୫୦୦୦/– ଟଙ୍କା ପ୍ରାବଧାନ ରହିଛି, କିନ୍ତୁ କୋରାପୁଟ ପରିବହନ ଅଧିକାରୀମାନେ ଏହି ନିୟମକୁ ମାନୁ ନାହାନ୍ତି । ଆହୁରି ମଧ ଦେଖିବାକୁ ମିଳିଛି କିଛି ଦିନ ପୂର୍ବେ ଖୋଦ ଏମଭିଆଇ ମ୍ୟାଡ଼ାମ ଏକ ନମ୍ବର ବିହୀନ ହିରୋ ମଟର ସାଇକେଲକୁ ଜବତ କରି ଥାନାରେ ରଖିଥିଲେ, ଯାହାକି ଗ୍ରାହକ ସେମିଲିଗୁଡା ହିରୋ ଶୋରୁମରୁ ଗାଡି କିଣିଥିବା ସୂଚନା ରହିଥିବା ବେଳେ ଏହି କ୍ଷେତ୍ରରେ ଉକ୍ତ ଶୋ'ରୁମ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବାର ନଜିର ରହିଛ । ତେବେ କାହା ସ୍ୱାର୍ଥରେ କୋରାପୁଟ ପରିବହନ ଅଧିକାରୀ ଏହି ଶୋ'ରୁମମାନଙ୍କ ପ୍ରତି ଏତେ ଅନୁକମ୍ପା ଦେଖଉଛନ୍ତି ଓ ସରକାରଙ୍କ ଟିକସ ଫାଙ୍କିବା ସହ ରାଜସ୍ୱ କ୍ଷତି କରୁଛନ୍ତି । ତେବେ ଏହାକୁ ନେଇ ଆମେ ଭାରପ୍ରାପ୍ତ ପରିବହନ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗା ଯୋଗ କରିଥିଲୁ, କିନ୍ତୁ ସେ ଫୋନ କଲର କୌଣସି ଉତ୍ତର ଦେଇ ନଥିଲେ । ତେବେ ଦେଖିବାକୁ ବାକି ରହିଲା ରାଜ୍ୟ ସରକାର କେବେ ଏହିଭଳି ଦାୟିତ୍ୱହୀନ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ।






ଆଜିକାଲି ଘରେ ଆଣ୍ଟିକ ଜିନିଷ ରଖିବା ଏକ ଫ୍ୟାସନ ପାଲଟିଛି । ଆଣ୍ଟିକ୍ ମାନେ ହେଲା– ପୁରୁଣା ବସ୍ତୁ । ପୁରୁଣା ପେଣ୍ଡୁଲୁମ୍‌ବାଲା ଘଣ୍ଟା, ପୁରୁଣା ଗ୍ରାମୋଫୋନ୍ ଖୋଜୁଛନ୍ତି ଲୋକେ । ଚଢ଼ା ଦରରେ ବିକ୍ରି ହେଉଛି ସେସବୁ ଜିନିଷ । ବାପା ମା'ଙ୍କ ମୃତ୍ୟୁ ପରେ ସେମାନଙ୍କ ହୁଇଲ ଚେୟାର, ତେଲ ଚିକିଟା ଲଗା କାଠ ଚଉକି ଏବଂ ତାଙ୍କ ବଙ୍କୁଲିବାଡ଼ିକୁ ସାଇତି ରଖୁଛନ୍ତି ଅନେକେ । କିନ୍ତୁ ସେଇ ବାପା ମା'ଙ୍କ ଶେଷ ଜୀବନ କଟିଥିଲା ହୁଏତ ଜରାନିବାସରେ । ଆଜିକାଲି ଜରାନିବାସ ସଂଖ୍ୟା ବଢୁଛି । ଜରାନିବାସ କରିବା ଏକ ଜନହିତକର କାମ ବୋଲି ଅନେକେ କହୁଛନ୍ତି । କିନ୍ତୁ ଏହା ପିଲାମାନଙ୍କ ମଧ୍ୟରେ ଦାୟିତ୍ୱବୋଧକୁ କମାଇବାରେ ଯେ ସାହାଯ୍ୟ କରୁଛି ଏକଥା ସେମାନେ ବୁଝିପାରୁନାହାନ୍ତି । ଜରାନିବାସରେ ଛାଡ଼ିଦେଲେ କାମ ଶେଷ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୭ ନଭେମ୍ବର, ୨୦୨୫ | ଶୁକ୍ରବାର

ଓଡ଼ିଶା ଏକ୍ସପ୍ରେସ୍


## ବଞ୍ଚିଥିଲେ ପୁଣି ଆରସନକୁ !

କାର୍ତ୍ତିକ ସରିଲା । ଯେଉଁ ବୟସ୍କ ଭଦ୍ର ମହିଳାମାନେ ପୁରୀ ଯାଇଥିଲେ କାର୍ତ୍ତିକ ବ୍ରତ ପାଳିବାକୁ ସେମାନେ ଏବେ ଘରମୁହାଁ । ପୁରୀ ରେଲଷ୍ଟେସନ ଏବଂ ବସ୍‌ଷ୍ଟାଣ୍ଡରେ ଏମାନଙ୍କ ଭିଡ଼ ଦେଖିବାକୁ ମିଳୁଛି । ଅନ୍ୟାନ୍ୟ ବସ୍‌ଷ୍ଟାଣ୍ଡଗୁଡ଼ିକରେ ମଧ୍ୟ ଗାଁ ବସ୍ ଧରିବାକୁ ଅପେକ୍ଷା କରିଛନ୍ତି ଅନେକେ । କାହାର ପୁଅ କିମ୍ବା ଜ୍ୱାଇଁ ଆସିଛନ୍ତି ନେବାକୁ, ପୁଣି କିଏ ପୂରା ଅସହାୟ । ଆସିଥିଲେ ଏକୁଟିଆ, ଫେରୁଛନ୍ତି ଏକୁଟିଆ । ଘରେ ବୋହୂ ମନା କରୁଥିଲା ପୁରୀ ଯିବା ପାଇଁ ।

ପୁରୀରେ ରହି କାର୍ତ୍ତିକ ପାଳିଲେ ଧର୍ମ ଅଧିକ ହୁଏ । ପୂରା ପରିବାର ପାଇଁ ସେମାନେ ଭଗବାନଙ୍କୁ ଡାକନ୍ତି । ମୋ' ପିଲାମାନଙ୍କୁ ଭଲରେ ରଖ । କୋଟି ପରମାୟୁ ଦିଅ ।

ପୁରୀରେ ଏଇ ମାସକର ରହଣୀ ଭିତରେ ସେମାନଙ୍କ ଭିତରେ ଏକ ସମ୍ପର୍କ ସୃଷ୍ଟି ହୋଇଯାଇଥାଏ । ଅନେକ ପୁରୁଣା ପରିଚିତଙ୍କ ସହିତ ଭେଟ ମଧ୍ୟ ହୁଏ । ସମବୟସୀ ହୋଇଥିବାରୁ ଜଗା ଦର୍ଶନ ପରେ ପ୍ରାଣଖୋଲି ଗପିବାର ସୁଯୋଗ ମିଳେ । ଏ ବୟସର ଲୋକମାନେ ଏବେ ଘରେ ଅଲୋଡ଼ା । ଏମାନଙ୍କୁ କିଏ ସମୟ ଦେଉଛି ? ନାତି ନାତୁଣୀଙ୍କଠାରୁ ଆରମ୍ଭ କରି ପୁଅ–ବୋହୂ ସ୍ମାର୍ଟଫୋନ୍ ଭିତରେ ବୁଡ଼ି ରହୁଛନ୍ତି ସବୁବେଳେ । ତେଣୁ ବୁଢ଼ା ବାପା–ମା'ଙ୍କ ପାଇଁ ସମୟ କାଇଁ ?

ପୁରୀରେ ଏମାନଙ୍କ ବିଦାୟର ଦୃଶ୍ୟ ଖୁବ୍ ବେଦନାଦାୟକ । ଯେଉଁମାନେ ଏ ଦୃଶ୍ୟ ଦେଖିଥିବେ ଏବଂ ଯେଉଁମାନଙ୍କ ପାଖରେ ଏକ ସମ୍ବେଦନଶୀଳ ହୃଦୟ ଥିବ ସେମାନେ ନିଶ୍ଚେ ବିଚଳିତ ହେବେ ଏ ଦୃଶ୍ୟ ଦେଖି ।

ଏମାନଙ୍କ ମନର କଥା ଏଇଭଳି– କିଏ କହିବ ଆରସନକୁ ଥିବା କି ନଥିବା ! ଏ ବୟସ ତ ଶୁଖିଲା ପତର ଭଳି, କିଏ କହିବ କେତେ ବେଳେ କିଏ ଝଡ଼ିଯିବ ? ତା'ଛଡ଼ା ଯଦି ରୋଗବ୍ୟାଧି ହେଲା କଥା ସରିଲା । ଆଜିକାଲିର ପୁଅ ବୋହୂଏ କ'ଣ ସେବା କରିବେ ? ଏବେ ତ ହେଲ୍‌ଥ କାର୍ଡ ହୋଇଗଲାଣି ଯେ ସେମାନଙ୍କର ଦାୟିତ୍ୱ ଆହୁରି ହାଲ୍‌କା ହୋଇଗଲାଣି । ଡାକ୍ତରଖାନାରେ ପକାଇ ଦେଲେ ତାଙ୍କ ଦାୟିତ୍ୱ ଶେଷ । ହାତରୁ ତ ଗଣିବାକୁ ପଡୁନିନା !

କିଏ ପୁଣି କହେ– ଜ୍ୱାଇଁ ପ୍ରତିବର୍ଷ ହବିଷ ପାଇଁ ଟଙ୍କା ପଠାଉଛନ୍ତି ବୋଲି ଆସିପାରିଛି । ସେମାନେ ଟଙ୍କା ଦେବା ବନ୍ଦ କରିଦେଲେ ଆରସନକୁ ଆଉ ଆସିହେବନି । ଆଉ କିଏ କହେ– ମୁଁ ମୋ' ପେନସନ ଟଙ୍କାରେ ଏଠି କାର୍ତ୍ତିକ ପାଳିବାକୁ ଆସେ ଫି'ସନ, ମୋ' ସ୍ୱାମୀ ଆଖିବୁଜିବା ଦିନଠୁ । ତାଙ୍କ ପେନସନ ଏବେ ମୁଁ ପାଉଛି । ତା'ରି ଉପରେ ପୁଣି ପୁଅ–ବୋହୂଙ୍କ ଆଖି । ମୋର ତ କିଛି ଖର୍ଚ୍ଚ ନାହିଁ, ଏଇ ବର୍ଷକୁ ଥରେ ପୁରୀ ଆସେ । ତେଣୁ ପେନସନ ଟଙ୍କା ଜମିଜମି ବହୁତ ହେଲାଣି । ତା'ରି ଉପରେ ପୁଅ ବୋହୂଙ୍କର ଆଖି । ମୁଁ କେତେବେଳେ ଆଖି ବୁଜିବି, ସେତକ ତାଙ୍କ ଖାତାକୁ ଯିବ ।

ଆଜିକାଲି ଘରେ ଆଣ୍ଟିକ ଜିନିଷ ରଖିବା ଏକ ଫ୍ୟାସନ ପାଲଟିଛି । ଆଣ୍ଟିକ୍ ମାନେ ହେଲା– ପୁରୁଣା ବସ୍ତୁ । ପୁରୁଣା ପେଣ୍ଡୁଲୁମ୍‌ବାଲା ଘଣ୍ଟା, ପୁରୁଣା ଗ୍ରାମୋଫୋନ୍ ଖୋଜୁଛନ୍ତି ଲୋକେ । ଚଢ଼ା ଦରରେ ବିକ୍ରି ହେଉଛି ସେସବୁ ଜିନିଷ । ବାପା ମା'ଙ୍କ ମୃତ୍ୟୁ ପରେ ସେମାନଙ୍କ ହୁଇଲ ଚେୟାର, ତେଲ ଚିକିଟା ଲଗା କାଠ ଚଉକି ଏବଂ ତାଙ୍କ ବଙ୍କୁଲିବାଡ଼ିକୁ ସାଇତି ରଖୁଛନ୍ତି ଅନେକେ । କିନ୍ତୁ ସେଇ ବାପା ମା'ଙ୍କ ଶେଷ ଜୀବନ କଟିଥିଲା ହୁଏତ ଜରାନିବାସରେ । ଆଜିକାଲି ଜରାନିବାସ ସଂଖ୍ୟା ବଢୁଛି । ଜରାନିବାସ କରିବା ଏକ ଜନହିତକର କାମ ବୋଲି ଅନେକେ କହୁଛନ୍ତି । କିନ୍ତୁ ଏହା ପିଲାମାନଙ୍କ ମଧ୍ୟରେ ଦାୟିତ୍ୱବୋଧକୁ କମାଇବାରେ ଯେ ସାହାଯ୍ୟ କରୁଛି ଏକଥା ସେମାନେ ବୁଝିପାରୁନାହାନ୍ତି । ଜରାନିବାସରେ ଛାଡ଼ିଦେଲେ କାମ ଶେଷ ।

ବାର୍ଦ୍ଧକ୍ୟରେ ପହଞ୍ଚିଥିବା ବାପା ମା' ଏବେ ପିଲାଙ୍କ ପାଇଁ ବୋଝ, ଯେଉଁମାନଙ୍କ ବୋଝ ଦିନେ ବାପା ମା' ମୁଣ୍ଡାଇଥିଲେ । ବାପା ମା' ବୋଧେ ଆଣ୍ଟିକ୍ ବା ସାଇତି ରଖିଲା ଭଳି ଦରବ ନୁହଁନ୍ତି ସେମାନଙ୍କ ପାଇଁ– ପୁରୁଣା ଗ୍ରାମୋଫୋନ୍ ଭଳି । ନିର୍ଜିବ ପ୍ରତି ଏତେ ଦରଦ କିନ୍ତୁ ଜୀବିତଙ୍କ ପ୍ରତି ଦରଦର ଏତେ ଅଭାବ କାହିଁକି ?

# ଆଦିକବି ସାରଳା ଦାସ ଓ ମହାଭାରତ

## ଜିଜ୍ଞାସା



**ନିରଞ୍ଜନ ଶତପଥୀ**

ଓଡ଼ିଆ ଭାଷା ସାହିତ୍ୟର ଜନକ ଭାବେ ମାଟିର ମହାକବି ସାରଳା ଦାସ ଓଡ଼ିଶାରେ ପରିଚିତ । ତାଙ୍କୁ ଆଦି କବି ଓ ଶୂଦ୍ରମୁନି ସାରଳା ଦାସ ମଧ୍ୟ କୁହାଯାଏ । ସେ ହେଉଛନ୍ତି ଆମ ଓଡ଼ିଆ ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା । ପଞ୍ଚଦଶ ଶତାବ୍ଦୀ ପୂର୍ବରୁ ଓଡ଼ିଆ ଭାଷା ଖୁବ୍ ଅବହେଳିତ ଅବସ୍ଥାରେ ଥିଲା । ଓଡ଼ିଆ ଭାଷାର ବିକାଶ ଦିଗରେ ସେପରି କୌଣସି ଉଦ୍ୟମ ମଧ୍ୟ କରାଯାଉନଥିଲା । ଏହି ସମୟରେ ବୌଦ୍ଧଧର୍ମର ପ୍ରଚାର ପ୍ରସାର ବୃଦ୍ଧି ପାଇଥିଲା । ତେଣୁ ଏହି ଧର୍ମଭିତ୍ତିକ ପୁସ୍ତକ ଚପଳାଗୀତିକା, ସିଦ୍ଧାଚାର୍ଯ୍ୟ, ଦୋହା ଇତ୍ୟାଦି ପ୍ରକାଶ ପାଇଥିଲା । ଏହାଛଡ଼ା ମାର୍କଣ୍ଡ ଦାସଙ୍କ କେଶବ କୋଇଲି, ରୁଦ୍ର ସୁଧାନିଧି, ଜଳସା ଚଉତିସା, ଶିଶୁବେଦ ଆଦି ପ୍ରକାଶ ପାଇଥିଲା । ଦ୍ୱାଦଶ ଶତାବ୍ଦୀରେ ଭଗବାନ ଜୟଦେବ ନୀଳାଚଳ ଧାମ ପୁରୀଠାରେ ଅବସ୍ଥାନ କାଳରେ ଗୀତଗୋବିନ୍ଦ ନାମକ ଏକ ଅମର କବିତା ରଚନା କରିଥିଲେ । ଏହା ହେଉଛି ଜୟଦେବଙ୍କର ଅନନ୍ୟ ସୃଷ୍ଟି । ଏହି କବିତାରେ ରାଧା ଓ କୃଷ୍ଣଙ୍କର ଅମର ପ୍ରେମର ଗାଥା ବର୍ଣ୍ଣନା କରାଯାଇଛି । ଏହା ସମଗ୍ର ଓଡ଼ିଶାରେ ଖୁବ୍ ଲୋକପ୍ରିୟ ହୋଇପାରିଛି । ସେତେବେଳ ସମୟରେ ଓଡ଼ିଆ ଭାଷା ସାହିତ୍ୟର ବିକାଶ ପାଇଁ ଏହିସବୁ ଯଥେଷ୍ଟ ନଥିଲା । ଏହାଛଡ଼ା ବ୍ରାହ୍ମଣ ଧର୍ମର ପ୍ରସାର ଘଟିବା ଫଳରେ ଓଡ଼ିଆ ଭାଷାର ଗୁରୁତ୍ୱ ହ୍ରାସ ପାଇ ସଂସ୍କୃତ ଭାଷାର ପ୍ରାଧାନ୍ୟ ବୃଦ୍ଧି ପାଇବାକୁ ଲାଗିଲା । ହେଲେ ସଂସ୍କୃତ ଭାଷାକୁ ଆୟତ୍ତ କରିବା ସାଧାରଣ ଲୋକଙ୍କ ପକ୍ଷରେ ସହଜ ନଥିଲା ।

ଏହି ସଂକଟମୟ ପରିସ୍ଥିତି ମଧ୍ୟରେ ସାରଳା ଦାସଙ୍କର ଆବିର୍ଭାବ ଘଟିଲା । ସେ ଓଡ଼ିଆ ଭାଷାର ବିକାଶ ପାଇଁ ଉଦ୍ୟମ ଚଳାଇ ଓଡ଼ିଆ ଭାଷାରେ ରଚନା କଲେ ମହାଭାରତ । ଏହା ସାରଳା ଦାସଙ୍କ ସର୍ବଶ୍ରେଷ୍ଠ କୃତି । ସଂସ୍କୃତ ଭାଷାରେ ଯେପରି ବ୍ୟାସ କାଳି ଦାସ, ବାଲ୍ମୀକି ଓ ଇଂରାଜୀ ଭାଷାରେ ସେକ୍ସପିୟର, ଉଇଲିୟମ୍ ୱାର୍ଡସ୍ୱାର୍ଥ, ଦାନ୍ତେହୋମର ପ୍ରଭୃତି କବିମାନେ ଆବିର୍ଭୂତ ହୋଇ ସ୍ୱନାମ ଅର୍ଜନ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଭାଷା ସାହିତ୍ୟକୁ ସମୃଦ୍ଧ କରିବାରେ ସହାୟକ ହୋଇଥିଲେ । ଠିକ୍ ସେହିପରି ସାରଳା ଦାସ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ଅବିସ୍ମରଣୀୟ ହୋଇ ରହିଛନ୍ତି । ସେ ଥିଲେ ଜଣେ ଆଦିଯୁଗର ଜଣେ ଯୁଗ ପ୍ରବର୍ତ୍ତକ । ସେ ଜଗତ୍‌ସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଝଙ୍କଡ଼ ନିକଟବର୍ତ୍ତୀ ତେନ୍ତୁଳିଆପଦା ଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ଜନ୍ମ ସ୍ଥାନ ବିଷୟରେ ସେ ଲେଖିଛନ୍ତି 'ଜମ୍ବୁଦ୍ୱୀପ ଭ୍ରତଖଣ୍ଡ ମଣ୍ଡଳ ଓଡ୍ରରାଷ୍ଟ୍ର, ଭୁବନ ଯାଜନଗ୍ର ପୂର୍ବଦିଗ ମହୋଦଧୀ ତଟ। ଶ୍ୱେତ ବାହୀ ନୀଳସୁନ୍ଦର ଗିରି ମଧ୍ୟେ ସ୍ଥାନ, ମହେନ୍ଦ୍ର ଚନ୍ଦ୍ରଭାଗା କୋଣାର୍କ ଐଶ୍ୱନ୍ୟ, ସେପୁର ବାସ ଜକ୍ଷେରପୁର ବାସିନୀ, ଗିରିଜାର ଆଜ୍ଞାରେ ତହିଁରେ ମୁହିଁ ଜନମୀ ।' ଏହାଛଡ଼ା ତାଙ୍କ ରଚିତ ବିଲଙ୍କା ରାମାୟଣରେ ସେ ଝଙ୍କଡ଼ ଗ୍ରାମରେ ରହନ୍ତି ବୋଲି ଉଲ୍ଲେଖ ଅଛି । 'ଝଙ୍କଡ଼ ଗ୍ରାମରେ ମୋର ଅଟଇ ବସତି, ମୂର୍ଖଙ୍କ ଗୋଷ୍ଠୀରେ ସଦା ଗଲାଦିନ ରାତି ।' ତାଙ୍କର ଜନ୍ମ ତାରିଖ ବିଷୟରେ ନିର୍ଦ୍ଦିଷ୍ଟ ଭାବେ କହିହେଉନାହିଁ । ସାରଳା ଦାସଙ୍କର ପିତୃଦତ୍ତ ନାମ ଥିଲା ସିଦ୍ଧେଶ୍ୱର ପରିଡ଼ା । ସେ ଜାତିରେ ଥିଲେ ଚଷା। ଝଙ୍କଡ଼ ବାସିନୀ ମାଆ ଶାରଳାଙ୍କର ଥିଲେ ସେ ଜଣେ ପରମ ଭକ୍ତ । ସେ ନିଜକୁ ମାଆ ଶାରଳାଙ୍କର ଜଣେ ଦାସ ବା ସେବକ ଭାବରେ ପରିଚୟ ପ୍ରଦାନ କରିଥିଲେ । ସେ ମାଆ ଶାରଳାଙ୍କ ସେବା କରି ଅଶେଷ କୃପା ଲାଭ କରିଥିଲେ । ମାଆ ଶାରଳାଙ୍କ କୃପାରୁ ସେ କାବ୍ୟିକ ପ୍ରତିଭାର ଅଧିକାରୀ ହୋଇପାରିଥିଲେ ।

ସାରଳା ଦାସ ଏକ ଦରିଦ୍ର କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କର ଚାରୋଟି ସନ୍ତାନ ଥିଲେ । ସାରଳା ଦାସ ଥିଲେ କନିଷ୍ଠ ସନ୍ତାନ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ବିଦ୍ୟାଧ୍ୟୟନରୁ ବଞ୍ଚିତ ହୋଇଥିଲେ । ସେତେବେଳେ ସଂସ୍କୃତ ଭାଷା ଶିକ୍ଷାରେ ସୁଯୋଗ ନେଉଥିଲେ । ସାରଳା ଦାସଙ୍କ ଗ୍ରାମ ଠାରୁ ବ୍ରାହ୍ମଣ ଶାସନ ବହୁଦୂରରେ ଅବସ୍ଥିତ ଥିଲା । ତେଣୁ ସେ ଦୂରବର୍ତ୍ତୀ ବ୍ରାହ୍ମଣ ଶାସନକୁ ଯାଇ ସଂସ୍କୃତ ଶିକ୍ଷା କରିପାରି ନଥିଲେ । ସେ ମାଆ ଶାରଳାଙ୍କୁ ଭକ୍ତ ଓ ଅଗାଧ ବିଶ୍ୱାସ କରୁଥିଲେ । କେବଳ ତାଙ୍କର ଅସୀମ କୃପା ଲାଭ କରି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିବାରେ ସମର୍ଥ ହୋଇପାରିଥିଲେ । ସେ କହିଛନ୍ତି– ଆହେ ସୁଧିଜନ ମୁହିଁ ମୂର୍ଖ ଅପଣ୍ଡିତ, କୁସ୍ଥାନବାସୀ ଅଟଇ ଅଜ୍ଞାନ ବଂଶେ ଜାତ । ଯଦି ସେ ମୂର୍ଖ ଅପଣ୍ଡିତ ଥିଲେ ତେବେ ସେ ବ୍ୟାସ କୃତ ସଂସ୍କୃତ ମହାଭାରତକୁ ତନତନ ପାଠ କରି ଓଡ଼ିଆ ଭାଷାରେ ଅମୂଲ୍ୟ ତଥା ଶ୍ରେଷ୍ଠ ଗ୍ରନ୍ଥ ମହାଭାରତ ରଚନା କଲେ କିପରି ବୋଲି ଅନେକଙ୍କ ମନରେ ପ୍ରଶ୍ନ ଉଠେ । ମାଆ ଶାରଳାଙ୍କ କୃପାରୁ ସେ ଅଗାଧ ଜ୍ଞାନର ଅଧିକାରୀ ହୋଇଥିଲେ । ସେ ବଟବୃକ୍ଷ ମୂଳରେ ବସି ମାଆ ଶାରଳାଙ୍କୁ ଭକ୍ତିର ସହିତ ପ୍ରାର୍ଥନାଞ୍ଜଳି ନିବେଦନ କରି ଲେଖୁଥିଲେ । ତାଙ୍କୁ ଉତ୍କଳର ବ୍ୟାସ ବୋଲି ବର୍ଣ୍ଣନା କରାଯାଇଛି । ତାଙ୍କର ଜୀବନ ଥିଲା ଏକ ସମର୍ପିତ ଜୀବନ । ସେ ନିଜକୁ ଅତି ଧନ୍ୟ ମନେକରି ମାଆ ଶାରଳାଙ୍କ ନିକଟରେ ସମର୍ପଣ କରିଛନ୍ତି । ସେ ଯେ କେବଳ ଜଣେ ମାତୃଶକ୍ତିର ଉପାସକ ଥିଲେ ତାହା ନୁହେଁ, ସେ ମଧ୍ୟ ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ଭକ୍ତି କରୁଥିଲେ । ସାରଳା ଦାସଙ୍କୁ ଜଣେ ଜାତିସ୍ମର ମହାପୁରୁଷ ଭାବରେ ବର୍ଣ୍ଣନା କରାଯାଇଛି । ସେ ତାଙ୍କର ପୂର୍ବଜନ୍ମ ବିଷୟରେ ଜାଣିପାରୁଥିଲେ । ତାଙ୍କର ପୂର୍ବଜନ୍ମ ବିଷୟରେ ମହାଭାରତର ସ୍ୱର୍ଗାରୋହଣ ପର୍ବରେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି 'ପ୍ରଥମ ଜନ୍ମରେ ମୁହିଁ ହେଲି କାଳିଦାସ, ଦ୍ୱିତୀୟ ଜନମେ ମୁହିଁ ମହାକାଳ ଧ୍ୱଂସ, ତୃତୀୟ ଜନମେ ମୁହିଁ ସାରଳା ଦାସ କବି, ଏହା ମର୍ତ୍ତ୍ୟ ମଣ୍ଡଳେ ଆଉ ଜନମ ଲଭିବି ।' ସେ ଭଗବାନ ଶିବଙ୍କର ଦ୍ୱାରପାଳ ନନ୍ଦିକେଶ୍ୱର ଥିଲେ ବୋଲି କୁହାଯାଇଛି । ଏହିପରି ଭାବରେ ସେ ତାଙ୍କର ପୂର୍ବଜନ୍ମ ବିଷୟରେ ବର୍ଣ୍ଣନା କରିଛନ୍ତି । ପୁନର୍ବାର ସେ ଏହି ମର୍ତ୍ତ୍ୟ ମଣ୍ଡଳରେ ଜନ୍ମଲାଭ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି ।

ସାରଳା ଦାସଙ୍କ ଓଡ଼ିଆ ସାହିତ୍ୟ ରଚନା ସମୟରେ ଓଡ଼ିଶାରେ ଗଜପତି ମହାରାଜ କପିଳେନ୍ଦ୍ର ଦେବ ଓଡ଼ିଶାର ଶାସନଭାର ଗ୍ରହଣ କରି ରାଜ୍ୟ ଶାସନ କରୁଥିଲେ । ଏହାପୂର୍ବରୁ ଗଙ୍ଗବଂଶର ରାଜାମାନେ ଓଡ଼ିଶାର ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ଏହି ବଂଶର ପତନ ପରେ ଦିଗ୍‌ବିଜୟୀ ସମ୍ରାଟ ୧୪୩୫ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ରାଜସିଂହାସନ ଆରୋହଣ କରିଥିଲେ । ସେ ହେଉଛନ୍ତି ସୂର୍ଯ୍ୟବଂଶର ପ୍ରାଣ ପ୍ରତିଷ୍ଠାତା । ସେ ଦୀର୍ଘ ୩୦ ବର୍ଷ କାଳ ରାଜ୍ୟ ଶାସନ କରୁଥିଲେ । ଇତିହାସରୁ ଜଣାଯାଏ ସର୍ବପ୍ରଥମେ ଗଙ୍ଗବଂଶର ରାଜା ଚୋଡଗଙ୍ଗଦେବ ଏହି ଗଜପତି ଉପାଧି ଲାଭ କରିଥିଲେ । ସେହି ସମୟରୁ ଗଜପତି ଉପାଧି ପ୍ରଚଳନ ହୋଇଆସୁଅଛି । ପ୍ରଚଳିତ ଥିବା ରାଜତନ୍ତ୍ର ଶାସନ କାଳରେ ରାଜାମାନେ ବିଭିନ୍ନ ରାଜବଂଶର ଅନ୍ତର୍ଭୁକ୍ତ ଥିଲେ । ସେ ସମୟରେ ଗଙ୍ଗବଂଶ, ସୂର୍ଯ୍ୟବଂଶ, ଚନ୍ଦ୍ରବଂଶ, ଭୋଇବଂଶ, ଭଞ୍ଜବଂଶ ଇତ୍ୟାଦି ରାଜବଂଶମାନେ ଥିଲେ । ସୂର୍ଯ୍ୟବଂଶର ରାଜା କପିଳେନ୍ଦ୍ର ଦେବ ଥିଲେ ଜଣେ ଧର୍ମପାରାୟଣ ରାଜା । ସେ ଥିଲେ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କର ପରମ ଭକ୍ତ । ତାଙ୍କ ରାଜତ୍ୱକାଳରେ ରାଜ୍ୟରେ ସାମାଜିକ, ରାଜନୈତିକ, ଅର୍ଥନୈତିକ ତଥା ଧାର୍ମିକ ଅବସ୍ଥା ଖୁବ୍ ଉନ୍ନତ ଥିଲା । ସେ ଖାଣ୍ଟି ଓଡ଼ିଆ ଥିବାରୁ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପ୍ରାଇଁ ଆପ୍ରାଣ ଉଦ୍ୟମ କରୁଥିଲେ । ରାଜା ପୃଷ୍ଠପୋଷକତା ଲାଭ ନକଲେ କୌଣସି ଭାଷା ସାହିତ୍ୟର ବିକାଶ ସମ୍ଭବ ହୋଇପାରିବ ନାହିଁ । ରାଜା କପିଳ ଦେବ ରାଜତ୍ୱ କାଳରେ ସାହିତ୍ୟିକ ଓ କବିମାନେ ସମାଜରେ ଆଦର ଲାଭ କରୁଥିଲେ । ତାଙ୍କରି ରାଜତ୍ୱ କାଳରେ ହିଁ ଆଦିକବି ସାରଳା ଦାସ କବିମାନଙ୍କ ମଧ୍ୟରୁ ଏକ ଶ୍ରେଷ୍ଠ କବି ଭାବରେ ସୁଖ୍ୟାତି ଅର୍ଜନ କରିଥିଲେ । ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ସେ ସାରଳା ଦାସଙ୍କୁ ଓଡ଼ିଶାବାସୀ ମନେରଖିଛନ୍ତି । ଅନେକ କବି ଓ ପ୍ରାବନ୍ଧିକମାନେ ସେମାନଙ୍କ ଲେଖା ମାଧ୍ୟମରେ ସାରଳା ଦାସଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱଗୁଡ଼ିକ ବର୍ଣ୍ଣନା କରି ଯଥୋଚିତ ସମ୍ମାନ ପ୍ରଦର୍ଶନ କରିଛନ୍ତି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ତାଙ୍କ ରଚିତ ଅବକାଶ ଚିନ୍ତା କବିତାରେ ଲେଖିଛନ୍ତି– 'ତପସ୍ୱୀ ସତ୍ତମ, ଭକ୍ତ ଅନୁପମ, ହେ ଭାରତୀ ଜ୍ୟେଷ୍ଠ ସୂତ, ତବ ପରସାଦେ ସସାହିତ୍ୟ ସମ୍ବାଦେ ଆମ୍ଭେସର୍ବେ କୃତକୃତ୍ୟ । ଭାଷା ଆଦି–କାଳେ ଅନ୍ଧାର ଉତ୍କଳେ ସମ୍ପୁକୁଳ ନବରବି ପଣ୍ଡିତେ ପାଷାଣ୍ଡେ ହାଟେ ବାଟେ ଦାଣ୍ଡେ ଦେଖାଇଲ ଦିବ୍ୟ ଛବି ।

ସାରଳା ଦାସଙ୍କୁ ଉତ୍କଳର ସାହିତ୍ୟ ସ୍ରଷ୍ଟା ଭାବରେ ବର୍ଣ୍ଣନା କରାଯାଇଛି । ତାଙ୍କର ବିଶାଳକାୟ ମହାଭାରତ ହେଉଛି ତାଙ୍କର ସର୍ବଶ୍ରେଷ୍ଠ କୃତି । ଏହି ମହାଭାରତ ବ୍ୟାସକୃତ ସଂସ୍କୃତ ମହାଭାରତର ଆକ୍ଷରିକ ଅନୁବାଦ ନୁହେଁ । ଏହା ହେଉଛି ତାଙ୍କର ଅନୁସୃଷ୍ଟି । ସେ ସମୟରେ ଓଡ଼ିଶାରେ ପ୍ରଚଳିତ କଥିତ ଭାଷାରେ ସେ ଏହି ମହାଭାରତ ରଚନା କରିଥିଲେ । ଏହି ବିଶାଳ ଗ୍ରନ୍ଥରୁ ତତ୍କାଳୀନ ସାମାଜିକ ଅବସ୍ଥା, ସାଧାରଣ ଜୀବନଧାରା, ଧର୍ମଚାର, ବୃତ୍ତି ଓ ବ୍ୟବସାୟ ପ୍ରଭୃତି ବିଷୟଗୁଡ଼ିକ ବିଷଦ ଭାବରେ ବର୍ଣ୍ଣନା କରାଯାଇଛି । ସେ ସମୟରେ ଓଡ଼ିଆ ଭାଷାରେ ଅନୁରୂପ ଗ୍ରନ୍ଥ ରଚନା ହୋଇପାରିନଥିଲା । ଏହି ମହାଭାରତ ବ୍ୟତୀତ ସେ ବିଲଙ୍କା ରାମାୟଣ ଓ ଚଣ୍ଡୀ ପୁରାଣ ମଧ୍ୟ ସେ ରଚନା କରି ଉତ୍କଳର ସାରସ୍ୱତ ଆକାଶକୁ ଉଜ୍ଜ୍ୱଳ କରିଥିଲେ । ଏହି ମହାଭାରତ ଦାଣ୍ଡି ବୃତ୍ତରେ ରଚିତ । ଏହା ମଧ୍ୟ ମୁକ୍ତଛନ୍ଦ ନାମରେ ଅଭିହିତ । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କ ସ୍ୱପ୍ନ ଓ ସଂକଳ୍ପ ପୁସ୍ତକରେ ସାରଳା ଦାସଙ୍କ ବିଷୟରେ ଲେଖିଛନ୍ତି 'ପାଞ୍ଚଶହ ବର୍ଷ ତଳେ ଯେତେବେଳେ ଓଡ଼ିଆ ଭାଷା କ'ଣ ବୋଲି କେହି ଜାଣିନଥିଲେ କେତେକ 'ବୋଲି କଳସା ବା ଚଉତିଶା ଛଡ଼ା କେଉଁଠି ଆଉ କିଛି ଲେଖାଯାଇନଥିଲା ସେତେବେଳେ ସାରଳା ଦାସ ଓଡ଼ିଆ ଭାଷାକୁ ଏକ ନୂଆ ରୂପ ଦେଲେ । ବିଶାଳ ଓ ବିରାଟ ମହାଭାରତ ଗ୍ରନ୍ଥ ଲେଖିଲେ । ଯୁଗ ଯୁଗ ପାଇଁ ଓନିଆ ଭାଷାର ଏହା ଗୌରବ ହୋଇ ରହିବ । ସବୁ ଭାଷାର ଜନନୀ ସଂସ୍କୃତ ଭାଷା, କେବଳ ତାମିଲ ଭାଷାକୁ ଛାଡ଼ିଦେଲେ କୌଣସି ପ୍ରାଦେଶିକ ଓ ଆଞ୍ଚଳିକ ଭାଷାରେ ଏତେ ବଡ଼ ବିଶାଳ ବିରାଟ ଗ୍ରନ୍ଥ କେହି ରଚନା କରିନଥିଲେ । ସାରଳା ଦାସ ମହାଭାରତ ରଚନା କରି ଓଡ଼ିଆ ଭାଷାର ମହତ୍ତ୍ୱ ଏବଂ ଓଡ଼ିଆ ଭାଷାର ଶ୍ରେଷ୍ଠତ୍ୱକୁ ପ୍ରତିପାଦନ କରିଥିଲେ । ଭାରତବର୍ଷର ବହୁ ଭାଷାରେ ସଂସ୍କୃତକୁ ଅନୁକରଣ ଓ ଅନୁବାଦ କରି ବହୁ ଗ୍ରନ୍ଥ ଲେଖାଯାଇଛି । କିନ୍ତୁ ସାରଳା ଦାସଙ୍କ ମହାଭାରତରେ ସଂସ୍କୃତର ଅନୁକରଣ ଆଦୌ ନାହିଁ । ବ୍ୟାସକୃତ ସଂସ୍କୃତ ମହାଭାରତ ଏକ ଲକ୍ଷ ପଦ ବିଶିଷ୍ଟ ମହାଭାରତ । କିନ୍ତୁ ସାରଳା ଦାସଙ୍କ ମହାଭାରତ ଏକ ଲକ୍ଷ ୪୦ହଜାର ପଦ ବିଶିଷ୍ଟ ମହାଭାରତ ଅଟେ । ଉଭୟ ଗ୍ରନ୍ଥରେ ୧୮ଟି ଲେଖାଏଁ ପର୍ବ ରହିଛି । ବ୍ୟାସଦେବ ନାରାୟଣଙ୍କୁ ବନ୍ଦନା କରି ମହାଭାରତ ରଚନା କରିଛନ୍ତି । ଜଗନ୍ନାଥ ଦାସ ମହାପ୍ରଭୁ ନୃସିଂହଙ୍କୁ ବନ୍ଦନା କରି ଭାଗବତ ଗ୍ରନ୍ଥ ଓଡ଼ିଆ ଭାଷାରେ ରଚନା କରିଛନ୍ତି । କିନ୍ତୁ ସାରଳା ଦାସ ବିଘ୍ନନାଶକ ତଥା ଅଗ୍ରପୂଜ୍ୟ ଗଣନାଥଙ୍କୁ ବନ୍ଦନା କରି ଓଡ଼ିଆ ଭାଷାରେ ମହାଭାରତ ରଚନା କରିଛନ୍ତି । ସାରଳା ଦାସଙ୍କ ମହାଭାରତ ରଚନା ହେବା ପରେ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୃଷ୍ଠପୋଷକତାରେ ପଣ୍ଡିତ ଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଏହାର ଗଦ୍ୟାନୁବାଦ କରାଯାଇଥିଲା । ବ୍ୟାସକୃତ ମହାଭାରତର ସଂକ୍ଷିପ୍ତ ସାର ମଧ୍ୟ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକଙ୍କ ଦ୍ୱାରା ମଧ୍ୟ ଗଦ୍ୟାନୁବାଦ କରାଯାଇଛି । ମହାଭାରତ ହେଉଛି ଏକ ଶ୍ରେଷ୍ଠ ଗ୍ରନ୍ଥ । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ କହିଥିଲେ 'ମହାଭାରତ ଏକ ରତ୍ନଭଣ୍ଡାର ଯେଉଁଠି ସମସ୍ତ ପ୍ରକାର ମୂଲ୍ୟବାନ ବସ୍ତୁ ଖୋଜିଲେ ମିଳିପାରିବ ।' ସାରଳା ଦାସଙ୍କ ଓଡ଼ିଆ ଭାଷାରେ ରଚିତ ମହାଭାରତ ଗ୍ରନ୍ଥ ଓଡ଼ିଆ ଭାଷା ସାହିତ୍ୟକୁ ଏକ ଅନବଦ୍ୟ ଅବଦାନ । ତାଙ୍କରର ଜନ୍ମ ଜୟନ୍ତି ଓଡ଼ିଶାର ବିଭିନ୍ନ ସ୍ଥାନରେ ବିପୁଳ ଆନ୍ଦ ଉଲ୍ଲାସର ସହିତ ପାଳିତ ହେଉଛି । ସେ ମରି ମଧ୍ୟ ଆଜି ଅମର ହୋଇ ରହିଛନ୍ତି । ସେ ହେଉଛନ୍ତି ଆମ ଓଡ଼ିଶାର ଗର୍ବ ଓ ଗୌରବ । ଆଜି ଓଡ଼ିଆ ଜାତି ତାଙ୍କୁ ଭକ୍ତିପୂଜ ପ୍ରଣାମ ଜଣାଉଛି ।


*କୁରୁଣ୍ଡି, ରାଜନଗର, କେନ୍ଦ୍ରାପଡ଼ା*
*ମୋ. ୮୯୧୭୨୧୩୦୭୩*


# ଅହଂ ବୈଶ୍ୱାନର

**■ ଅନୀତା ପଟ୍ଟନାୟକ ■**

ସତ୍ୟନାରାୟଣ ବାବୁଙ୍କର ପୁଅ ରବି ନାରାୟଣ ଦିନେ ବାପାଙ୍କୁ ପଚାରିଲା 'ବାପା ଆମର ଦୈନନ୍ଦିନ ଜୀବନରେ ଆମ ଶରୀରକୁ କିଏ ଶକ୍ତି ଯୋଗାଉଛି । ବାପା କିଛି ସମୟ ରହିଯାଇ କହିଲେ ଖାଦ୍ୟ ଆମ ଶରୀରକୁ ଶକ୍ତି ଯୋଗାଏ । ଖାଦ୍ୟର ସାର ଆମର ଶରୀର, ମନ, ଚିନ୍ତାକୁ ଗଠନ କରିବାରେ ସାହାଯ୍ୟ କରେ। ଆମେ ଯେଉଁ ଖାଦ୍ୟ ଖାଉ, ତାହା ଆମ ଚିନ୍ତାଧାରାକୁ ମଧ୍ୟ ପ୍ରଭାବିତକରେ । ପବିତ୍ରୀକରଣ ହୋଇନଥିବା ଖାଦ୍ୟ ଓ ଅଖାଦ୍ୟ ଆମ ମାନଙ୍କ ମନରେ ବିରୋଧାତ୍ମକ ଚିନ୍ତାଧାରା ସୃଷ୍ଟି କରେ। ଯେଉଁଥି ପାଇଁ ଆମର କାର୍ଯ୍ୟକଳାପ ଧୀରେ ଧୀରେ ଖରାପ ହୋଇଯାଇଥାଏ ।

ରବିନାରାୟଣ ପଚାରିଲା ବାପା ଖାଦ୍ୟର ଶୁଦ୍ଧତା ବା ପବିତ୍ରତା କିପରି ଆସେ ? ସତ୍ୟ ନାରାୟଣ କହିଲେ ଖାଦ୍ୟର ଶୁଦ୍ଧତା ଓ ପବିତ୍ରତା ପାଇଁ ତିନୋଟି ଜିନିଷ ଅପରିହାର୍ଯ୍ୟ । ପାତ୍ର ଶୁଦ୍ଧି–(ରନ୍ଧା ବାସନ କୁସନ ସଫା ଓ ପବିତ୍ର ହେବା ଦରକାର)। ପାକ ଶୁଦ୍ଧି–(ରନ୍ଧନ ପ୍ରକ୍ରିୟାକୁ ପବିତ୍ରୀକରଣ କରିବା ଦରକାର। ଯେଉଁ ବ୍ୟକ୍ତି ଖାଦ୍ୟ ପ୍ରସ୍ତୁତି କରୁଛି ତାର ଶାରୀରିକ ଓ ମାନସିକ ଶୁଦ୍ଧି ଥିବା ଆବଶ୍ୟକ । ସେ ଶାରୀରିକ ସ୍ତରରେ ସୁସ୍ଥ ହୋଇଥିବା ଦରକାର) । ପଦାର୍ଥ ଶୁଦ୍ଧି– (ଖାଦ୍ୟ ପଦାର୍ଥ ସମାଗ୍ରୀ ଶୁଦ୍ଧତା ଥିବା ଦରକାର। ଖାଦ୍ୟ ପଦାର୍ଥ ଗୁଡ଼ିକ ସଫା ଓ ନୈତିକ ଉପାୟରେ ସଂଗ୍ରହ କରିଥିବା ଦରକାର) ।

ଏହି ତିନୋଟି ଶୁଦ୍ଧିକରଣ ନଥିଲେ ଖାଦ୍ୟଟି ଅପବିତ୍ର ଓ ଅନିଷ୍ଟକର ହୋଇ ଯାଇଥାଏ । ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି ଖାଦ୍ୟ ଭଗବାନଙ୍କୁ ଅର୍ପଣ କରି ଖାଇବା ଉଚିତ । ସେପରି କଲେ ବା ହେଲେ ଖାଦ୍ୟର ଅପବିତ୍ରତା ଅକାମୀ ହୋଇଯାଇଥାଏ ଓ ଖାଦ୍ୟ ପ୍ରସାଦରେ ପରିଣତ ହୁଏ । ଖାଦ୍ୟରେ ଶୁଦ୍ଧତା ଆସିଲେ ଆମର ଶାରୀରିକ, ମାନସିକ ଚିନ୍ତାଧାରାକୁ ଆମେ ଶୁଦ୍ଧ କରିପାରୁ । ଭଗବତ ଗୀତାର ଚତୁର୍ଥ ଅଧ୍ୟାୟରେ ୨୪ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇବାକୁ ଯାଇ କହିଥିଲେ– 'ବ୍ରହ୍ମାର୍ପଣଂ ବ୍ରହ୍ମହବିଃ ବ୍ରହ୍ମାଗ୍ନୌ ବ୍ରହ୍ମଣାହୂତମ୍, ବହ୍ନୈବ ତେନଗନ୍ତବ୍ୟଂ ବ୍ରହ୍ମକର୍ମ ସମାଧିନା ।'

ଭଗବାନଙ୍କୁ ଅର୍ପଣ କରାଯାଏ। ଅର୍ପଣ ହିଁ ଭଗବାନ। ଯେଉଁ ଅଗ୍ନିରେ ସମର୍ପଣ କରାଯାଏ ତାହା ଭଗବାନ । ଯେଉଁ ବ୍ୟକ୍ତି ଅର୍ପଣ କରେ ସେ ଭଗବାନ । ଶେଷରେ ଭଗବାନ ହେଉଛନ୍ତି ଲକ୍ଷ୍ୟ, ସେହି ବ୍ୟକ୍ତି ପାଇଁ ଯିଏ ଅର୍ପଣ କରୁଥାଏ। କ୍ଷୁଧାକୁ ଭଗବାନ ଅଗ୍ନି ଭାରେ ଆମ ଠାରେ ସଂଯୋଗ କରିଛନ୍ତି । ଖାଦ୍ୟାର୍ପଣ ଏକ ଯଜ୍ଞ। ଯଜ୍ଞର ଚାରଟି ବୈଶିଷ୍ଟ୍ୟ ଥାଏ । ପ୍ରଥମ ଭଗବାନଙ୍କୁ ଯାହା ଦିଆଯାଏ। ଦ୍ୱିତୀୟ ଜଠରାଗ୍ନି ଯାହା ମଧ୍ୟକୁ ଖାଦ୍ୟ ଅର୍ପଣ କରାଯାଏ। ତୃତୀୟ ଅର୍ପଣ ଏବଂ ଚତୁର୍ଥରେ ପ୍ରତ୍ୟେକ ମନୁଷ୍ୟ କରୁଥିବା ଏହି ଯଜ୍ଞ। ଏହି ପ୍ରାର୍ଥନାରେ ଉପରୋକ୍ତ ଚାରଟି ଯବର ଗୁଣାବଳୀ ଏକ ଦୈବତ୍ୱକୁ ସୂଚିତ କରେ । ଆମେ ଆମ ଭିତରେ ଥିବା ଭଗବାନଙ୍କୁ ଖାଦ୍ୟ ଅର୍ପଣ କରୁ ଯେଉଁ ଖାଦ୍ୟ କି ଭଗବାନ ନିଜେ। ଏପରି କରୁ କାରଣ ଆମେ ଭଗବାନଙ୍କ ଆଶୀର୍ବାଦ ଚାହୁଁ ଓ ଭଗବାନଙ୍କ ପ୍ରଦ କର୍ମ କରିବାକୁ ଚାହୁଁ ।

ଖାଦ୍ୟ ଗ୍ରହଣ କରିବା ପୂର୍ବର୍ପରୁ ଏହି ପ୍ରାର୍ଥନା କରିବାର ଅର୍ଥ ଆମେ ଖାଦ୍ୟକୁ ନୈବେଦ୍ୟ ହିସାବରେ ବା ଖାଦ୍ୟକୁ ପ୍ରସାଦ ରୂପେ ପରିଣତ କରି ଭଗବାନଙ୍କୁ ଅର୍ପଣ କରୁ। ଏହି ଅର୍ପଣର ଉର ହେଉଛି 'ଅହଂ ବୈଶ୍ୱାନରୋ ଭୂତ୍ୱା, ପ୍ରାଣିନାଂ ଦେହମାଶ୍ରିତଃ। ପ୍ରାଣାପାନ ସମାଯୁକ୍ତଃ, ପତାମ୍ୟନ୍ନଂ ଚତୁର୍ବିଧମ୍।' ମୁଁ ସମସ୍ତ ଜୀବନ୍ତପ୍ରାଣୀ ମାନଙ୍କ ମଧ୍ୟରେ ଅଗ୍ନି ବା ବୈଶ୍ୱାନର ଭାବରେ ବିରାଜିତ। ପବନ ନିଶ୍ୱାସ ପ୍ରଶ୍ୱାସ ସହିତ ସଂଯୁକ୍ତ। ରବିନାରାୟଣର ଉତ୍ସାହ ବଢ଼ିଗଲା। ସେ ପଚାରିଲା ଚାରି ପ୍ରକାର ଖାଦ୍ୟ କ'ଣ ? ଚିବ୍ୟ– କଠିନ ଖାଦ୍ୟ ଯାହା ଆମେ ଚୋବେଇକି ଖାଉ। ଚୋଷ୍ୟ– ଯାହା ଚୁଷିକି ଖାଉ, ଲେହ୍ୟ– ଯାହା ଚାଟିକି ଖାଉ ଏବଂ ପ୍ରେୟ– ଯାହା ଆମେ ପାନୀୟ ଭାବରେ ଗ୍ରହଣ କରୁ।

ରବିନାରାୟଣ କହିଲା ବାପା ଏଥର ମୁଁ ବୁଝିଗଲି। ଭଗବାନ ବୈଶ୍ୱାନର ଭାବରେ ଆମ ଭିତରେ ଅଛନ୍ତି ଓ ଚାରି ପ୍ରକାର ଖାଦ୍ୟକୁ ଆମ ଭିତରେ ଗ୍ରହଣ କରୁଛନ୍ତି ଓ ସେହି ଭଗବାନ ଅପାନ ଭାବେ ଆମ ଶରୀରର ଅପଦାର୍ଥ ଗୁଡ଼ିକୁ ବାହାର କରିବାରେ ସାହାଯ୍ୟ କରିଥାନ୍ତି। ପନିପରିବା, ଫଳ, କ୍ଷୀର, ଫଳରସ ଭଗବାନ ଆମକୁ ଦେଇଛନ୍ତି ଓ ବିଭିନ୍ନ ପ୍ରକାର ଖାଦ୍ୟରୁ ପୋଷକତ୍ୱ ତାଙ୍କ ଦୈବତ୍ୱ ମାଧ୍ୟମରେ ଯୋଗାଇଥାନ୍ତି। ଆମ ଶରୀର ଭିତରେ ଆମ ଅଜାଣତରେ ଏ ଚମତ୍କାରିତା ଚାଲିଛି। ହେ ପ୍ରଭୁ ଜଗନ୍ନାଥ! ତୁମେ ଅତ୍ୟନ୍ତ ମହାନ ଓ ଚମତ୍କାରୀ। ମୋ ଭିତରେ ଲଚୁ ତୁମେ ଖେଳ ଚଲାଇଚ।


*ପ୍ରଧାପିକା, ସିଡିଏ କଟକ*
*ମୋ. ୯୬୯୨୯୮୦୦୨୬*


# ପିଏନ୍ କଲେଜ ସଙ୍ଗୀତ ପ୍ରତିଯୋଗିତା ପ୍ରୋତ୍ସାହନର ଏକ ମଞ୍ଚ

## ଦୁନିଆର ହାଲ୍



**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**

ପ୍ରତ୍ୟେକ ବର୍ଷ ପ୍ରାଣନାଥଙ୍କ ଜୟନ୍ତୀ ଉପଲକ୍ଷେ ଆନ୍ତଃ କଲେଜ ସଂଗୀତ ପ୍ରତିଯୋଗିତା ନଭେମ୍ବର ୧୫ ଓ ୧୬ ରେ ହୋଇଥାଏ । ଏହା ଏ ବର୍ଷ ୧୪ ଏବଂ ୧୬ରେ ଅନୁଷ୍ଠିତ ହେବ । ପ୍ରାଣନାଥ ଜୀବିତ ଥିବା ଅବସ୍ଥାରେ ଏ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା । ତାଙ୍କର ବିୟୋଗ ପରେ ଏହା ଅତି ନିଷ୍ଠାର ସହିତ ତାଙ୍କର ଇଚ୍ଛାକୁ ସମ୍ମାନ ଜଣାଇ ଅନୁଷ୍ଠିତ ହୋଇଥାଏ । ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକ ଚାହୁଁଥିଲେ ତାଙ୍କଦ୍ୱାରା ପ୍ରତିଷ୍ଠିତ କଲେଜର ଛାତ୍ରଛାତ୍ରୀମାନେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନର ପଢୁଥିବା ଛାତ୍ର ଛାତ୍ରୀଙ୍କର ମେଧା ବିଷୟରେ ଅବଗତ ହୁଅନ୍ତୁ ଏବଂ ନିଜେ ନିଜକୁ ଉତ୍କର୍ଷ ସ୍ତରରେ ପହଞ୍ଚାନ୍ତୁ । ଏଣୁ ସେ ଜୀବିତ ଅବସ୍ଥାରେ ସଂଗୀତ, ତର୍କ ଓ ପ୍ରବନ୍ଧ ଇତ୍ୟାଦି ବିଷୟରେ ସେତେବେଳକାର ଖୋର୍ଦ୍ଧା କଲେଜରେ ଆନ୍ତଃ କଲେଜ ପ୍ରତିଯୋଗିତା ଆରମ୍ଭ କରିଥିଲେ । ଏହା ଏପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି ।

ଯେତେବେଳେ ଏହି କଲେଜରେ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା ସେତେବେଳେ ତାଙ୍କ (ପ୍ରାଣନାଥଙ୍କ) ପରାମର୍ଶରେ ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ଭାଗ ନେଉଥିଲେ, ଏପରିକି ଓଡ଼ିଆ ଛାତ୍ରଛାତ୍ରୀ ରାଜ୍ୟର ବାହାରେ କେଉଁଠି ବି ଅଧ୍ୟୟନ କରୁଛନ୍ତି ସେମାନେ ଏପରି ପ୍ରତିଯୋଗିତାରେ ଭାଗନେଇ ପାରିବେ ବୋଲି ସ୍ଥିର ହୋଇଥାଏ । ଏ ନେଇ ସମସ୍ତେ ବିଜ୍ଞପିତ ହେଉଥିଲେ । ଏହି ପ୍ରତିଯୋଗିତା ଆରମ୍ଭ ସମୟରେ ସମସ୍ତେ ଉତ୍ସାହିତ ହୋଇଥିଲେ । ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଓ ବିଭିନ୍ନ କଲେଜର ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଉଥିଲେ । ସମ୍ବଲପୁରରୁ ଗଙ୍ଗାଧର ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ତାଙ୍କ କଲେଜ ପକ୍ଷରୁ ବସଭଡ଼ା କରି ଆସୁଥିଲେ । ବାଦ୍ୟଯନ୍ତ୍ର ବି ଆଣୁଥିଲେ । ଖୋର୍ଦ୍ଧାରେ ପ୍ରତିଯୋଗିତାରେ ଭାଗ ନେଇ ପୁରୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ନିଜ ନିଜ କଲେଜକୁ ଫେରୁଥିଲେ । ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟଙ୍କୁ ଛାଡ଼ି, ସ୍ୱର୍ଗତ ଅବନୀ କୁମାର ବରାଳ, (ପୂର୍ବତନ ପ୍ରାଧ୍ୟାପକ ଓ ଅଧ୍ୟକ୍ଷ) ସ୍ୱର୍ଗତ ଅମୂଲ୍ୟ କୃଷ୍ଣ ମିଶ୍ର (ପୂର୍ବତନ ଅଧ୍ୟକ୍ଷ) ସ୍ୱର୍ଗତ ସୁବୋଧ କୁମାର ଚାଟାର୍ଜୀ, ମଦନ ମୋହନ ବେହେରା, ଅଧ୍ୟାପିକା ସ୍ୱୟଂପ୍ରଭା ପଟ୍ଟନାୟକ, ଅମରେନ୍ଦ୍ର ନାରାୟଣ ଷଡଙ୍ଗୀ, ଅରବିନ୍ଦ ପ୍ରଧାନ, ଆଭାସ କୁମାର ବରାଳ, ସ୍ୱର୍ଗତ ସୁବୋଧ କୁମାର ମହାନ୍ତି, ଅଧ୍ୟାପକ ସ୍ୱଦେଶ ଘୋଷ ଏବଂ ଅନେକ ଅତୀତର ଅଧ୍ୟକ୍ଷ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଅବିସ୍ମରଣୀୟ ଅବାଦନ ପ୍ରଦାନ କରିଛନ୍ତି । ସଂଗୀତର ପ୍ରତ୍ୟେକ ବିଭାଗରେ ପ୍ରତିଯୋଗିତା ଦୁଇଦିନ ପାଇଁ ହେଉଥିଲା । କଟକର ଏସିବି ମେଡିକାଲ କଲେଜର ଛାତ୍ରଛାତ୍ରୀ ମଧ୍ୟ ଆସୁଥିଲେ । ସେତେବେଳକାର ନିର୍ବାଚିତ ନାଟ୍ୟସଂସଦର ସମ୍ପାଦକ, ସହସମ୍ପାଦକ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଭାଗ ନେଉଥିଲେ । ଏବେ ରାଜ୍ୟରେ ପ୍ରାୟ ପାଖାପାଖି ଏକହଜାର କଲେଜମାନ ପ୍ରତିଷ୍ଠିତ ହେଲାଣି । ଅନେକ କଲେଜରେ ଏପରି ପ୍ରତିଯୋଗିତା ହେବାପାଇଁ ବ୍ୟବସ୍ଥା ଆରମ୍ଭ ହୋଇଛି । ଏଣୁ ଛାତ୍ରଛାତ୍ରୀ ତାଙ୍କ ନିଜ ଅଞ୍ଚଳରେ ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ମୁଁ ସବୁକଥା ଏଠି ଲେଖିପାରିବି ନାହିଁ । କିନ୍ତୁ ଏଇଠି ଯେଉଁମାନେ ପ୍ରତିଯୋଗିତାରେ ଭାଗ ନେଉଥିଲେ ଓ ପୁରସ୍କୃତ ହେଉଥିଲେ, ସେମାନେ ଆମ ରାଜ୍ୟର ପ୍ରତିଷ୍ଠିତ ସଂଗୀତଜ୍ଞ (କଣ୍ଠଶିଳ୍ପୀ ଓ ବାଦ୍ୟଯନ୍ତ୍ର ଶିଳ୍ପୀ) ହୋଇ ପାରିଛନ୍ତି । ଆଜିକାଲି ସେମିଷ୍ଟାର ପରୀକ୍ଷା ଚାପରେ ଛାତ୍ରଛାତ୍ରୀମାନେ ଏତେ ବ୍ୟସ୍ତ ରହୁଛନ୍ତି ଯେ ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇପାରୁ ନାହାନ୍ତି ଏବଂ କଲେଜ କର୍ତ୍ତୃପକ୍ଷ ପ୍ରତିଯୋଗିତାକୁ ଅଳ୍ପ କେତେକ ବିଭାଗରେ ସୀମିତ ରଖୁଛନ୍ତି । ଦୁଇଦିନ ପରିବର୍ତ୍ତେ ଦିନକରେ ପ୍ରତିଯୋଗିତା ଅନୁଷ୍ଠିତ କରି ଶେଷ କରୁଛନ୍ତି । ବିଗତ ଦୁଇ କି ତିନିବର୍ଷ ହେବ ସଂଗୀତ ପ୍ରତିଯୋଗିତାକୁ କ୍ରିୟାଶୀଳ ଓ ଗ୍ରହଣୀୟ କରିବା ପାଇଁ ପ୍ରଫେସର ଶୁଭେନ୍ଦୁ ମହାନ୍ତି ଓ ପ୍ରଫେସର ଗୋପାଳ କୃଷ୍ଣ ଦାସ, ଅରବିନ୍ଦ ପ୍ରଧାନ ପ୍ରଭୃତିଙ୍କ ଭୂମିକା ଅତି ଗୌରବମୟ ଥିଲା । ଗୋଟିଏ ସମୟରେ ଏକକ ଅଭିନୟ ମଧ୍ୟ ଅନୁଷ୍ଠିତ ହେଉଥିଲା । ସେଠାରେ ସଂଗୀତର ବିଭିନ୍ନ ବିଭାଗ ଥିଲା । ଯନ୍ତ୍ର ସଂଗୀତ ପ୍ରତିଯୋଗୀତା ମଧ୍ୟ ବିଭିନ୍ନ ବିଭାଗକୁ ସଂପ୍ରସାରିତ ହୋଇଥିଲା। ସ୍ମୃତିରେ ଅଛି ଥରେ ପରମାନନ୍ଦ କଲେଜ ବୋଲଗଡ଼ର ଛାତ୍ର ଜଣେ ମହୁରୀ ଆଣି ପ୍ରତିଯୋଗିତାରେ ଭାଗ ନେଇଥିଲେ । ସେ ମହୁରୀ ଏମିତି ବଜାଇଥିଲେ ଯେ ଉପସ୍ଥିତ ଦର୍ଶକମାନେ ବିସ୍ମିତ ହୋଇଥିଲେ । ସେପରି ପ୍ରତିଯୋଗୀ ଏବେ ଆସୁ ନାହାନ୍ତି ।

ଓଡ଼ିଶାର ଯେଉଁମାନେ ଏକକ ଏବେ ରାଜ୍ୟର ସ୍ୱନାମଧନ ସଂଗୀତଜ୍ଞ ହୋଇଛନ୍ତି, ସେମାନେ ଖୋର୍ଦ୍ଧା କଲେଜ ତଥା ଏବେକାର ପ୍ରାଣନାନାଥ କଲେଜକୁ ନିଶ୍ଚିତ ଭାବରେ ଆସିଥିବେ । ଯେଉଁଠି ସେମାନଙ୍କ ସହିତ ଦେଖାହୁଏ ସେମାନେ ଗର୍ବ କରିଥାଆନ୍ତି । ମୁଁ ବାଙ୍କୀ କଲେଜରୁ ଅଧ୍ୟକ୍ଷତା ସମାପ୍ତି ସାରି ପ୍ରାଣନାଥ କଲେଜକୁ ଅଧ୍ୟକ୍ଷ ହୋଇ ୧୯୯୪ରେ ଆସିଲି । ମୁଁ ଆସିଲା ପରେ ସମ୍ବଲପୁରର ଗଙ୍ଗାଧର ମେହେର କଲେଜର ଗଙ୍ଗାଧର ସମ୍ମାନ ପ୍ରଦାନଦ୍ୱାରା ପ୍ରଭାବିତ ହେଲି । ତୁରନ୍ତ ପ୍ରାଣନାଥ କଲେଜର ପ୍ରତିଷ୍ଠାତାକୁ ସମ୍ମାନିତ କରିବା ପାଇଁ ପ୍ରାଣନାଥ ସମ୍ମାନ ପୁରସ୍କାର ସୃଷ୍ଟି କରିଥିଲି । ସେ ସମୟର ପରିଚାଳନା ସମିତି, ଅଧ୍ୟାପକ, ଅଧ୍ୟାପିକା ଓ ସହଯୋଗୀ କର୍ମଚାରୀମାନେ ଘନିଷ୍ଠ ଭାବରେ ସହଯୋଗ କରିଥିଲେ । ମୋର ସ୍ମୃତିରେ ଅଛି, ଆମ ରାଜ୍ୟର ପ୍ରଣମ ପୁରୁଷ ସ୍ୱର୍ଗତ ରାଧାନାଥ ରଥ ପ୍ରଥମ ପ୍ରାଣନାଥ ସମ୍ମାନ ଲାଭ କରିଥିଲେ । ସେ ରାଜ୍ୟର ଜଣେ ପ୍ରବାଦ ପୁରୁଷ ପ୍ରାଣନାଥ ପଟ୍ଟନାୟକ ଓ ପ୍ରାଣନାଥ କଲେଜର ଜଣେ ଏପରି ହିତୈଶୀ ଥିଲେ ଯେ ପ୍ରାଣନାଥ କଲେଜ ସହିତ ଘନିଷ୍ଠ ଭାବରେ ନିଜକୁ ଜଡିତ କରିଥିଲେ । ତାଙ୍କ ସହଯୋଗିତା ବର୍ଣ୍ଣନା କରିହେବ ନାହିଁ । ଏହାର କିଛିବର୍ଷ ପରେ କଲେଜର ପରିଚାଳନା ସମିତି ସ୍ଥିର କଲା ଯେ ପ୍ରାଣନାଥ ସଂଗୀତ ସମ୍ମାନ ମଧ୍ୟ ଦିଆଯିବ । ଅତୀତରେ ରାଜର ଅତି ବିଶିଷ୍ଟ ସଂଗୀତଜ୍ଞମାନେ ଏପରି ସମ୍ମାନ ଲାଭ କରିଛନ୍ତି । ଏ ବର୍ଷ ସଂଗୀତ ସମ୍ମାନ ରାଜର ସ୍ୱନାମଧନ କଣ୍ଠଶିଳ୍ପୀ ତାନସେନ ସିଂହ ପ୍ରାଣନାଥ ଜୟନ୍ତୀ ଉପଲକ୍ଷେ ପାଇବେ । ନଭେମ୍ବର ୧୬ରେ ପୂର୍ବାହ୍ନ ୧୧ଟା ସମୟରେ ଏହା ଦିଆଯିବ । ଏହି ପ୍ରାଣନାଥ ଜୟନ୍ତୀ ଉତ୍ସବରେ ଉଦ୍‌ଘାଟକ, ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗଦେବେ ସମ୍ମାନନୀୟା ଶ୍ରୀମତୀ ଅପରାଜିତା ଷଡଙ୍ଗୀ, ବରେଣ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନସ୍ୱଦ ପ୍ରଶାନ୍ତ ଜଗଦେବ, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପ୍ରଦୋଷ ପଟ୍ଟନାୟକ ସଂଗୀତକୁ ଶୁଣିବା ଓ ସଂଗୀତକୁ ନେଇ ହାତ ଧରାଧରି ହୋଇ ନାଚିବା ସମସ୍ତଙ୍କର ଆଗ୍ରହ । ଅଧ୍ୟୟନ ସହିତ ଫୁର୍ସତ ସମୟରେ ସଂଗୀତକୁ ଟିକେ ଆଦରି ନେବା, ସମସ୍ତେ ଚାହାନ୍ତି । ସମସ୍ତଙ୍କର ଇଚ୍ଛା ସଂଗୀତ ସେମାନଙ୍କ ଜୀବନରେ ପ୍ରତିଫଳିତ ହେଉ । କଲେଜର ପରିଚାଳନା ସମିତିର ସଭାପତି ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଏହି ଉତ୍ସବରେ ସଭାପତିତ୍ୱ କରିବେ । କଲେଜର ଅଧ୍ୟକ୍ଷା ଡ.ବିନ୍ଦୁଶ୍ରୀ ମିଶ୍ର ସ୍ୱାଗତ ଅଭିଭାଷଣ ରଖିବେ । ଉପାଧ୍ୟକ୍ଷ ପ୍ରତାପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିବେ । ଉତ୍ସବର ସଂଯୋଜନାରେ ଅଗ୍ରଣୀ ଭୂମିକା ନେଇଛନ୍ତି ଡ.ପ୍ରିୟବ୍ରତ ମହାନ୍ତି ।


*ଜେଲରୋଡ଼, ଖୋର୍ଦ୍ଧା,*
*ମୋ ୯୪୩୭୩୦୨୪୧୭*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ




ମ୍ୟାରି କ୍ୟୁରି, ନଭେମ୍ବର ୭, ୧୮୬୭ରେ ୱାର୍ଶ, ପୋଲାଣ୍ଡର କଂଗ୍ରେସ ରାଜ୍ୟ, ଋଷ ସାମ୍ରାଜ୍ୟରେ ଜନ୍ମଗ୍ରହଣ କରିଥିଲେ । କ୍ୟୁରିଙ୍କ ପିତା ମାଧ୍ୟମିକ ଶିକ୍ଷକ ଭାବରେ ଗଣିତ ଏବଂ ପଦାର୍ଥ ବିଜ୍ଞାନ ଶିକ୍ଷା ଦେଉଥିଲେ ଏବଂ ତାଙ୍କର ଉତ୍ସାହ ଏବଂ ଜ୍ଞାନକୁ ପିଲାମାନଙ୍କ ସହିତ ବାଣ୍ଟିଥିଲେ । ସେହି ସମୟରେ ଝିଅମାନେ ଅଧ୍ୟୟନ କରିବା ଏକ ଅସାଧାରଣ ବିଷୟ ଥିଲା ଏବଂ ତାଙ୍କ ପିତାଙ୍କ ପ୍ରଭାବ ହେତୁ କ୍ୟୁରି ଉଭୟ ଡିଗ୍ରୀ ହାସଲ କରିବାକୁ ଯାଇଥିଲେ । ଦୁର୍ଭାଗ୍ୟବଶତଃ, ଯେତେବେଳେ ତାଙ୍କ ପିତା କାର୍ଯ୍ୟ କରୁଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ତାଙ୍କୁ ପୋଲାଣ୍ଡ ପ୍ରତି ବିଶ୍ୱସ୍ତ ଥିବାରୁ ତାଙ୍କୁ ଫେରାଇ ଦେଇଥିଲେ, ଯାହା ଋଷର ନିୟମ ଅନୁଯାୟୀ ବେଆଇନ ଥିଲା । ମ୍ୟାରି ତାଙ୍କର ବାକି ଜୀବନକୁ ତାଙ୍କ ଶିକ୍ଷା ପାଇଁ ପାଣ୍ଠି ସଂଗ୍ରହ ପାଇଁ ସଂଘର୍ଷ କରିଥିଲେ ।



# ମହିଳାମାନଙ୍କ ପାଇଁ ସମ୍ଭାବ୍ୟତାର ପ୍ରତୀକ

# ମ୍ୟାରି କ୍ୟୁରି





ମ୍ୟାରି କ୍ୟୁରି ଜଣେ ଅତ୍ୟନ୍ତ ବୁଦ୍ଧିମାନ ମହିଳା ଯିଏ ନିଜ ଜୀବନକୁ ଜ୍ଞାନ ଅନ୍ୱେଷଣରେ ଉତ୍ସର୍ଗ କରିଥିଲେ । ସେ ଚାରି ବର୍ଷ ବୟସରେ ପଢିବା ଶିଖିଥିଲେ । ଏହି ଅଳ୍ପ ବୟସରେ ସେ ବୈଜ୍ଞାନିକ ହେବାର ସ୍ୱପ୍ନ ଦେଖିଥିଲେ, ଯଦିଓ ତାଙ୍କ ପୁରୁଷ ପ୍ରାଧାନ୍ୟ ସମାଜରେ ଏପରି ସ୍ୱପ୍ନ କଷ୍ଟସାଧ୍ୟ ଥିଲା ସେ ସ୍ଥାନୀୟ ବିଦ୍ୟାଳୟରେ ସାଧାରଣ ଶିକ୍ଷା ଏବଂ ପିତାଙ୍କଠାରୁ ବିଜ୍ଞାନ ତାଲିମ ଗ୍ରହଣ କରିଥିଲେ । ୧୮୯୧ ମସିହାରେ, କ୍ୟୁରି ପ୍ୟାରିସର ସୋରବୋନ୍ ୟୁନିଭରସିଟିରେ ଅଧ୍ୟୟନ ଜାରି ରଖିବାରେ ସକ୍ଷମ ହୋଇଥିଲେ, ଯେଉଁଠାରେ ସେ ଅଧ୍ୟୟନ କରିଥିଲେ ଏବଂ ପଦାର୍ଥ ବିଜ୍ଞାନ ଏବଂ ଗଣିତ ବିଜ୍ଞାନରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ । କ୍ୟୁରି ତାଙ୍କ ଜୀବନସାରା ଶିକ୍ଷାକୁ ଆହୁରି ଆଗକୁ ବଢାଇଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ଯେତେବେଳେ ସେ ସୋର୍ବୋନେରେ ଫିଜିକ୍ସ ଲାବୋରେଟୋରୀର ମୁଖ୍ୟ ଭାବରେ ଉତ୍ତରାଧିକାରୀ ହୋଇଥିଲେ ସେତେବେଳେ ତାଙ୍କର ସବୁଠାରୁ ବଡ ସଫଳତା ମିଳିଥିଲା । ସଫଳତାର ଆଉ ଏକ ମୁହୂର୍ତ୍ତରେ ସେ ୧୯୦୬ ମସିହାରେ ଜେନେରାଲ୍ ଫିଜିକ୍ସର ପ୍ରଫେସର ଭାବରେ ତାଙ୍କ ସ୍ୱାମୀଙ୍କ ସ୍ଥାନ ଗ୍ରହଣ କଲେ, ଯିଏକି ପ୍ରଥମ ଥର ପାଇଁ ଏହି ପଦବୀ ପାଇଥିଲେ ।

ମ୍ୟାରି କ୍ୟୁରି ତାଙ୍କ ଜୀବନର ଶ୍ରେଷ୍ଠ ସାଥି ରୂପେ ପେରି କ୍ୟୁରିଙ୍କୁ ପାଇଥିଲେ । ସେମାନଙ୍କର ସାକ୍ଷାତ ବିଶ୍ୱବିଦ୍ୟାଳୟରେ ହୋଇଥିଲା ଏବଂ ଦୁହେଁ ଦୁହିଁଙ୍କ ପ୍ରତି ଆକର୍ଷିତ ହୋଇଥଲେ ଏବଂ ଖୁବ ଶୀଘ୍ର ବିବାହ ମଧ କରିଥିଲେ । ସେମାନଙ୍କ ସମ୍ପର୍କ ସ୍ୱାମୀ-ସ୍ତ୍ରୀଙ୍କ ଅପେକ୍ଷା ବିଜ୍ଞାନ କ୍ଷେତ୍ରରେ ଅଂଶୀଦାରଭାବେ ଅଧିକ ସମୟ ବିତାଇଥିଲେ । ସେମାନେ ବିଜ୍ଞାନ ଏବଂ ଆବିଷ୍କାରରେ ଅଂଶୀଦାର ହେଲେ ଏବଂ କ୍ୟୁରିଙ୍କର ଅନେକ ବଡ଼ ସଫଳତା ତାଙ୍କ ସ୍ୱାମୀ ସହିତ ବିକଶିତ ହେଲା । ଏହି ଦମ୍ପତିଙ୍କର ଦୁଇ ଝିଅ ଥିଲେ, ଇରେନ୍ ଜୋଲିଓଟ୍-କ୍ୟୁରି ଏବଂ ଇଭ କ୍ୟୁରି, ଯେଉଁମାନେ ନିଜେ ବହୁତ ସଫଳ କ୍ୟାରିଅର ତିଆରି କରିବାରେ ସଫଳ ହୋଇଥିଲେ । ଦୁଃଖର ବିଷୟ, ଏହି ଖୁସିବେଶୀ ଦିନ ଚାଲିପାରି ନଥିଲା ୧୯୦୬ ମସିହାରେ ଯେତେବେଳେ ପେରି କ୍ୟୁରି ଘୋଡା ଚାଳିତ ଗାଡି ଦ୍ୱାରା ଧକ୍କା ଲାଗି ମୃତ୍ୟୁବରଣ କଲେ । ମାରି କ୍ୟୁରି ତାଙ୍କ ସମୟର ସବୁଠାରୁ ବଡ ଆବିଷ୍କାର କରିଥିଲେ । ଯେତେବେଳେ ସେ କହିଥିଲେ ଯେ ରେଡିଓଆକ୍ଟିଭିଟି ପରମାଣୁ ନୁହେଁ ଏକ ରାସାୟନିକ ସମ୍ପତ୍ତି ସେ ରେଡିଓଆକ୍ଟିଭିଟି କ୍ଷେତ୍ରରେ ଜଣେ ଅଗ୍ରଦୂତ ଥିଲେ, ଅନେକ ପୁରସ୍କାର ଜିତିଥିଲେ ଏବଂ ୧୯୦୩ ମସିହାରେ ତାଙ୍କ ସ୍ୱାମୀ ପେରି କ୍ୟୁରି ଏବଂ ସହକର୍ମୀ ହେନେରୀ ବେକେରେଲଙ୍କ ସହ ପଦାର୍ଥ ବିଜ୍ଞାନରେ ଅଂଶୀଦାର ହୋଇଥିବା ପୁରସ୍କାର ସହିତ ପ୍ରଥମ ମହିଳା ନୋବେଲ ବିଜେତା ହୋଇଥିଲେ । ମ୍ୟାରି କ୍ୟୁରି ରସାୟନ ବିଜ୍ଞାନରେ ଆଉ ଏକ ନୋବେଲ ପୁରସ୍କାର ପାଇବାକୁ ଯାଇଥିଲେ, ଏଥର ଏକମାତ୍ର ପ୍ରାପ୍ତକର୍ତ୍ତା ଭାବରେ ସେ ପୋଲୋନିୟମ୍ ଏବଂ ରେଡିୟମ୍ ଉପାଦାନଗୁଡିକ ମଧ ଆବିଷ୍କାର କରିଥିଲେ ମ୍ୟାରି କ୍ୟୁରି ତାଙ୍କର ମହାନ ସଫଳତା ପାଇଁ ଦେଖିବା ଏବଂ ସ୍ୱୀକୃତି ପାଇବା ପାଇଁ କ୍ରମାଗତ ଭାବରେ ସଂଘର୍ଷ କରୁଥିଲେ । ସେହି ସମୟରେ ଜଣେ ମହିଳା ଏପରି ପୁରୁଷ ପ୍ରାଧାନ୍ୟ କ୍ଷେତ୍ରରେ ଅଂଶଗ୍ରହଣ କରିବା ଅତ୍ୟନ୍ତ ଅସାଧାରଣ ଥିଲା । ମେ ୧୩, ୧୯୦୬ ରେ ତାହା ବଦଳିଗଲା ବିଜ୍ଞାନ ବିଭାଗର ପରିଷଦ ସର୍ବସମ୍ମତି କ୍ରମେ ପିଆର କ୍ୟୁରିଙ୍କ ପାଇଁ ସୃଷ୍ଟି ହୋଇଥିବ । ଚେୟାରକୁ ବଜାୟ ରଖିବାକୁ ଏବଂ ଏହାକୁ ମ୍ୟାରିଙ୍କୁ ଜଣାଇବାକୁ ନିଷ୍ପତ୍ତି ନେଇଛି । ପ୍ରଥମ ଥର ପାଇଁ ଜଣେ ମହିଳାଙ୍କୁ ଫ୍ରେଞ୍ଚ ଉଚ୍ଚଶିକ୍ଷାରେ ଦୃଶ୍ୟମାନ ଭୂମିକା ଦିଆଯାଇଥିଲା । ଏହି ଭୋଟ୍ ସର୍ବସମ୍ମତିକ୍ରମେ ଦର୍ଶାଉଛି ଯେ ମେରୀ କ୍ୟୁରି ଜଣେ ବୈଜ୍ଞାନିକ ଭାବରେ ଅଧିକ ରକ୍ଷଣଶୀଳ ସମ୍ପ୍ରଦାୟର ସମ୍ଭାବ୍ୟ ବ୍ୟାକଲାକ୍ ପାଇବାକୁ ଯଥେଷ୍ଟ ପ୍ରତିଭା ଥିବା ମାନ୍ୟତା ପାଇଥିଲେ । କ୍ୟୁରି ମଧ ପରୋପକାରୀ ଥିଲେ । ସେ ତାଙ୍କ ପୁରସ୍କାର ରାଶି ଆହତ ସୈନିକମାନଙ୍କ ଚିକିତ୍ସା ପାଇଁ ଦାନ କରିଥିଲେ ଏବଂ ପ୍ରଥମ ବିଶ୍ୱ ଯୁଦ୍ଧ ସମୟରେ ମୋବାଇଲ୍ ରେଡିଓଗ୍ରାଫି ୟୁନିଟ୍ ବ୍ୟବହାର କରିବାକୁ ଦାବି କରିଥିଲେ । ସେ ଚାହୁଁଥିଲେ କର୍କଟ ରୋଗର ଚିକିତ୍ସା ପାଇଁ ରେଡିଓଆକ୍ଟିଭିଟି ବ୍ୟବହାର କରାଯାଉ ଏବଂ ସେ ଆବିଷ୍କାର ଏହି ନୂତନ ଗୁଣଗୁଡ଼ିକର ଲାଭ ପାଇବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ଏସବୁ ସତ୍ତ୍ୱେ ମଧ କ୍ୟୁରି ବୈଜ୍ଞାନିକ ସମ୍ପ୍ରଦାୟରେ ନିଜକୁ ଗ୍ରହଣ କରାଯିବା ସହିତ ସଂଘର୍ଷ କରିଥିଲେ ।

ପ୍ରକୃତରେ, ୧୯୦୩ ନୋବେଲ ପୁରସ୍କାର ପାଇଁ ମେରୀ କ୍ୟୁରି ମନୋନୀତ ହୋଇନଥିଲେ । ଉଦାହରଣ ସ୍ୱରୂପ, ଏହା କୌତୁହଳର ବିଷୟ ଯେ ତାଙ୍କର ପ୍ରାରମ୍ଭିକ ପୁରସ୍କାର ପ୍ରାୟତଃ ଉଭୟ ତାଙ୍କୁ ଏବଂ ତାଙ୍କ ସ୍ୱାମୀଙ୍କୁ ପ୍ରଦାନ କରାଯାଉଥିଲା । ପ୍ରକୃତରେ,ସେ ଆବିଷ୍କାରରେ କାର୍ଯ୍ୟ କରିଥିଲେ ମଧ୍ୟ ୧୯୦୩ ନୋବେଲ ପୁରସ୍କାର ପାଇଁ ମେରୀ କ୍ୟୁରି ମନୋନୀତ ହୋଇନଥିଲେ । ଯଦିଓ ସେ ଆବିଷ୍କାରରେ କାର୍ଯ୍ୟ କରିଥିଲେ ତାଙ୍କ ସ୍ୱାମୀ ମ୍ୟାଡାମ୍ କ୍ୟୁରିଙ୍କ ସହ ମିଶି ବିଚାର କରାଯିବା ପର୍ଯ୍ୟନ୍ତ କହିବା ପର୍ଯ୍ୟନ୍ତ ହିଁ ସେ ଚିନ୍ତା କରିଥିଲେ ଏବଂ ପୂର୍ବ ବର୍ଷ ତାଙ୍କ ନାମାଙ୍କନ ବ୍ୟବହାର କରାଯାଇଥିଲା । ମାରି କ୍ୟୁରି ସହଜରେ ସବୁ ସମୟର ବିଶିଷ୍ଟ ମହିଳା ବୈଜ୍ଞାନିକମାନଙ୍କ ମଧ୍ୟରୁ ଜଣେ ଅଟନ୍ତି । ତାଙ୍କର ବହୁ ପୁରସ୍କାର, ସମ୍ମାନଜନକ ଡିଗ୍ରୀ ଏବଂ ବିଭିନ୍ନ ଶିକ୍ଷିତ ସମାଜରେ ସଦସ୍ୟତା ମାଧ୍ୟମରେ ତାଙ୍କର କୁଖ୍ୟାତି ଅର୍ଜନ କରାଯାଇଛି ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ସେ ପଦାର୍ଥ ବିଜ୍ଞାନରେ ୧୯୦୩ ମସିହାରେ ପ୍ରଥମ ମହିଳା ନୋବେଲ ବିଜେତା ହୋଇଥିଲେ ଏବଂ ପରେ ସେ ରସାୟନ ବିଜ୍ଞାନରେ ଅନ୍ୟ ଏକ ନୋବେଲ ପୁରସ୍କାର ପାଇବାକୁ ଯାଇଥିଲେ । ଏହା ଧ୍ୟାନ ଦେବା ଜରୁରୀ ଯେ ତାଙ୍କୁ ଦୁଇଟି ଭିନ୍ନ ବର୍ଗରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା, ଯାହା ନିଜେ ବିରଳ, ବିଂଶ ଶତାବ୍ଦୀର ପ୍ରାରମ୍ଭରେ ସେ ଜଣେ ମହିଳା ହୋଇଥିବାରୁ ଏହା ଅଧିକ ଚମତ୍କାର କରିଥାଏ । ୧୯୦୩ ମସିହାରେ ତାଙ୍କ ସ୍ୱାମୀଙ୍କ ସହ କ୍ୟୁରିଙ୍କୁ ଡେଭି ପଦକ ମଧ ପ୍ରଦାନ କରାଯାଇଥିଲାଛଏହି ପୁରସ୍କାର ହେଉଛି ରୟାଲ୍ ସୋସାଇଟି ଅଫ୍ ଲଣ୍ଡନର ସର୍ବୋଚ୍ଚ ପୁରସ୍କାର ୧୯୦୪ ମସିହାରେ, ସେ ପୁଣିଥରେ ତାଙ୍କ ସ୍ୱାମୀଙ୍କ ସହ ଇଟାଲୀ ସୋସାଇଟି ଅଫ୍ ସାଇନ୍ସ ଦ୍ୱାରା ମ୍ୟାଟେଚି ପଦକ ପାଇଥିଲେ ଏବଂ ୧୯୦୯ ମସିହାରେ ତାଙ୍କୁ ଫ୍ରାଙ୍କଲିନ୍ ଇନଷ୍ଟିଚ୍ୟୁଟ୍ ଦ୍ୱାରା ଖଲ୍ଲିକୋଟ କ୍ରେସନ୍ ପଦକ ପ୍ରଦାନ କରାଯାଇଥିଲା । ମେରୀ କ୍ୟୁରିଙ୍କୁ ମଧ ଏହି ସଫଳତା ପାଇଁ ସାରା ବିଶ୍ୱରେ ଅଗଣିତ ସମ୍ମାନଜନକ ଡିଗ୍ରୀ ଏବଂ ସଦସ୍ୟତା ପ୍ରଦାନ କରାଯାଇଥିଲା । ଉଦାହରଣ ସ୍ୱରୂପ, ସେ ଅଗଣିତ ବିଦ୍ୟାଳୟ ଏବଂ ସଂଗଠନ ତରଫରୁ ଅନେକ ସମ୍ମାନଜନକ ଡିଗ୍ରୀ ଏବଂ ପୁରସ୍କାର ଗ୍ରହଣ କରିଥିଲେ । ଆପଣଙ୍କ ନିକଟରେ ଥିବା ବିକିରଣର ଜ୍ଞାନ ବିନା, କ୍ୟୁରି ବିଷାକ୍ତତାକୁ ଏଡାଇବା ପାଇଁ କୌଣସି ସତର୍କତା ଅବଲମ୍ବନ କରିନଥିଲେ । ପରିସ୍ଥିତିକୁ ଅଧିକ ଖରାପ କରିବା ପାଇଁ, ଯେତେବେଳେ ସେ ପ୍ରଥମେ ଗବେଷଣା ଆରମ୍ଭ କଲେ, ସେତେବେଳେ ତାଙ୍କର ବହୁତ କମ୍ ଅର୍ଥ ଥିଲା ଯଦିଓ ସେ ସୁରକ୍ଷା ସାବଧାନତା ଅବଲମ୍ବନ କରିବାକୁ ଚାହୁଁଥିଲେ, ସେ ସକ୍ଷମ ହୋଇନଥାନ୍ତେ । ତାଙ୍କର ପରୀକ୍ଷଣ କରିବା ପାଇଁ ତାଙ୍କର ଲାବୋରେଟୋରୀ ମଧ ନଥିଲା, ଏହା ବଦଳରେ ନିଜକୁ ସେମାନଙ୍କ ପରୀକ୍ଷଣ ପାଇଁ ଏକ ଶେଡ୍ ସହିତ ସନ୍ତୁଷ୍ଟ କରିବାକୁ ପଡିଲା ବିକିରଣର ଏହି ସଂସ୍ପର୍ଶରେ ଆସିବା ହେତୁ କ୍ୟୁରି ୪ ଜୁଲାଇ ୧୯୩୪ରେ (ଆପ୍ଲାଷ୍ଟିକ୍ ପର୍ନୀସିଅସ ଏନିମିଆ)ରକ୍ତହୀନତା ହେତୁ ମୃତ୍ୟୁବରଣ କରିଥିଲେ । ଦୁର୍ଭାଗ୍ୟର ବିଷୟ ବିଜ୍ଞାନ ଏବଂ ଆବିଷ୍କାର ପ୍ରତି ତାଙ୍କର ଆଗ୍ରହ ତାଙ୍କ ମୃତ୍ୟୁରେ ପରିଣତ ହୋଇଥିଲା । ଷାଠିଏ ବର୍ଷ ପରେ, ୧୯୯୫ରେ, ଏହି ଦମ୍ପତିଙ୍କ ମୃତଦେହ ସେମାନଙ୍କ ସଫଳତାକୁ ସମ୍ମାନ ଜଣାଇ ପ୍ୟାରିସର ପାନ୍ଥେନ୍‌କୁ ସ୍ଥାନାନ୍ତର କରାଯାଇ ଥିଲା କ୍ୟୁରୀ ହେଉଛନ୍ତି । ପ୍ରଥମ ମହିଳା ଯିଏକି ଏହି ସମ୍ମାନ ଗ୍ରହଣ କରିଛନ୍ତି ଯାହା କେବଳ ବୈଜ୍ଞାନିକ ଭାବରେ ନୁହେଁ, ଭବିଷ୍ୟତରେ ମହିଳାମାନଙ୍କ ପାଇଁ ସମ୍ଭାବ୍ୟତାର ପ୍ରତୀକ ଭାବରେ ତାଙ୍କ ସ୍ଥିତିକୁ ଦୃଢ କରିପାରିଛି ।


**ଅସିତ ମହାନ୍ତି**
ସୁଜନପୁର, ଯାଜପୁର
ମୋ. ୯୪୩୭୨୮୮୦୨୮















# ଶତ ସଂଗ୍ରାମର ଅନନ୍ୟ ଯୋଦ୍ଧା ଅବନୀ ବରାଳ


ହିମାଂଶୁ ଶେଖର ଆଚାର୍ଯ୍ୟ




ଶତ ସଂଗ୍ରାମର ଅନନ୍ୟ ଯୋଦ୍ଧା ଥିଲେ ଅବନୀ ବରାଳ ଚ ଜନ୍ମ ନେଇଥିଲେ ୧୯୩୫ ମସିହା ଜୁନ୍ ୩ ତାରିଖରେ ଓ ଛାଡିଗଲେ ୨୦୧୩ ମସିହା ନଭେମ୍ବର ୭ ତାରିଖରେ ଚ ତାଙ୍କ ବିୟୋଗରେ ଏକ ଯୁଗର ଅବସାନ ଘଟିଲା ଚହେଲେ ଦୀର୍ଘ ୭୯ ବର୍ଷର ଘଟଣାବହୁଳ ଓ ସଂଗ୍ରାମୀ ଜୀବନ ଭିତରେ ଅନେକ ଆଲୋକଶିଖା ଏବେବି ଜାଜ୍ୱଲ୍ୟମାନ । ବେସରକାରୀ ଶିକ୍ଷାନୁଷ୍ଠାନ ଓ ସରକାରୀ ଅନୁଦାନ କଥା ଉଠିଲେ ପ୍ରଥମେ ତାଙ୍କ କଥା ହିଁ ମନରେ ଉଙ୍କିମାରେ । ସେ ହେଉଛନ୍ତି ଶତ ସଂଗ୍ରାମର ଅନନ୍ୟ ଯୋଦ୍ଧା, ପ୍ରବୀଣ ଶିକ୍ଷାବିତ୍, ଅଗ୍ନିବର୍ଷୀ ବକ୍ତା, ସୁସାହିତ୍ୟିକ, ଅପ୍ରତିଦ୍ୱନ୍ଦ୍ୱୀ ସଂଗଠକ, ସାମ୍ୟବାଦ ଚିନ୍ତାନାୟକ, ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ, ସର୍ବୋପରି ବିଶ୍ୱ ଶିକ୍ଷକ ସଂଗଠନର ଉପସଭାପତି ।

୧୯୬୯ ମସିହାର ତତ୍କାଳୀନ ପରିସ୍ଥିତିରେ ବେସରକାରୀ ଶିକ୍ଷାନୁଷ୍ଠାନ ଚାକିରି ତାଳଗଛର ଛାଇ ସଦୃଶ ଥିଲା । ଶିକ୍ଷକମାନଙ୍କ ପାଇଁ କୌଣସି ଚାକିରି ସର୍ତ୍ତାବଳୀ ନଥିଲା । ଯାହାଫଳରେ ସକାଳେ ଥିବା ଚାକିରି ସଞ୍ଜ ବେଳକୁ ନଥିଲା । ଶିକ୍ଷକମାନେ ଗୋତି ଶ୍ରମିକ ଠାରୁ ଅହୁରି ହୀନ ଅବସ୍ଥାରେ ଥିଲେ । ଏଭଳି ଦୟନୀୟ ସ୍ଥିତିରୁ ଶିକ୍ଷକମାନଙ୍କୁ ଉଦ୍ଧାର କରିବା ପାଇଁ ପୂଜ୍ୟ ବନମାଳୀ ବ୍ରହ୍ମଚାରୀ, ଅଧ୍ୟାପକ ଅବନୀ ବରାଳ ଓ କୈଳାସ ମହାପାତ୍ରଙ୍କ ଆହ୍ୱାନରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ, ମାଧ୍ୟମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ ଓ କଲେଜ ଶିକ୍ଷକ ସଂଘକୁ ନେଇ ୨୭.୭.୧୯୬୯ ମସିହାରେ ଖ୍ରୀଷ୍ଟ କଲେଜ ପରିସରରେ ମିଳିତ ଶିକ୍ଷକ କାର୍ଯ୍ୟାନୁଷ୍ଠାନ କମିଟି ଗଠିତ ହେଲା । ଏଇଠୁ ଶିକ୍ଷକ ଆନ୍ଦୋଳନର ମୂଳଦୁଆ ପଡିଲା । ଏହାର ଫଳସ୍ୱରୂପ ୧୯୬୯ ମସିହା ଅଗଷ୍ଟ ୧୬ ତାରିଖରେ ବେସରକାରୀ ଶିକ୍ଷକମାନଙ୍କ ପାଇଁ ଓଡିଶା ଶିକ୍ଷାନୀତି-୧୯୬୯ ପ୍ରଣୟନ ହେଲା ।

୧୯୬୯ ଶିକ୍ଷା ଆଇନର ସଫଳତାକୁ ପୁଞ୍ଜିକରି ୧୯୭୧ ମସିହା ପବିତ୍ର ଗୁରୁଦିବସ ଦିନ ଭୁବନେଶ୍ୱର ଭଞ୍ଜ କଳାମଣ୍ଡପ ଠାରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଗଠନ ହେଲା । ଏହାର ସଭାପତି ଭାବେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ଓ ସାଧାରଣ ସମ୍ପାଦକ ଭାବେ ଅଧ୍ୟାପକ ଅବନୀ ବରାଳ ନିର୍ବାଚିତ ହୋଇଥିଲେ । ଏହା ଥିଲା ଶିକ୍ଷକ ସଂଗଠନ ଇତିହାସର ମାଇଲଖୁଣ୍ଟ । ଏମାନଙ୍କୁ ସହଯୋଗ କରିଥିଲେ ରାଜ କିଶୋର ପଟ୍ଟନାୟକ, ରାଜ କିଶୋର ଭୁଜବଳ, ଅନନ୍ତ କର, ଅର୍ଜୁନ ଦାଶ, ଶରତ ମହାପାତ୍ର, ଗୌରହରି ଶତପଥୀ, ଅଧ୍ୟାପକ ଭଗବାନ ଜେନା, ଅଧ୍ୟାପକ ଗୟାଧର ରାଉତ, ଡକ୍ଟର ଭୋଳାନାଥ ରାଉତ,ଅଧ୍ୟାପକ ମନୀନ୍ଦ୍ର କୁମାର ସାମଲ, ଅଧ୍ୟାପକ ଦୟାନିଧି ସାମନ୍ତରାୟ, (ଦିବଂଗତ) ଏବଂ ତାଙ୍କ ପଛକୁ ଅଧ୍ୟାପକ ଅଜୟ କୁମାର ସାମଲ, ଅଧ୍ୟାପକ ଦୁର୍ଯ୍ୟୋଧନ ପରିଡା, ବିବେକାନନ୍ଦ ଦାଶ, ପୀତବାସ ବେହୁରିଆ, ଦାଶରଥି ନାୟକ, କିଶୋର ପଣ୍ଡା, ରଘୁନାଥ ସାହୁ, ବିଜୟ ବିଶ୍ୱାଳ, ନିକୁଞ୍ଜ ମହାନ୍ତି, ଶଙ୍କର୍ଷଣ ସ୍ୱାଇଁ, ଅକ୍ଷୟ ଦାସ, ପ୍ରଫୁଲ୍ଲ ମହାପାତ୍ର ନିକୁଞ୍ଜ କିଶୋର ବେହେରା, ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ନାରାୟଣ ଚନ୍ଦ୍ର ବାରିକ୍ ଅଧ୍ୟାପକ ଶରତ ପରିଡା, ପ୍ରଶାନ୍ତ କାନୁନଗୋ, ଉମାକାନ୍ତ ନାୟକ, ସୁରେନ୍ଦ୍ର ମିଶ୍ର, ଜ୍ଞାନ ରଞ୍ଜନ ସାମନ୍ତରାୟ ଓ ଆହୁରି ଅନେକ । ଏମାନଙ୍କ ସାହାଯ୍ୟ ଓ ସହଯୋଗରେ ଶିକ୍ଷକ ସଂଗଠନ କେବଳ ରାଜ୍ୟରେ ନୁହେଁ ସାରା ଦେଶରେ ଏକ ସଂଗ୍ରାମୀ ଜୀବନ୍ତ ଗଣ ଅନୁଷ୍ଠାନରେ ପରିଣତ ହୋଇଥିଲା । ମହାନ୍ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ସାହଚର୍ଯ୍ୟ ଓ ପ୍ରଗତିବାଦୀ କବି ଅନନ୍ତ ପଟ୍ଟନାୟକଙ୍କ ଆଦର୍ଶ ଓ ପରେ ପ୍ରାଣନାଥ କଲେଜରେ ଅଧ୍ୟାପନା ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ଓଡିଶାର ଶିକ୍ଷକ ସମାଜ ଦୁଃଖରେ ନରୁହନ୍ତୁ, ସେମାନଙ୍କ ସମସ୍ୟାର ସମାଧାନ ହେଉ ସେଥିପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ । ଏଥିପାଇଁ ଦୁର୍ବାର ଆନ୍ଦୋଳନ କରିବାକୁ ସେ ପଶ୍ଚାତପଦ ହୋଇନଥିଲେ । ୧୯୬୯, ୧୯୭୪, ୧୯୮୪, ୧୯୮୯ ମସିହାର ଆନ୍ଦୋଳନ ତାର ଗୋଟିଏ ଗୋଟିଏ ଉଦାହରଣ । ଏହି ସବୁ ଆନ୍ଦୋଳନର ଫଳ ସ୍ୱରୂପ ଶିକ୍ଷକ ସମାଜ ପାଇଥିବା ସୁବିଧା ସୁଯୋଗ ତାଲିକା ବେଶ୍ ଦୀର୍ଘ । ଏହା ଭିତରେ ରହିଛି ପ୍ରଥମ ଶିକ୍ଷା ଆଇନ, ଚାକିରି ଭର୍ତ୍ତି, ଚାକିରି ନିରାପତ୍ତା, ଅବସରକାଳୀନ ସୁବିଧା, ମଧ ଇଂରାଜୀ ଓ ମାଧ୍ୟମିକ ବିଦ୍ୟାଳୟର ସରକାରୀକରଣ ଓ ୟୁଜିସି ବେତନ ସଂଶୋଧନ । ଏଥିପାଇଁ ଶିକ୍ଷକମାନଙ୍କୁ ଲାଠି ମାଡ ଖାଇବାକୁ ପଡିଛି, ବାୟୋନେଟ୍ ଆଘାତ ସହିବାକୁ ହୋଇଛି, କାରାବରଣ କରିବାକୁ ପଡିଛି ଓ ଚରମ ବଳିଦାନ ମଧ ଦେବାକୁ ପଡିଛି । ଏସବୁ ଭିତରେ ୧୯୭୪ ମସିହାରେ ଶିକ୍ଷକ ସମାଜକୁ ପ୍ରତ୍ୟକ୍ଷ ଅନୁଦାନ ଦେବା ହେଉଛି ତାଙ୍କର ସର୍ବଶ୍ରେଷ୍ଠ ଅବଦାନ ।

ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସଂଗଠକ ଭାବେ ଏକ ନିଆରା ପରିଚୟ ଥିଲା ଅବନୀ ବରାଳଙ୍କର । ଶିକ୍ଷକ ମହାସଂଘର ସମସ୍ତ ଆନ୍ଦୋଳନ ଅଗ୍ରଭାଗରେ ରହୁଥିଲେ ସେ । ଜଣେ ସଂଗଠକ ଭାବେ ୧୯୬୯ ବିଶେଷକରି ୧୯୭୧ ମସିହାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରାୟ ଚାରି ଦଶନ୍ଧି ଧରି ସେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରି ଆସୁଥିଲେ । ତାଙ୍କର ସାଂଗଠନିକ ଦକ୍ଷତା ଅତୁଳନୀୟ ଥିଲା । ଥରେ ସେ ଯାହା ଚିନ୍ତା କରୁଥିଲେ ତାକୁ କାର୍ଯ୍ୟରେ ପରିଣତ କରି ଦେଖାଉଥିଲେ । ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ । ଏପରିକି ବିଶ୍ୱ ସଂଗଠନର ଉପସଭାପତି ହୋଇ ସେ ଆନ୍ତର୍ଜାତୀୟ ସ୍ତରରେ ନିଜପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରି ଥିଲେ ସେ । ସେହିପରି ସାମ୍ୟବାଦୀ ଆନ୍ଦୋଳନର ପୁରୋଧା ଭାବରେ ଅବହେଳିତ ଦଳିତ ସମାଜର ସେ ଆଶା ଭରସା ଥିଲେ । ଯେଭଳି ଜଣେ ସଂଗଠକ ସେଭଳି ଜଣେ ସୁବକ୍ତା ଥିଲେ ଅବନୀ ବରାଳ । ସେ ତାଙ୍କ ଭାଷଣକୁ ଏଭଳି ବାବ ଭିତ୍ତିକ ଓ ତଥ୍ୟାତ୍ମକ କରନ୍ତି ଯେ କେବଳ ଶିକ୍ଷକ ସମାଜ ନୁହେଁ, ବୁଦ୍ଧିଜୀବୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଶ୍ରୋତା ତାଙ୍କ ଭାଷଣକୁ ବେଶ୍ ଉପଭୋଗ କରୁଥିଲେ ।

ସଂଗ୍ରାମୀ ଜୀବନ ଭିତରେ ଅବନୀ ବରାଳଙ୍କ ସାହିତ୍ୟ ସଧନା ସ୍ଥିର ହୋଇନଥିଲା । ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସେ ନିଜପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିଯାଇଛନ୍ତି । ପ୍ରାୟ ୨୫ ଖଣ୍ଡରି ଉର୍ଦ୍ଧ୍ୱ ପୁସ୍ତକ ସେ ଲେକତ୍ୟାଇଛନ୍ତି ସେ ଯେଉଁଥିରେ ଅଛି ଉପନ୍ୟାସ, ଗଳ୍ପ, ଆଲୋଚନା ଓ ଭ୍ରମଣ କାହାଣୀ । ଏସବୁ ସତ୍ତ୍ୱେ ତାଙ୍କ ସାହିତ୍ୟକୃତି ରହିଯାଇଛି ସ୍ୱୀକୃତି ଅପେକ୍ଷାରେ । ପ୍ରେମ ଅନ୍ୱେଷଣରେ ଗୋଟିଏ ତରୁଣୀରୁ ହୀରୋସୀମା ନାଗାସାକି ଆଉ ନୁହେଁ ହେଉ ବା ମାୟାବିନୀ ମଞ୍ଚରୁ ଅପରାହ୍ନର ଛାୟା ପର୍ଯ୍ୟନ୍ତ ସବୁଠି ତାଙ୍କ ସୃଜନଶୀଳତାର ଛାପ ବେଶ୍ ବାରି ହୋଇପଡେ । ସେହିପରି ତାଙ୍କ ଭ୍ରମଣ କାହାଣୀ ପଢିଲେ ପାଠକ ସ୍ତବ୍ଧ ହୋଇଯାଏ । ଏପରିକି ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ବହୁ ମୂଲ୍ୟବାନ ନିବନ୍ଧ ଲେଖି ସେ ବିଶେଷ ଖ୍ୟାତିର ଅଧିକାରୀ ହୋଇପାରିଥିଲେ । ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ସୋଭିଏତ୍ ଦେଶ ନେହେରୁ ସମ୍ମାନ ଲାଭ କରିବା ସହିତ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ମଧ ସମ୍ବର୍ଦ୍ଧିତ ହୋଇଥିଲେ ।

ଆଜି ଶିକ୍ଷକମାନଙ୍କର ସମସ୍ୟା ଅସମାହିତ । ଶିକ୍ଷକ ସଂଗଠନଗୁଡିକ ବିଭାଜିତ। ଜୀବଦ୍ଦଶାରେ ଏସବୁ ନିଜ ଆଖିରେ ଦେଖି ସେ ଗଭୀରଭାବେ ମର୍ମାହତ ହୋଇଥିଲେ। ଅଭିମାନରେ କହିଥିଲେ- 'ଦୟାକରି ମୋତେ ଶିକ୍ଷକନେତା କୁହନ୍ତୁ ନାହିଁ' । ସବୁଠୁ କ୍ଷୋଭର କଥା ହେଲା, ସେ ଚାଲିଗଲା ପରେବି ତାଙ୍କ ହାତଗଢା ଶିକ୍ଷକ ମହାସଂଘ ବି ଏହି ବିଭାଜନରୁ ବର୍ତ୍ତିପାରିଲା ନାହିଁ । ଏବେ ଚିନ୍ତା କରିବାର ସମୟ ଆସିଛି । ସବୁ ବର୍ଗର ଶିକ୍ଷକ ଓ ସବୁ ଶିକ୍ଷକ ସଂଗଠନ ଏକଥା ହୃଦୟଙ୍ଗମ କରିବା ଉଚିତ୍ । ସେହି ଚିର ସ୍ମରଣୀୟ ମହାନ୍ ସଂଗ୍ରାମୀ ଓ ସର୍ବମାନ୍ୟ ଶିକ୍ଷକନେତାଙ୍କ ନୀତି ଏବଂ ଆଦର୍ଶକୁ ରାଜ୍ୟର ଶିକ୍ଷକ ସମାଜ କାର୍ଯ୍ୟରେ ପ୍ରତିଫଳିତ କରିପାରିଲେ, ତାହା ହିଁ ହେବ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ।


*ମୋ - ୯୯୩୭୧୫୧୦୫୨*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୭ ନଭେମ୍ବର ୨୦୨୫ ● ଶୁକ୍ରବାର


## ମଦ ଜବତ: ଜଣେ ଗିରଫ




**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଟାଙ୍ଗି ଥାନା ପୋଲିସ ଦ୍ୱାରା ଏକ ଅବୈଧ ମଦ ବ୍ୟାପାର ସହିତ ସଂପୃକ୍ତ ଏକ ଅବକାରୀ ମାମଲା ଚିହ୍ନଟ କରାଯାଇଛି । ଅଭିଯାନ ସମୟରେ ପୋଲିସ ଦ୍ୱାରା ୨୪.୪ ଲିଟର କିଙ୍ଗଫିଶର ବିୟର, ୧୫ ଲିଟର ଅସ୍କା-୪୦ ଦେଶୀ ମଦ ଓ ଗୋଟିଏ ଗାଡ଼ି ଜବତ କରାଯାଇଛି । ଅଭିଯୁକ୍ତ ପବିତ୍ର ବେହେରା (୨୭), ପିତା ନାରାୟଣ ବେହେରା, ଗାଁ- କୈଥପଲା, ଥାନା- ନାଚୁଣି ଭାବରେ ପରିଚିତ କରାଯାଇଛି । ତାକୁ ଗିରଫ କରାଯାଇଛି ଓ ଆଇନ ଅନୁସାରେ କାନୁନୀ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଅଭିଯାନ ଖୋର୍ଦ୍ଧା ପୋଲିସଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରକାଶ କରେ, ଯାହା ଅବୈଧ ମଦ ବ୍ୟାପାର ଦମନ ଓ ସମାଜର ଶାନ୍ତି ଶୃଙ୍ଖଳା ନିମନ୍ତେ ସଦା ସଚେତନ ଅଛନ୍ତି ।

## କାର୍ତ୍ତିକ ପୂର୍ଣ୍ଣିମାରେ ବିଭିନ୍ନ ଦେବାଦେବୀଙ୍କ ପୀଠରେ ଭକ୍ତଙ୍କ ପ୍ରବଳ ଭିଡ଼

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ବଙ୍ଗାଳି ସାହିରେ ଥିବା ପ୍ରସିଧ ଶୋଭନେଶ୍ୱର ମହାଦେବଙ୍କ ୫ଦିନ ବ୍ୟାପି ଚାଲିଥିଲା ଯଂଜ୍ଞର ଆଜି ପୂର୍ଣ୍ଣାହୁତି ହୋଇଛି । ଏହି ଯଂଜ୍ଞ ରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ପଣ୍ଡିତ ବିପିନ ବିହାରୀ ମିଶ୍ର, ଭଗବାନ ମିଶ୍ର, ଚିତ୍ତରଂଜନ ମିଶ୍ର, ଦୁର୍ଯ୍ୟୋତି ମିଶ୍ର, ପୂଜା ସମ୍ପର୍ଣ କରିଥିଲେ । କର୍ତ୍ତା ପ୍ରଦ୍ୟୁମ୍ନ ସେନାପତି, ପ୍ରଭାତ ରଶ୍ମି ପୁଷ୍ପାଳକ ଓ ସହକର୍ତ୍ତା ପ୍ରବୀର ଜେନା, ବିଦୁଲତା ଜେନା ହୋଇଥିଲେ । ସଭାପତି ତ୍ରିଲୋଚନ ନାୟକ, ସମ୍ପାଦକ ବିନୟ କୁମାର ସିଂ ପରିଚାଳନା କରିଥିବା ବେଳେ ସହଯୋଗ କରିଥିଲେ ଦେବାଶିଷ ଷଡଙ୍ଗୀ । ସୁମନ୍ତ ସିଂ, ମାନସ ଦାସ, ପତିତ ପାବନ ବାରିକ, ମୁରଲୀଧର ମିଶ୍ର, ମହାପାତ୍ର ଧାରଣୀଧର ପଣ୍ଡା, ସରପଞ୍ଚ ଜ୍ୟୋତିରଞ୍ଜନ ମଲିକ, ଦର୍ଶନ ବଡୁ, ପ୍ରଦୀପ୍ ବଡୁ, ତ୍ରିଲୋଚନ ବେହେରା ଓ ଅନ୍ୟମାନେ ପରିଚାଳନା ରେ ସହଯୋଗ କରିଥିଲେ । ସେହିଭଳି ଉକ୍ତ ବ୍ଲକ ଅଧିନସ୍ତ ବିଲାଶୁଣୀ ପଂଚାୟତର ତରବଣରେ ଥିବା ଶ୍ରୀ ଶ୍ରୀ ବ୍ରହ୍ମ ଗୋପାଳ ଜୀଉ ମଠରେ ବୁଧବାର ଦିନ ପ୍ରବଳ ଜନ ସମାଗମ ହୋଇଥିଲା । ଶ୍ରୀ ଜୀଉଙ୍କ ମୁଖ୍ୟ ଭୋଗ କଦଳୀ ନେଇ ଭକ୍ତମାନେ ପୂଜା ଅର୍ଚ୍ଚନା କରିଥିଲେ । ସେହିପରି ଏରଞ୍ଚର ଲକ୍ଷ୍ମୀ ନୃସିଂହ ମନ୍ଦିର, ଜଲାରପୁରରେ ଥିବା ସୋମନାଥ, ସଡାନ୍ଦର ତ୍ରିଲୋଚନେଶ୍ୱର, ନୂଆଗାଁ ସ୍ଥିତ ରାଧାକାନ୍ତ ମଠ, ସ୍ୱପ୍ନେଶ୍ୱର, ଋଷିବାବା ମଠ, ନିଆଳିର ମାଧବରେ ଥିବା ପ୍ରଭୁ ଜଗନ୍ନାଥଙ୍କ ମାମୁ ଘର ମାଧବ ଠାକୁରଙ୍କ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ସୁରକ୍ଷା ଦୃଷ୍ଟିକୁ ରଖି ନିଆଳି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

## ଦାରୁ ଗୋସେଇଁଙ୍କ ୨୫ତମ ଯଜ୍ଞ ମହୋତ୍ସବ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର ଥାନା ଅନ୍ତର୍ଗତ ଭାଲିଆପଦା ସ୍ଥିତ ଦାରୁ ଗୋସେଇଁଙ୍କ ୨୫ତମ ଯଜ୍ଞ ମହୋତ୍ସବ ମହା ଆଡମ୍ବରରେ ପାଳିତ ହୋଇ କାର୍ତ୍ତିକ ପୂର୍ଣ୍ଣିମା ଦିନ ପୂର୍ଣ୍ଣାହୁତି ହୋଇଯାଇଛି । ମଙ୍ଗରାଜ ପାତ୍ର, ଜୋସ୍ନା ରାଣୀ ପାତ୍ର ମନୋଜ ପାତ୍ର ଓ ନନ୍ଦିନୀ ପାତ୍ରଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଶାନ୍ତି ଶୃଙ୍ଖଳା ସହ ସମାପନ ହୋଇଯାଇଛି । ୫ଦିନ ଧରି ଯଜ୍ଞ କାର୍ଯ୍ୟ ହୋଇଥିବା ବେଳେ ପ୍ରତ୍ୟେକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକମାନ ଯଥା ସଙ୍କୀର୍ତ୍ତନ, ପାଲା ଆଦିର ପରିବେଷଣ କରାଯାଇଥିଲା । ବିଜୟ କୁମାର ପାତ୍ର, ଦେବେନ୍ଦ୍ର ଭୋଇ, ସୁରେଶ ଭୋଇ, ଶିଶିର କୁମାର ପ୍ରଧାନ, ସମରେନ୍ଦ୍ର ପାତ୍ର, ଦୁର୍ଗା ଚରଣ ପାତ୍ର ଓ ସୁଦର୍ଶନ ପାତ୍ର ପ୍ରମୁଖଙ୍କ ଅପାର ସହଯୋଗରେ ମହୋତ୍ସବଟି ସମାପ୍ତ ହୋଇଥିବା ଜଣାପଡିଛି । ପୂର୍ଣ୍ଣାହୁତି ଦିନ ସମସ୍ତ ଭକ୍ତ, ଗ୍ରାମ୍ୟ ମୁରବୀ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିଲା ।

## ସୁନାମୁହିଁରେ ପ୍ରଥମ ବୋଇତ ବନ୍ଦାଣ ଉତ୍ସବ

**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଖଣ୍ଡପଡ଼ା ସହରର ଉପକଣ୍ଠରେ ଅବସ୍ଥିତ ସୁନାମୁହିଁ ଜଳଭଣ୍ଡାରରେ ପ୍ରଥମ ବୋଇତ ବନ୍ଦାଣ ଉତ୍ସବ ଏକ ମନୋଜ୍ଞ ପରିବେଶ ମଧ୍ୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ମହିଳାଙ୍କ ସମେତ ଖଣ୍ଡପଡ଼ା ସହରାଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ଓଡ଼ିଶାର ଗୌରବମୟ ଇତିହାସ ଓ ଅଭୂଲା ସ୍ମୃତିକୁ ଉଜ୍ଜୀବିତ କରି ରଖିବାର ମହତ ଲକ୍ଷ୍ୟ ନେଇ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ସମ୍ପର୍କରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମତ ଦେବା ସହ ବୋଇତ ବନ୍ଦାଣ କାର୍ଯ୍ୟକ୍ରମର ଆୟୋଜକମାନଙ୍କୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ଗୌରବମୟ ପରମ୍ପରାକୁ ମନେ ପକାଇ ମହିଳାମାନେ ପ୍ରଥମେ ବୋଇତକୁ ବନ୍ଦାପନା କରିବା ପରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ସୁନାମୁହିଁର ନୀଳ ଜଳରାଶିରେ ବୋଇତ ଯୋଗେ ନୌବିହାରର ମଜା ନେଇଥିଲେ ଦର୍ଶକ ଓ କୁନିକୁନି ପିଲାମାନେ । ହରିବୋଲ, ହୁଳହୁଳି ଧ୍ୱନିରେ ବୋଇତ ବନ୍ଦାଣସ୍ଥଳ ଉତ୍ସବମୁଖର ହୋଇ ଉଠିଥିଲା । ସୁନାମୁହିଁ ଜଳଭଣ୍ଡାରରେ ବୋଇତ ବନ୍ଦାଣ ଉତ୍ସବ ବେଳେ ନିରାପତ୍ତାକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ଅଗ୍ନିଶମ କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ । ପ୍ରତିବର୍ଷ ସୁନାମୁହିଁ ଜଳଭଣ୍ଡାରରେ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ଜଣାଇଛନ୍ତି ।

## ଜ୍ୱାଇଁ ଆକ୍ରମଣରେ ସ୍ତ୍ରୀ, ଶାଶୁ ଓ ଶ୍ୱଶୁର ଆହତ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ଏନ୍.ଏ.ସି ଅନ୍ତର୍ଗତ ଶିଶୁଆ ଗ୍ରାମରେ ଆଜି ଜ୍ୱୋଇଁ ସଂଜୟ ଦାସ ଶଶୁର ଘରେ ପଶି ନିଜ ସ୍ତ୍ରୀ ପୁଷ୍ପଲତା ଦାସ (୨୬), ଶଶୁ ପ୍ରତିମା ଦାସ ଓ ଶଶୁର ଚନ୍ଦ୍ରମଣି ଦାସଙ୍କୁ ଧାରୁଆ ଅସ୍ତ୍ରରେ ମାରଣାତ୍ମକ ଆକ୍ରମଣ କରିଛି । ସେମାନଙ୍କୁ ପ୍ରଥମେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା । ସ୍ତ୍ରୀ ପୁଷ୍ପଲତା ଓ ଶ୍ୱଶୁର ଚନ୍ଦ୍ରମଣିଙ୍କୁ କଟକ ବଡମେଡିକାଲ୍‌କୁ ପଠାଇ ଦିଆଯାଇଛି । ଏ ସଂକ୍ରାନ୍ତରେ ଶାଶୁ ପ୍ରତିମା ଦାସ ଥାନାରେ ଲିଖିତ ଅଭିଯୋଗ କଲାପରେ ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ୪୨୭ରେ ଦଫା ୮୫,୧୧୫(୨), ୨୯୬ ରୁଜୁ ହୋଇଛି । ଘଟଣାରୁ ପ୍ରକାଶ ଯେ ୯ବର୍ଷ ତଳେ ସଂଜୟ ବୈଦିକ ରୀତିରେ ପୁଷ୍ପଲତାକୁ ବିବାହ କରିଥିଲା । ସ୍ୱାମୀ ସ୍ତ୍ରୀ ଗଣ୍ଡଗୋଳ ଫଳରେ ସ୍ତ୍ରୀ ପୁଷ୍ପଲତା ବାପ ଘରେ ଶିଶୁଆରେ ଆସି ରହୁଥିଲା । ତା'ର ଏକ ୭ବର୍ଷର ଝିଅ ଅଛି । ଆଜି ହଠାତ୍ ସଂଜୟ ଶ୍ୱଶୁର ଘରକୁ ଆସି କୌଣସି କାରଣରୁ ପାଟିତୁଣ୍ଡ ହେବାରୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ସେ ତିନିଜଣଙ୍କୁ ଆହତ କରିଥିଲା । ବାଙ୍କୀ ଥାନା ଅଧିକାରୀ ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ କେସ୍ ତଦନ୍ତ କରିବା ସହ ଆସମୀ ସଂଜୟ ଦାସଙ୍କୁ ଗିରଫ କରିଛନ୍ତି ।

## ଘରୋଇ ଶିକ୍ଷାନୁଷ୍ଠାନରେ ଛାତ୍ର ମୃତ୍ୟୁ ଘଟଣା: ବ୍ୟବଚ୍ଛେଦ ରିପୋର୍ଟ ବଢ଼ାଇଲା ସନ୍ଦେହ

**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଛୋଟରାୟପୁରସ୍ଥିତ ଘରୋଇ ଯୁକ୍ତଦୁଇ ବିଜ୍ଞାନ ଆବାସିକ ଶିକ୍ଷାନୁଷ୍ଠାନ 'ଏସ୍କୋଲସିୟର' ମଧ୍ୟରେ ଘଟିଥିବା ଛାତ୍ର ଆଶିଷ ପାଳଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ନେଇ ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜାରି ରହିଛି । ଗତ ଅକ୍ଟୋବର ୩୧ ତାରିଖ ରାତିରେ, ଯାଜପୁରରୋଡ୍ ଥାନା ଅନ୍ତର୍ଗତ କେନ୍ଦୁଡିପି ଗ୍ରାମର ବିଜୟ କୁମାର ପାଳଙ୍କ ପୁଅ ଆଶିଷ (୧୮) ଏହି ଆବାସିକ କଲେଜର ହଷ୍ଟେଲ ଭିତରେ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ଘଟିଥିଲା । କଲେଜ ପକ୍ଷରୁ ସୂଚନା ମିଳିଥିଲା ଯେ ଆଶିଷ ଅସୁସ୍ଥ ହୋଇପଡ଼ିଥିଲେ ଓ ତାଙ୍କୁ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇ ଯାଇଥିଲେ । ହେଲେ ପରିବାର ଲୋକେ ପହଞ୍ଚିବା ପରେ ଡାକ୍ତରଖାନା ବାରଣ୍ଡାରେ ନିଜ ପୁଅର ମୃତ ଦେହ ପଡିଥିବା ଦେଖିଥିଲେ । ଏନେଇ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ଦାଖଲ ହୋଇଥିଲା, ଯାହାର ତଦନ୍ତ ପାଣିକୋଇଲି ଥାନା ପୋଲିସ



ଆରମ୍ଭ କରିଛି । ଶବ ବ୍ୟବଚ୍ଛେଦ ରିପୋର୍ଟରେ ମୃତ୍ୟୁର କାରଣ 'ଆଣ୍ଟିମୋର୍ଟମ ହ୍ୟାଙ୍ଗିଂ (ମୃତ୍ୟୁ ପୂର୍ବରୁ ଝୁଲିବା)' ବୋଲି ଦର୍ଶାଯାଇଛି, ଯାହାକୁ ନେଇ ସନ୍ଦେହ ଆଉ ବଢ଼ିଛି । କାରଣ, ଯେଉଁ ଗାଧୁଆଘରରେ ଆଶିଷଙ୍କ ମୃତଦେହ ମିଳିଥିଲା, ସେଠାର ପାଇପ୍ ଏବଂ ଉଚ୍ଚତା ମାନବ ଦେହ ଝୁଲିବା ପାଇଁ ଅସାମାନ୍ୟ ଥିଲା ବୋଲି ପରିବାର ଦାବି କରିଛି । କଲେଜ ପକ୍ଷରୁ ତିଆରି ହୋଇଥିବା ମୋବାଇଲ ଭିଡିଓ ରେକର୍ଡରେ ମଧ୍ୟ ଆଶିଷଙ୍କ ପାଦ ଭୂମିକୁ ସ୍ପର୍ଶ କରୁଥିବା ଓ କାନ୍ଥକୁ ଡେରି ରହିଥିବା ଦୃଶ୍ୟ ଥିବାରୁ ଘଟଣାର ସ୍ୱରୂପ ନେଇ ପ୍ରଶ୍ନ ଉଠିଛି । ପରିବାର ପକ୍ଷରୁ ଦାବି ହେଉଛି ଯେ ପୋଲିସ ଯଦି ଠିକ ଭାବରେ ସ୍ଥଳ ତଦନ୍ତ କରନ୍ତା ତେବେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିପାରନ୍ତା । ଏହି ଘଟଣା ପରେ ଆଶିଷଙ୍କ ପିତା ମାତା ଦୁଃଖରେ ଭାଙ୍ଗିପଡ଼ିଛନ୍ତି । ମାତା ନିର୍ମଳା ସନ୍ତାନ ବିୟୋଗରେ ଅସୁସ୍ଥ ହୋଇ ବର୍ତ୍ତମାନ ଦାନଗଦି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ବିଜୟ ମଧ୍ୟ ମାନସିକ ଭାବେ ଅସ୍ଥିର ଅବସ୍ଥାରେ ଅଛନ୍ତି । ଏକମାତ୍ର ପୁଅକୁ ହରାଇ ସମସ୍ତ ଗ୍ରାମ ଶୋକର ଛାୟା ଖେଳିଯାଇଛି । ସୋମବାର ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଓ ବିଜେପି ନେତା ରମଣିରଂଜନ ବଳସାମନ୍ତ ମୃତ ଛାତ୍ରଙ୍କ ଘରକୁ ପହଞ୍ଚି ସାନ୍ତ୍ୱନା ଦେଇଛନ୍ତି । ସେମାନେ ଏହି ଘଟଣାରେ ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ଯାହାଦ୍ୱାରା ଘଟଣାର ପଛରେ ଥିବା ସତ୍ୟ ସାମ୍ନାକୁ ଆସିବ ଓ ଦୋଷୀମାନଙ୍କୁ ଶାସ୍ତି ମିଳିବ । କିନ୍ତୁ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଦେଖିଲେ ମୃତ ଛାତ୍ର ପେଟ ପୁରା ଭାତ, ଡାଲି ପ୍ରଭୃତି ଖାଦ୍ୟ ଖାଇଛି ଏବଂ ପାକସ୍ଥଳୀରେ ସେ ଖାଦ୍ୟ ହଜମ ହୋଇନଥିବା ଅବସ୍ଥାରେ ଅଛି । ଏଥିରୁ ସ୍ପଷ୍ଟ ହେଉଛି ଯେ ଛାତ୍ର ଖାଇବାର ଘଣ୍ଟାଏ ଭିତରେ ମୃତ୍ୟୁ ବରଣ କରିଛି । ହଷ୍ଟେଲ୍‌ରେ ମଧ୍ୟାହ୍ନରେ ଦୁଇଟା ଭିତରେ ଏବଂ ରାତିରେ ୯ଟା ଭିତରେ ପିଲାଙ୍କୁ ଖାଇବାକୁ ଦିଆଯାଉଥିବା ବେଳେ ଯଦି ଖାଇବାର ଘଣ୍ଟାଏ ଭିତରେ ଛାତ୍ରର ମୃତ୍ୟୁ ଘଟିଛି ତେବେ ରାତି ଦୁଇଟା ତିରିଶ ମିନିଟ ସମୟରେ କଲେଜ କର୍ତ୍ତୃପକ୍ଷ କାହିଁକି ଡାକ୍ତରଖାନା ନେଲେ ? କଲେଜ କର୍ତ୍ତୃପକ୍ଷ ଅଭିଭାବକମାନଙ୍କ ଠାରୁ ଯେଉଁ ଲକ୍ଷାଧିକ ଟଙ୍କା ଲୁଟ କରୁଛନ୍ତି ସେଥିରେ ପିଲାଙ୍କ ସୁରକ୍ଷା କାହିଁକି କରୁନାହାନ୍ତି ? ତେଣୁ ଏଥିରେ ଜିଲ୍ଲା ପୁଲିସ ପ୍ରଶାସନ, ରାଜ୍ୟ ସରକାର ତୁରନ୍ତ ଉଚ୍ଚ ସ୍ତରୀୟ ତଦନ୍ତ କରାଇ କଲେଜର ଅବହେଳା ପାଇଁ ମୃତ ଛାତ୍ରଙ୍କ ପରିବାରକୁ ନ୍ୟାୟ ପ୍ରଦାନ ସହିତ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ପରିବାର ପକ୍ଷରୁ ଦାବି ହେଉଛି ।

## ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ




**କୋରାପୁଟ:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାରଙ୍କ ପ୍ରୟାସ କ୍ରମେ ୨୦୨୨ ମସିହାରୁ ଆରମ୍ଭ ହୋଇଛି ମାଣ୍ଡିଆ ଦିବସ । ମାର୍ଗଶୀର ମାସ ପ୍ରଥମ ଗୁରୁବାରକୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଉଛି । ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ହିତକର ପୁଷ୍ଟିକର ଶସ୍ୟର ବହୁଳ ପ୍ରଚାର ଏବଂ ବ୍ୟବହାର ଏହାର ମୂଳ ଲକ୍ଷ୍ୟ । ଆଜି ହେଉଛି ମାର୍ଗଶୀର ମାସର ପ୍ରଥମ ଗୁରୁବାର । ଏଥିପାଇଁ ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଛି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କୋରାପୁଟ ଜିଲ୍ଲାରେ ୩୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ମାଣ୍ଡିଆ ଚାଷ କରୁଛନ୍ତି । ନୂତନ ପ୍ରଣାଳୀରେ ଚାଷ କରି କିପରି ଉତ୍ପାଦନ ବୃଦ୍ଧି ହେବ ସେଥି ନିମନ୍ତେ ଚାଷୀମାନଙ୍କୁ ତାଲିମ ଦିଆଯାଉଛି । କୋରାପୁଟ ଜିଲ୍ଲାରେ ୨.୫ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ଉତ୍ପାଦନ ହେଉଥିବା ଜିଲ୍ଲାପାଳ କହିଛନ୍ତି । ସମସ୍ତ ଜନସାଧାରଣ ମାଣ୍ଡିଆକୁ ନିତିଦିନ ଖାଦ୍ୟ ରୂପେ ବ୍ୟବହାର କରିବାକୁ ସେ ନିବେଦନ କରିଛନ୍ତି । ଏହାଦ୍ୱାରା ନିଜ ନିଜର ସ୍ୱାସ୍ଥ୍ୟରେ ଉନ୍ନତି ହେବା ସହ ଚାଷୀ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି । ୧୨ ଜଣ ପ୍ରଗତିଶୀଳ ଚାଷୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ମାଣ୍ଡିଆ ରାଣୀ ଡ. ରାଇମତି ଘିଉରିଆ, ସିଡ୍ ଗାର୍ଲ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଆରଆରଟିଏସର ଡ. ପର୍ଶୁରାମ ସିଆଲ, କେଭିକେର ବୈଜ୍ଞାନିକ ଡ. ସୁନୀତା ଦଣ୍ଡସେନା ଯୋଗଦେଇ ତଥ୍ୟଭିତ୍ତିକ ରିପୋର୍ଟ ଉପସ୍ଥାପନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚଓ ଡାକ୍ତର ନୀଳ ମାଧବ ଶତପଥି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ସତ୍ୟ ନାରାୟଣ ଦାଶ, ନାରାୟଣପାଟଣା କୃଷି ଜିଲ୍ଲା ଅଧିକାରୀ ସନ୍ତୋଷ ଦଳବେହେରା, ଏଡିଏଚ ପୂର୍ଣ୍ଣଜୟ ପାଣିଗ୍ରାହୀ, ଟିଡିକଲ ର ଆଶୁତୋଷ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜିତ ମିଲେଟ ପ୍ରଦର୍ଶନୀ ମେଳା ଜିଲ୍ଲାପାଳଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା ।

## ନାଲକୋର 'ତେଜସ'କୁ ଆଇସିକ୍ୟୁସିସିରେ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲ୍ୟୁମିନିୟମ କମ୍ପାନୀ ଲିମିଟେଡ୍(ନାଲକୋ) ବିଶ୍ୱ ସ୍ତରରେ ଦେଶ ପାଇଁ ଗୌରବ ଆଣିଛି । ନାଲକୋର କ୍ୟାପଟିଭ୍ ପାୱାର ପ୍ଲାଣ୍ଟ, ଅନୁଗୋଳର କ୍ୱାଲିଟି ସର୍କଲ୍ ଟିମ୍ 'ତେଜସ୍', ତାଇୱାନର, ତାଇପେଇ ଠାରେ ନଭେମ୍ବର ୩ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୫୦ତମ ଆନ୍ତର୍ଜାତୀୟ କ୍ୱାଲିଟି କଣ୍ଟ୍ରୋଲ୍ ସର୍କଲ୍ସ (ଆଇସିକ୍ୟୁସିସି) ୨୦୨୫ରେ ସ୍ୱର୍ଣ୍ଣ ପଦକ ହାସଲ କରିଛି ।

କ୍ୱାଲିଟି ସର୍କଲ୍ ଦଳ 'ବଏଲର ସିଲିଂ ସିଷ୍ଟମରେ ଉନ୍ନତି' ଶୀର୍ଷକ ପ୍ରକଳ୍ପ ଉପସ୍ଥାପନ କରିଥିଲେ, ଯାହା କମ୍ପାନୀ ପାଇଁ ବାର୍ଷିକ ଖର୍ଚ୍ଚ ହ୍ରାସ ସହ




ନବସୃଜନ-ଚାଳିତ ଦକ୍ଷତା ଏବଂ ଦୀର୍ଘସ୍ଥାୟୀ କାର୍ଯ୍ୟ ପରିଚାଳନା ଉପରେ ପର୍ଯ୍ୟବେସିତ ।

'ତେଜସ୍' ଦଳକୁ ଅଭିନନ୍ଦନ ଜଣାଇ, ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, ଏହି ସଫଳତା ସମଗ୍ର ନାଲକୋ ପରିବାର ପାଇଁ ଏକ ଗର୍ବର ମୁହୂର୍ତ୍ତ, ଯାହା କର୍ମଚାରୀଙ୍କ ଉତ୍କର୍ଷତା, ସୃଜନଶୀଳତା ଏବଂ ନିରନ୍ତର ଉନ୍ନତି ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି । କର୍ମଚାରୀଙ୍କ ନବସୃଜନତା ଏବଂ କାର୍ଯ୍ୟରେ ଦଳଗତ ପ୍ରଚେଷ୍ଟା ନାଲକୋକୁ ବିଶ୍ୱ ସ୍ତରରେ ସଫଳତା ଆଣିଦେଇଛି ବୋଲି ମଧ୍ୟ ସେ କହିଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ଆଇସିକ୍ୟୁସିସି, ବିଶ୍ୱ ସ୍ତରରେ ଗୁଣବତ୍ତା ଏବଂ ନବସୃଜନତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଅଗ୍ରଣୀ ପ୍ଲାଟଫର୍ମ ଭାବେ ଜଣାଶୁଣା । ବିଶ୍ୱର ବିଭିନ୍ନ ସଂଗଠନଗୁଡ଼ିକ ମଧ୍ୟରେ ସର୍ବୋତ୍ତମ ଅଭ୍ୟାସ ଆଦାନପ୍ରଦାନ ଏବଂ ଅଗ୍ରଣୀ ପ୍ରକଳ୍ପଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥାଏ । ଏହି ପ୍ରମୁଖ ଫୋରମରେ ସାରା ବିଶ୍ୱରୁ ୧୫୦୦ରୁ ଅଧିକ ଦଳ ଅଂଶଗ୍ରହଣ କରୁଛନ୍ତି । ଏହି ବିଶ୍ୱସ୍ତରୀୟ ସ୍ୱୀକୃତି ନାଲକୋର ସମସ୍ତ କାର୍ଯ୍ୟରେ ଗୁଣବତ୍ତା, ଦଳଗତ କାର୍ଯ୍ୟ ଏବଂ ନବସୃଜନର ସଂସ୍କୃତିକୁ ପ୍ରୋତ୍ସାହିତ କରିବ ।

## ସତ୍ୟବାଦୀ ସୃଜନିକାର ତୃତୀୟ ସଂକଳନ ଉନ୍ମୋଚିତ



**ସାକ୍ଷୀଗୋପାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ବକୁଳବନ ପଂଚସଖା ସମାଧିପୀଠ ଠାରେ ଆରାଧଦେବତା ରାଧାକୃଷ୍ଣଙ୍କର ଅପ୍ରାକୃତଲୀଳା, ଗୁପ୍ତବୃନ୍ଦାବନ, ଅଁଳାନବମୀର ମହତ୍ୱ ପଂଚସଖା, ବନବିଦ୍ୟାଳୟ ବକୁଳବନ, ରନ୍ଟିରା, ସିଦ୍ଧବଳରାମ ତଥା ସତ୍ୟବାଦୀର ଯୁଗପୁରୁଷମାନଂକୁ ଆଧାରକରି ଏକ ଆଲୋଚନା ଚକ୍ର ଓ ପତ୍ରିକା ସତ୍ୟବାଦୀ ସୃଜନିକା"ର ତୃତୀୟ ସଂକଳନ ସ୍ଥାନୀୟ ତଥା ପୁରୀ, ଭୁବନେଶ୍ୱର, ବାଲକାଟୀ, ପିପିଲି ଡେଲାଙ୍ଗର ବହୁ ଶିକ୍ଷାବିଦ୍ ଓ ବୁଦ୍ଧିଜିବୀଙ୍କ ଗହଣରେ ଶୁଭଉନ୍ମୋଚନ ହୋଇଯାଇଛି । ପତ୍ରିକାର ମୁଖ୍ୟ ସମ୍ପାଦକ ପ୍ରାଧ୍ୟାପକ ଡ. ବସନ୍ତକୁମାର ରଥଙ୍କ ସ୍ୱାଗତ ଭାଷଣପରେ ସୁଜାତା ଦେବୀ, ଶିକ୍ଷକ ଅଭୟ ପ୍ରଧାନଂକ ପ୍ରତ୍ୟକ୍ଷ୍ୟ ତତ୍ୱାବଧାନରେ ଉପରୋକ୍ତ ବିଷୟ ଆଧାରରେ କବିତା ପାଠୋତ୍ସବରେ ରଂଜନ ମିଶ୍ର, ବିଶାଖାଦେବୀ, ପ୍ରଭୃତି ପ୍ରାୟ ତିରିଶରୁ ଉର୍ଦ୍ଧ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ । ବିଶିଷ୍ଟ ଆଇନଜିବୀ ଉମାବଲ୍ଲବ ମହାପାତ୍ରଂକ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭହେବାରେ ପତ୍ରିକା " ସତ୍ୟବାଦୀ ସୃଜନିକା" ର ଲକ୍ଷ୍ୟ ,ଉଦ୍ଦେଶ୍ୟ ଓ ଗୁରୁତ୍ୱ ଉପରେ ସମ୍ପାଦକ ଡ. ରଥ ଆଲୋକପାତ କରିଥିଲେ । ଉକ୍ତ ମହତ୍ୱପୂର୍ଣ୍ଣ ସଭାରେ ସର୍ବଶ୍ରୀ ସୀତାବଲ୍ଲବ ମିଶ୍ର, ସ୍ତମ୍ଭକାର ଦେବତିକ୍ତ ମିଶ୍ର,ରାମ ନାରାୟଣ ମିଶ୍ର , ପ୍ରାଧାପିକା ଆରତି କର ପ୍ରାଧାପିକା ବାସନ୍ତୀ ଦେବୀ ଡ. ସୁଧାଂଶୁ ଦାସ, ଡ. ଲୋକନାଥ ସେଠୀ ଗାନ୍ଧିବାଦୀ ଅନାମ ମଲ୍ଲିକ୍,ଆଇନଜିବୀ ଶ୍ରୀଯୁକ୍ତ ପାଢି, ଅଭୟ, କାଶୀନାଥ ପ୍ରାଧାପକ ଧରଣୀଧର ପ୍ରଧାନ, ଆଇନଜିବୀ ଡ. ଦେବପ୍ରସାଦ ଦାସ୍, ପ୍ରାଧାପକ ବୃନ୍ଦାବନ ରଥ, ଦିଗାମ୍ବର ରଥ, ବିଭୁତି ହୋତା, ରବିନ୍ଦ୍ରନାଥ ଷଡଙ୍ଗୀ ମାଟିର ମହକ ସମ୍ପାଦକ, ନିଳାଂଚଳ ପତ୍ରିକା ସମ୍ପାଦକ ପ୍ରମୁଖ ୭୦ ଜଣ କବି ଓ କବୟିତ୍ରୀ ଯୋଗଦେଇ ଆମ ଗର୍ବ, ଗୌରବ, ସ୍ୱାଭିମାନ ଅସ୍ମିତାର ପ୍ରତୀକ ପଂଚସଖା ତଥା ସ୍ଥାନୀୟ ଅଂଚଳର ନୈ୍ୟତା ଉପରେ ଆଲୋକପାତ କରିଥିଲେ । ସମାଧିପୀଠର ଦୁରାବସ୍ଥା, ବକୁଳବନର ସ୍ଥାଣୁତା, ରନ୍ଟିରା, ସିଦ୍ଧବଳରାମ ଓ ବନବିଦ୍ୟାଳୟର ପୁନୋରୁଦ୍ଧାର ତଥା ସାକ୍ଷିଗୋପିନାଥ ମନ୍ଦିରର ସୌନ୍ଦର୍ଯ୍ୟକରଣ ଗମନାଗମନ ପଥ ଉପରେ ସରକାରଂକ ଦୃଷ୍ଟି ଆକର୍ଷଣ କରିବାକୁ ମତବ୍ୟକ୍ତ କରିଥିଲେ । ପୂର୍ବ ଐତିହ୍ୟ, ପରଂମ୍ପରା ଓ ସଂସ୍କୃତିର ରକ୍ଷଣାବେକ୍ଷଣ ପାଇଁ ଅଂଚଳବାସୀଂକ ଉପରେ ଗଭିର ଆସ୍ଥାପ୍ରକଟ କରିଥିଲେ । କାର୍ଯ୍ୟକ୍ରମ ଅନ୍ତିମ ଭାଗରେ ସୁଜତା ଦେବୀଂକ ପୁସ୍ତକ "ଶିଶୁସାହିତ୍ୟ" ଭାଉ" ଏବଂ ପତ୍ରିକା ସତ୍ୟବାଦୀ ସୃଜନିକାର ତୃତୀୟ ସଂକଳନର ଶୁଭ ଉନ୍ମୋଚନ ହୋଇ ବିତରଣ କରାଯାଇଥିଲା । ପରିଶେଷରେ ରାଜକିଶୋର ପତିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ତେନ୍ତୁଳିପଦା ଜନ୍ମ ମାଟିରେ ଆଦିକବି ସାରଳା ଦାସଙ୍କ ଜୟନ୍ତୀ

**ତିର୍ତ୍ତୋଲ:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଆ ଭାଷା ସାହିତ୍ୟର ସ୍ରଷ୍ଟା ଆଦିକବି ସାରଳା ଦାସଙ୍କ କାଳଜୟୀ ସାହିତ୍ୟ ପ୍ରତ୍ୟେକ ଜନମାନସକୁ ଆନନ୍ଦିତ କରିବା ସହ ତାଙ୍କର କୃତି ସମୂହକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ପ୍ରତ୍ୟେକ ସାରସ୍ୱତ ସାଧକ ଉଦ୍ୟମ କରିବା ଉଚିତ୍ ବୋଲି ସାରଳା ଦାସଙ୍କ ଜନ୍ମ ମାଟି ପ୍ରାଚୀନ ଝଙ୍କଡ଼ର ତେନ୍ତୁଳିପଦାସ୍ଥିତ ମୁନି ଗୋସାଇଁ ମଠ ପରିସର ଆଦିକବି ଭବନରେ ଅନୁଷ୍ଠିତ ସାରଳା ଦାସଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା ଦୈନିକ ସମାଜର ମୁଦ୍ରାକର ତଥା ପ୍ରକାଶକ ରାଜେନ୍ଦ୍ର କୁମାର ଜେନା ମତ ବ୍ୟକ୍ତ କରିଛନ୍ତି । ଏଥିସହିତ ସାରଳା ଦାସଙ୍କୁ ଯେତିକି ସମ୍ମାନ ମିଳିବା କଥା ତାଙ୍କୁ ଏପର୍ଯ୍ୟନ୍ତ ମିଳି ପାରିନାହିଁ । ତାଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଉତ୍ସବକୁ ସରକାରୀ ସ୍ତରରେ ପାଳନ କରାଯାଉ ବୋଲି କହିଥିଲେ । ସାରଳା ଦାସ ସାଧନା ପୀଠ ଉନ୍ନୟନ ପରିଷଦ ଓ ବିକାଶ ପରିଷଦ ଆନୁକୁଲ୍ୟରେ ଓ ପରିଷଦର ସଭାପତି ସୁରେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟବକ୍ତା ଦୈନିକ ଖବରକାଗଜ ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର ସାରଳା ଦାସଙ୍କ ରଚନାବଳୀକୁ ବିଭିନ୍ନ ଭାଷାରେ ଅନୁବାଦ କରିବା ପାଇଁ ଓଡ଼ିଶାର ସଂସ୍କୃତି ବିଭାଗ ପଦକ୍ଷେପ କରିବା ସହ ବିଭିନ୍ନ ବରପୁତ୍ରଙ୍କ ଭଳି ରାଜ୍ୟ ସରକାର ସାରଳା ଦାସଙ୍କ ସ୍ମୃତି ରକ୍ଷା ପାଇଁ ବହୁ ବିଧ କାର୍ଯ୍ୟକ୍ରମ କରନ୍ତୁ ବୋଲି ମତ ବ୍ୟକ୍ତ କରିଥିଲେ । ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସ ମଣ୍ଡଳ ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ, ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଶିକ୍ଷାବିତ୍ ଡ଼ ଆରତୀ କର, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁକାନ୍ତ ପ୍ରଧାନ, ଉପଦେଷ୍ଟା ଇଞ୍ଜିନିୟର ସୁବାସ ଚନ୍ଦ୍ର ସାହୁ, ଅଶୋକ ଦାଶ ପ୍ରମୁଖ ସାରଳା ଦାସ ଓ ସାରଳା ସାହିତ୍ୟ ଉପରେ ଆଲୋଚନା କରିଥିଲେ । ସାରସ୍ୱତ ସଂଗଠକ ତଥା ପୂଜ୍ୟ ପୂଜା, ଓଡିଶାର ସଂପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ସହ ସଭା ପରିଚାଳନା କରିଥିଲେ । ଏହି ଅବସରରେ ସାରଳା ଦାସଙ୍କ




ଉପରେ ଆଧାରିତ ପ୍ରାମାଣିକ ଚଳଚିତ୍ର ଓ ଗାଳ୍ପିକ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ରଚିତ ପୁସ୍ତକ ମହାଭାରତର କାହାଣୀ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଗ୍ରାମର ଦିବଂଗତ ମୁରବୀ ଶ୍ରେଣୀର ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାଂଜଳି ଅର୍ପଣ କରାଯାଇଥିଲା । ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସ ମଣ୍ଡଳ ର ସାଧାରଣ ସଂପାଦକ ପର୍ଶୁରାମ ଦ୍ୱିବେଦୀ ଓ ଗବେଷକ ମହେନ୍ଦ୍ର ଆଚାର୍ଯ୍ୟଙ୍କୁ ଆଦିକବି ସମ୍ମାନ ପ୍ରଦାନ ସହ ପ୍ରତିଭାଧର ବ୍ୟକ୍ତି ବିଶେଷ, ସାମ୍ବାଦିକ, ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ଚୌରାଧାମୋହନ ପରିଜା ବିବରଣୀ ପାଠ କରିଥିବାବେଳେ ବିରଜା ପ୍ରସନ୍ନ ପରିଜା ଧନ୍ୟବାଦ୍ ଦେଇଥିଲେ । ପ୍ରଭାତ ପରିଜା, ଅନିଲ ମହାନ୍ତି, ସୁଶାନ୍ତ ପରିଜା, ପ୍ରଦୀପ୍ତ ମହାନ୍ତି, ଆଶିଷ ପରିଜା, ଗୁରୁଦତ୍ତ ପରିଜା, ଦେବବ୍ରତ ବାରିକ, ଅକ୍ଷୟ ମହାନ୍ତି, ପୂର୍ବତନ ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା, ସୁବ୍ରତ ଦାଶ, ଶ୍ରଦ୍ଧାଂଜଳି ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ସାରଳା ରୋଡ ସ୍ଥିତ କବିଙ୍କ ପ୍ରତିମୂର୍ତ୍ତି ଓ ମୁନି ଗୋସାଇଁ ସ୍ଥିତ ପ୍ରତିମୂର୍ତ୍ତି ଓ ସମାଧି ପୀଠରେ ପୁଷ୍ପ ମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ ।

## ଐତିହାସିକ କଟକ ବାଲିଯାତ୍ରା ବାଲିଯାତ୍ରାର ଦ୍ୱିତୀୟ ଦିବସ: ଓରମାସର ବ୍ୟବସାୟ କୋଟିଏ ପାର

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଐତିହାସିକ ବାଲିଯାତ୍ରା କଟକ ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ଦିବସ । ମେଳା ବୁଲିବା ପାଇଁ ପ୍ରଥମଦିନଠାରୁ ବେଶ ଅଧିକ ଭିଡ଼ ଜମିଥିଲା । ବିଭିନ୍ନ ଘରକରଣା ସାମଗ୍ରୀ କିଣିବା ପାଇଁ ଯାତ୍ରାରେ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକମାନଙ୍କର ଧାଡ଼ି ଛୁଟିଥିଲା । ସେହିପରି ଦିନରେ କଲେଜ ଛାତ୍ରଛାତ୍ରୀମାନେ ଅଧିକ ସଂଖ୍ୟାରେ ଆସି ବାଲିଯାତ୍ରାକୁ ଉପଭୋଗ କରୁଥିବାର ଦୃଶ୍ୟ ପରିଲକ୍ଷିତ ହୋଇଛି ।

ବାଲିଯାତ୍ରାରେ ଦୋଳିରେ ବସି ଝୁଲିବାକୁ ଲୋକମାନେ ବେଶ ପସନ୍ଦ କରନ୍ତି । ରଂଗୀନ ଆଲୋକ ସଜ୍ଜିତ ଏହି ଦୋଳି ଗୁଡ଼ିକରେ ବସିବାର ମଜ୍ଜା ନିଆରା ଚଳିତବର୍ଷ ବାଲିଯାତ୍ରାକୁ ୨୫ଟି ଦୋଳି ଆସିଛି । ରାମଦୋଳି, ବ୍ରେକଡ୍ୟାନ୍ସ, ସୁନାମି, ସିଙ୍ଗଲ ଟାୱାର, ଟେରାଟେରା, ଅକ୍ଟୋପସ ଆଦି ଦୋଳିରେ ବସିବାକୁ ବେଶ ପସନ୍ଦ କରୁଛନ୍ତି । ଦୋଳିରେ ଜଣକ ପିଛା ଟିକେଟର ମୂଲ୍ୟ ୮୦ରୁ ୧୦୦ଟଙ୍କା ରହିଛି । ସେହିପରି ଡ୍ରାଗନ ଝୁଲା, ବ୍ରେକଡ୍ୟାନ୍ସ ଝୁଲା, ଅକ୍ଟୋପସ ଝୁଲା ଆଦିରେ ଜଣକ ପିଛା ଟିକେଟର ମୂଲ୍ୟ ୫୦ରୁ ୮୦ଟଙ୍କା ମଧ୍ୟରେ ରହିଛି ।

ସେହିପରି ବାଲିଯାତ୍ରାର ତଳ




ପଡ଼ିଆରେ ଠୁଙ୍କାପୁରୀ ଦୋକାନଗୁଡ଼ିକ ରହିଛି । ଗରମ ପୁରୀ ଓ ଛେନା ତରକାରୀ ବାସ୍ନାରେ ପଡ଼ିଆର ଚର୍ତୁପାର୍ଶ୍ୱ ମହକି ଉଠୁଛି । ମେଳାକୁ ଆସୁଥିବା ଲୋକମାନଙ୍କ ପାଇଁ ଏଗୁଡ଼ିକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଗୋଟିଏ ପ୍ଲେଟ ଠୁଙ୍କା ପୁରୀ ଓ ଛେନା ତରକାରୀ ମୂଲ୍ୟ ୧୨୦ ଟଙ୍କା ରହିଛି । ସେହିଭଳି ଫାଷ୍ଟଫୁଡ଼ ଷ୍ଟଲମାନଙ୍କରେ ବହୁ ଜନସାଧାରଣଙ୍କର ଗହଳି ହେଉଛି । ବିଶେଷକରି ମହିଳା ଓ ପିଲାମାନେ ଚାଓମିନ, ରୋଲ, ମଂଚୁରିଆନ ଓ ବିରିୟାନୀ ଆଦି ଫାଷ୍ଟଫୁଡ଼ ଖାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ।

ଅନ୍ୟପକ୍ଷରେ ବାଲିଯାତ୍ରା ତଳ ପଡ଼ିଆରେ ପ୍ରାକୃତିକ ପତ୍ରରେ ତିଆରି ବିଭିନ୍ନ ଫୁଲର ପସରା ଖୋଲିଛି । ସୂର୍ଯ୍ୟମୁଖୀ, ଗେଣ୍ଡୁ, ରଜନୀଗନ୍ଧା, ଗୋଲାପ ଓ ବିଭିନ୍ନ ପୁଷ୍ପଗୁଚ୍ଛ ଲୋକଙ୍କ ମନକୁ ଆକର୍ଷିତ କରୁଛି । ୧୦ଟଙ୍କାରୁ ଆରମ୍ଭ କରି ୫୦୦ଟଙ୍କା ପର୍ଯ୍ୟନ୍ତ ଏଗୁଡ଼ିକର ଦାମ ରହିଛି । ଶସ୍ତା, ମନଲୋଭା ଓ ନିଆରା ଫୁଲ ଗୁଚ୍ଛଗୁଡ଼ିକୁ କିଣିବା ପାଇଁ ଯାତ୍ରାକୁ ଆସୁଥିବା ଲୋକେ ବେଶ ଆଗ୍ରହ ପ୍ରକାଶ କରୁଛନ୍ତି । କଲିକତାରୁ ଆସିଥିବା ବ୍ୟବସାୟୀମାନେ ଚଳିତ ବର୍ଷ ଭଲ ବ୍ୟବସାୟ ହେଉଛି ବୋଲି କହିଛନ୍ତି ।

ବାଲିଯାତ୍ରାରେ ଲୋକଙ୍କ ନଜର ରହିଛି ମାଟିରେ ପ୍ରସ୍ତୁତ ଟେରାକୋଟା ସାମଗ୍ରୀ ଉପରେ । ନିଖୁଣ କାରୁକାର୍ଯ୍ୟରେ ପରିପୂର୍ଣ୍ଣ ଏହି ଟେରାକୋଟା ସାମଗ୍ରୀ ମଧ୍ୟରେ ଘୋଡ଼ା, ହରିଣ, ହାତୀ, ବିଭିନ୍ନ କିସମର ଫଳ ଓ ପରିବା, ଫୁଲ ଓ ଫୁଲଦାନୀ ଆଦି ରହିଛି । ଚିକିଟା ମାଟିକୁ ବାଉଁଶ ପାତିଆ ସାହାଯ୍ୟରେ ବିଭିନ୍ନ ଆକୃତି ଦିଆଯାଇ ନିଆଁର ଭାଟିରେ ପୋଡ଼ି ଏହାକୁ ନିର୍ମିତ କରାଯାଇଛି । ଏଗୁଡ଼ିକର ଦାମ ୫୦ ଟଙ୍କାରୁ ଆରମ୍ଭ କରି ୫୦୦ ପର୍ଯ୍ୟନ୍ତ



ରହିଛି । ବାଲିଯାତ୍ରା ପଡ଼ିଆରେ ଛୋଟ ପିଲାଙ୍କୁ ଓଟ ଓ ଘୋଡ଼ା ସବାରୀ ଆକର୍ଷିତ କରୁଛି । ଚଳିତ ବର୍ଷ ବାଲିଯାତ୍ରାକୁ ୫ଟି ଓଟ ଓ ୬ଟି ଘୋଡ଼ା ଆସିଛି । ୫୦ ମିଟର ପର୍ଯ୍ୟନ୍ତ ଓଟ କିମ୍ବା ଘୋଡ଼ା ସବାରୀ କଲେ ଜଣକୁ ୫୦ଟଙ୍କା ଦେବାକୁ ପଡୁଛି । ଓଟ ଓ ଘୋଡ଼ା ରଖୁଆଳମାନେ ଚଳିତଥର ଭଲ ବ୍ୟବସାୟ କରିବାକୁ ଆଶା ରଖିଛନ୍ତି ।

ଐତିହାସିକ ବାଲିଯାତ୍ରାରେ ହୋଇଥିବା କଟକ ରୂପା ତାରକସି ପାଭିଲିୟନ ଉଦଘାଟିତ ହୋଇଯାଇଛି । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ତଥା କେନ୍ଦ୍ରା□ଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଛନ୍ତି । ଏହି ପାରମ୍ପାରିକ ସୂକ୍ଷ୍ମ କାରୁକାର୍ଯ୍ୟ ବିଷୟରେ ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ଲାଇଭ ଡେମୋଷ୍ଟ୍ରେସନ ବ୍ୟବସ୍ଥା କରାଯାଇଛି । ରୂପା ତାରକସି ପାଭିଲିୟନରେ ମୋଟ ୧୦ଟି ଷ୍ଟଲ ରହିଛି ।

ଗଣକବି ବୈଷ୍ଣବପାଣି ମଂଚରେ ଆୟୋଜିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମର ଆଜି ଥିଲା ଦ୍ୱିତୀୟ ସନ୍ଧ୍ୟା । କାର୍ଯ୍ୟକ୍ରମର ପ୍ରଥମ ଅର୍ଦ୍ଧରେ କଟକ ସ୍ଥିତ ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । ପରେ ପରେ କଟକ ମହାନଗର କୈବର୍ତ୍ତ ସଭା ପକ୍ଷରୁ "ଧୀବର ଚରିତ" ଗୀତିନାଟ୍ୟ ମଂଚସ୍ଥ କରାଯାଇଥିଲା । ଏହା ପରେ ଗଂଜାମ ଜିଲ୍ଲାର ମା' ମଂଗଳା ଲୋକନୃତ୍ୟ କଳାକେନ୍ଦ୍ରର କଳାକାରଙ୍କ ପକ୍ଷରୁ ଚିତାକର୍ଷକ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା । ସେହିପରି ଅକ୍ଷୟ ମହାନ୍ତି ମଂଚରେ ରାଜ୍ୟର ବିଭିନ୍ନ ସାଂସ୍କୃତିକ ସଂଗଠନ ପକ୍ଷରୁ ନୃତ୍ୟ, ଗୀତ ଓ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା, ଯାହା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା ।

ଓରମାସ ପକ୍ଷରୁ ବାଲିଯାତ୍ରା ପଡ଼ିଆରେ ଚାଲିଥିବା ପଲ୍ଲିଶ୍ରୀ ମେଳାରେ ଦ୍ୱିତୀୟ ଦିନ ସୁଦ୍ଧା ରେକର୍ଡ଼ ବ୍ୟବସାୟ ହୋଇଛି । ପ୍ରାୟ ୧କୋଟି ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡିଛି । ଲୋକମାନେ ପାରମ୍ପାରିକ ଖାଦ୍ୟ ପାନୀୟଠାରୁ ଆରମ୍ଭ କରି ବିଭିନ୍ନ ଘରକରଣା ସାମଗ୍ରୀ ନେବାକୁ ଭିଡ଼ ଜମାଇଛନ୍ତି । ଚଳିତ ବର୍ଷ ଓରମାସ ୫୨୫ଟି ଷ୍ଟଲ ଖୋଲିଛି ।


**AFFIDAVIT**

By virtue of an affidavit sworn before Executive Magistrate, Rajnagar, vide affidavit No. 8263, Dt. 27-10-2025, I Asit Palai, S/O- Baidhar Palai, Vill.- Balarampur, Post.-Kurunti, P.S- Rajnagar, Dist- Kendrapara, State-Odisha, Pin- 754225,declare that I have changed my name from Asti Palai to Asit Palai. Henceforth I shall be known as Asit Palai for all purposes.

**S/d- Asit Palai.**

**AFFIDAVIT**

By virtue of this affidavit sworn before Executive Magistrate, Rajnagar, vide affidavit No. 8404,date- 04-11-2025, I Sashmita to Sasmita Das, W/O-Ranjan Jena, Vill- Belpal, Post- Bandhapatana, P. S- Rajnagar, Dist.- Kendrapara, Pin.- 754246. I have changed my name from Sashmita to Sasmita Das. Henceforth, I shall be known as Sasmita Das for all purposes in future.

**S/d- Sasmita Das.**

ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 7th November, 2025 Friday | RNI Regd. No. ODIODI/2009/28880

## ଭଗବାନଙ୍କର ସୁନ୍ଦର ବ୍ୟବସ୍ଥା

ହେଲ୍ଥ ଟନିକ୍



ପ୍ରେମିକ-ପ୍ରେମିକା ଦିନେ ଏକାଠି ପାର୍କରେ ବସିଥିବାବେଳେ ପ୍ରେମିକ ପ୍ରେମିକାକୁ ପଚାରିଲା- ଭଗବାନ ତୁମକୁ ଏତେ ସୁନ୍ଦର କରି ଗଢ଼ିଛନ୍ତି, କିନ୍ତୁ ଏତେ ମୁର୍ଖ କରିଛନ୍ତି କାହିଁକି ?

ପ୍ରେମିକା କହିଲା- ଆମ ଦି'ଜଣଙ୍କୁ ଏକାଠି କରିବା ପାଇଁ ଭଗବାନ ଏମିତି କରିଛନ୍ତି।

ପ୍ରେମିକା କିଛି ବୁଝିନପାରି ପଚାରିଲା- ସେଇଟା କେମିତି ?

ପ୍ରେମିକା କହିଲା- ମୁଁ ଦେଖିବାକୁ ସୁନ୍ଦର ବୋଲି ତୁମେ ମୋ ପ୍ରତି ଆକର୍ଷିତ ହେଲ। ଆଉ ମୁଁ ମୁର୍ଖ ବୋଲି ତୁମ ପ୍ରତି ଆକର୍ଷିତ ହେଲି।

# ଚତୁର୍ଥ ଟି-୨୦: ୪୮ ରନ୍‌ରେ ଜିତିଲା ଭାରତ

**କୁଇନ୍ସଲାଣ୍ଡ,୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଠିକଣା ସମୟରେ ମ୍ୟାଚ୍‌ର ମୋଡ ବଦଳାଇ ଦେଲେ ୱାଶିଂଟନ ସୁନ୍ଦର। ୮ ବଲରେ ନେଲେ ୩ ୱିକେଟ୍। ତୃତୀୟ ଟି-୨୦ରେ ବ୍ୟାଟିଂରେ କମାଲ କରିଥିବା ସୁନ୍ଦର ଆଜି ଆଜି ବୋଲିଂରେ ନିଜର ଜଲୱା ଦେଖାଇଛନ୍ତି। ଅଷ୍ଟ୍ରେଲିଆକୁ ୪ର୍ଥ ଟି-୨୦ ଜିତିବା ପାଇଁ ୨୪ ବଲରେ ୫୪ ରନ ଦରକାର ଥିବା ବେଳେ ବୋଲିଂ କରିବାକୁ ଆସିଥିଲେ ସୁନ୍ଦର। ୧୬ ଓଭର ଯାଏ ତାଙ୍କୁ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ବୋଲିଂ କରିବାକୁ ଦେଇ ନଥିଲେ। ୧୭ତମ ଓଭରରେ ବୋଲିଂ କରିବାକୁ ଆସିଥିବା ସୁନ୍ଦରଙ୍କ ସାମ୍ନାରେ ଥିଲେ ମାର୍କସ ଷ୍ଟୋଇନିସଙ୍କ ଭଳି ବିସ୍ଫୋରକ ବ୍ୟାଟର। କିନ୍ତୁ ସେହି ଓଭରରେ ସୁନ୍ଦର ମାତ୍ର ୨ ରନ ଦେବା ସହ ଷ୍ଟୋଇନିସ ଓ ଜାଭିୟର ବାର୍ଟଲେଟଙ୍କୁ ଆଉଟ କରି ଭାରତର ବିଜୟକୁ ଏକ ପ୍ରକାରର ନିଶ୍ଚିତ କରି ଦେଇଥିଲେ। ପରବର୍ତ୍ତୀ ଓଭରରେ ସେ ଆଉ ଗୋଟିଏ ୱିକେଟ ମଧ୍ୟ ନେଇଥିଲେ। ୧.୨ ଓଭରରେ ସେ ମାତ୍ର ୩ ରନ ଦେଇ ୩ଟି ୱିକେଟ ନେଇଛନ୍ତି।

୪ର୍ଥ ଟି-୨୦ ଜିତିବାକୁ ଅଷ୍ଟ୍ରେଲିଆ ୧୬୮ ରନର ପିଛା କରୁଥିବା ବେଳେ ୧୧୯ରେ ଅଲଆଉଟ ହୋଯାଇଛି। ଭାରତ ଏହି ମ୍ୟାଚ୍‌କୁ ୪୮ ରନରେ ଜିତି ୫ ଟିକିଆ ଟି-୨୦ ସିରିଜରେ ୨-୧ରେ ଆଗୁଆ ହୋଇଯାଇଛି। ଏବେ ଆଉ ଗୋଟିଏ ମ୍ୟାଚ୍ ବାକି ରହିଛି। ସୁନ୍ଦରଙ୍କ ବ୍ୟତୀତ ଅକ୍ଷର ପଟେଲ ଓ ଶିବମ ଦୁବେ ୨ଟି ଲେଖାଏ ୱିକେଟ ପାଇଥିବା ବେଳେ ଯଶପ୍ରୀତ ବୁମ୍ରା, ବରୁଣ ଚକ୍ରବର୍ତ୍ତୀ ଓ ଅର୍ଶଦୀପ ସିଂହ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି। ୪ ଓଭରରେ ମାତ୍ର ୨୦ ରନ ଦେଇ ୨ଟି ୱିକେଟ ନେଇଥିବା ଅକ୍ଷର ପଟେଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ସେ ବ୍ୟାଟିଂ ବେଳେ ଅପରାଜିତ ୨୧ ରନର ଇନିଂସ ଖେଳିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ଶୁବମନ ଗିଲଙ୍କ ୪୬ ଓ ଅକ୍ଷର ପଟେଲଙ୍କ ୧୧ ବଲରେ ଅପରାଜିତ ୨୧ ରନ



ବଲରେ ୮ ୱିକେଟ ହରାଇ ୧୬୭ ରନ କରିଥିଲା। ୧୬୮ ରନର ବିଜୟ ଲକ୍ଷ୍ୟ ପାଇଥିବା ଅଷ୍ଟ୍ରେଲିଆ ପାଇଁ ମାଥ୍ୟୁ ଶର୍ଟ (୧୯ ବଲରେ ୨୫) ଓ ଅଧିନାୟକ ମିଚେଲ ମାର୍ଶ(୩୦) ଦମଦାର ଆରମ୍ଭ କରିଥିଲେ। ହେଲେ ଶର୍ଟଙ୍କୁ ଅକ୍ଷର ଓ ମାର୍ଶଙ୍କୁ ଶିବମ ଦୁବେ ଆଉଟ କରି ଅଷ୍ଟ୍ରେଲିଆକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଜୋଶ ଇଙ୍ଗଲିସ(୧୨) ମଧ୍ୟ ଅକ୍ଷରଙ୍କ ଶିକାର ବନିଥିଲେ।

ତୃତୀୟ ଟି-୨୦ରେ ବିସ୍ଫୋରକ ଇନିଂସ ଖେଳିଥିବା ଟିମ ଡାଭିଡ ଛକା ମାରିଥିଲେ ହେଁ ପରବର୍ତ୍ତୀ ବଲରେ ତାଙ୍କୁ ଦୁବେ ଆଉଟ କରି ଦେଇଥିଲେ। ସେ ଆଜି କେବଳ ୧୪ ରନ କରିପାରିଛନ୍ତି। ଜୋଶ ଫିଲିପେ କେବଳ ୧୦ ରନ କରିବାକୁ ସକ୍ଷମ ହୋଇଥିଲେ। ସିରିଜର ପ୍ରଥମ ମ୍ୟାଚ ଖେଳୁଥିବା ଗ୍ଲେନ ମ୍ୟାକ୍ସୱେଲ(୨)ଙ୍କ ୱିକେଟ ବରୁଣ ଚକ୍ରବର୍ତ୍ତୀ ନେଇଥିଲେ। ମ୍ୟାକ୍ସୱେଲ ଆଉଟ ହୋଇଥିଲେ ହେଁ ଷ୍ଟୋଇନିସଙ୍କ ଉପରେ ଅଷ୍ଟ୍ରେଲିଆ ଟିମର ଭରସା ଥିଲା। ଅଷ୍ଟ୍ରେଲିଆକୁ ଶେଷ ୪ ଓଭରରେ ୫୪ ରନ ଦରକାର ଥିଲା। କିନ୍ତୁ ଏହି ସମୟରେ ସମସ୍ତଙ୍କୁ ଚକିତ କରି ମ୍ୟାଚ୍‌ରେ ନିଜର ପ୍ରଥମ ଓଭର ପକାଇବାକୁ ଆସିଥିଲେ ସୁନ୍ଦର। ସେ ୪ର୍ଥ ବଲରେ ଷ୍ଟୋଇନିସ(୧୭) ଓ ୫ମ ବଲେ ବାର୍ଟଲେଟଙ୍କୁ ଆଉଟ କରି ଦେଇଥିଲେ।

ପରବର୍ତ୍ତୀ ଓଭରର ଶେଷ ବଲରେ ବୁମ୍ରା ୫ ରନ କରିଥିବା ବେନ ଡାୱରଶୁସଙ୍କୁ କ୍ଲିନବୋଲ୍ଡ କରି ଅଷ୍ଟ୍ରେଲିଆକୁ ୯ମ ଝଟକା ଦେଇଥିଲେ। ୧୯ତମ ଓଭରର ପ୍ରଥମ ବଲରେ ନାଥନ ଏଲିସ କ୍ୟାଚ୍ ଦେଇଥିଲେ ହେଁ ଏହାକୁ ଗିଲ ହାତ ଛଡା କରିଥିଲେ। କିନ୍ତୁ ପରବର୍ତ୍ତୀ ବଲରେ ସୁନ୍ଦରଙ୍କୁ ବଡ ଶଟ ମାରିବାକୁ ଯାଇ ଆଡାମ ଜାମ୍ପା ବାଉଣ୍ଡରୀ ପାଖରେ ଗିଲଙ୍କ ହାତରେ ଧରାପଡି ଯାଇଥିଲେ। ଏଥିସହ ଅଷ୍ଟ୍ରେଲିଆ ୧୧୯ ରନରେ ଅଲଆଉଟ ମଧ୍ୟ ହୋଇ ଯାଇଥିଲା।

## ନୂଆପଡ଼ାରେ ପ୍ରଚାର କଲେ ମୁଖ୍ୟମନ୍ତ୍ରୀ

## ଆଜି ନବୀନଙ୍କ ପ୍ରଚାର



**ନୂଆପଡ଼ା,୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ଣରେ ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀ କୋମନାରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାର କରିଛନ୍ତି। ଏହି ଅବସରରେ ସେ ଏକ ରୋଡ୍ ସୋ' କରିଛନ୍ତି। ରୋଡ୍ ସୋ'ରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଜେପି ସଭାପତି ମନମୋହନ ସାମଲ, ବସନ୍ତ ପଣ୍ଡା ଉପସ୍ଥିତ ଥିଲେ। ସେହିପରି ନର୍ବାଚନ ପ୍ରଚାର ପାଇଁ ହଜାର ହଜାର ବିଜେପି ସମର୍ଥକ ଓ କର୍ମୀଙ୍କ ଭିଡ଼ ରହିଛି। ଗୁରୁବାର ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ନୂଆପଡା ବ୍ଲକ୍‌ରେ ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଉଭୟ ମୋହନ ଓ ବିଷ୍ଣୁଦେଓଙ୍କ ସଭା ସଫଳ କରିବାକୁ ବିଜେପି ନେତାମାନେ ଲାଗି ପଡିଛନ୍ତି।

ବର୍ତ୍ତମାନ କୋମନା ବ୍ଲକ୍ ପାଇଁ ତିନିଟି ଯାକ ଦଳ ସ୍ୱତନ୍ତ୍ର ରଣନୀତି କରି ଫୋକସ୍ କରୁଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଦୁଇଟି ବ୍ଲକ୍ ଓ ଦୁଇଟି ଏନ୍‌ଏସି ମଧ୍ୟରେ କୋମନାରେ ସର୍ବାଧିକ ଭୋଟର୍ ରହିଛନ୍ତି। ଏହି ବ୍ଲକ୍ ହିଁ ନିର୍ବାଚନୀ ଫଳାଫଳକୁ ସର୍ବାଧିକ ପ୍ରଭାବିତ କରିବ। ପୂର୍ବ ନିର୍ବାଚନରେ ବିଜେଡି ଏଠାରୁ ଅଧିକ ଭୋଟ୍ ପାଇଥିଲା ଓ ସେବେ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀ (ବର୍ତ୍ତମାନର କଂଗ୍ରେସ ପ୍ରାର୍ଥୀ) ଦ୍ୱିତୀୟ ସ୍ଥାନରେ ଥିଲେ। ତାଙ୍କର ଏଠାରେ ସ୍ୱତନ୍ତ୍ର ଭୋଟ୍ ବ୍ୟାଙ୍କ ରହିଛି। କିନ୍ତୁ ଏହି ବ୍ଲକ୍‌ରେ ଗତ ନିର୍ବାଚନର ସ୍ଥିତି ନାହିଁ। ପୂର୍ବ ନିର୍ବାଚନର ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଏବେ ବିଜେପି ପ୍ରାର୍ଥୀ। ତେଣୁ ଏଠାରେ ମତଦାନକୁ ନେଇ ଆକଳନ କରିବା ମୁସ୍କିଲ୍। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଗସ୍ତ ପରେ ପୁରୁଣା ବିଜେଡି ଭୋଟକୁ ବାନ୍ଧି ରଖିବା ପାଇଁ ନେତାମାନେ ଜୋରଦାର ଚେଷ୍ଟା କରୁଛନ୍ତି। ତେବେ ବିଜେପିକୁ ଅଧିକ ବଳ ଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏଠାରେ ସଭା ଓ ରୋଡ୍ ସୋ' କରିଛନ୍ତି।

ଉପନିର୍ବାଚନକୁ ବିଜେଡି ସମ୍ମାନ ଭାବେ ନେଇଛି। ଏଣୁ ୭ ତାରିଖରେ ଦ୍ୱିତୀୟଥର ପାଇଁ ନବୀନ ନୂଆପଡାକୁ ଆସି ପ୍ରଚାର କରିବେ। ଏହା ସହ ଖରିଆର୍ ରୋଡ୍ ଓ ନୂଆପଡା ଏନ୍‌ଏସିରେ ରୋଡ୍ ସୋ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ବିଜେଡି ନେତାମାନେ ଘନ ଘନ ପ୍ରସ୍ତୁତି ବୈଠକ ଚଳାଇଛନ୍ତି। ପ୍ରାର୍ଥିପତ୍ର ଦାଖଲ ପରେ ଏ ଯାଏଁ ବିଜେପିର ବଡ ସଭା ହୋଇନାହିଁ। ଦଳର ୪୦ରୁ ଅଧିକ ବିଧାୟକ ଏଠାରେ ଡେରା ପକାଇଛନ୍ତି। ୮ ମନ୍ତ୍ରୀ ୮ଟି ଜୋନ୍ ଦାୟିତ୍ୱ ନେଇଥିଲେ ବି ଅନ୍ୟ ମନ୍ତ୍ରୀମାନେ ମଧ୍ୟ ମଝିରେ ମଝିରେ ଆସି ପ୍ରଚାର ଅଭିଯାନରେ ସାମିଲ ହେଉଥିବା ଦେଖିବାକୁ ମିଳୁଛି। ନବୀନଙ୍କ କୋମନା ସଭାଠାରୁ ଯେପରି ଅଧିକ ଲୋକ ଯୋଗଦେବେ, ତା'ଉପରେ ଜୋର ଦିଆଯାଉଛି। କଂଗ୍ରେସରେ କୌଣସି ବଡସଭା ଏ ପର୍ଯ୍ୟନ୍ତ ହୋଇନି।

## ସାଲୁର ଘାଟିରେ ଜଳିଗଲା ବସ୍

**ସାରୁଲ,୬।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ସାଲୁର ଘାଟିରେ ଓଏସଆରଟିସି ଇଣ୍ଟରଷ୍ଟେଟ୍ ଏକ୍ସପ୍ରେସ୍ ବସ୍‌ରେ ହଠାତ୍ ନିଆଁ ଲାଗିଯାଇଛି। ବସ୍‌ଟି ବିଶାଖାପାଟଣାରୁ ବାହାରି ଜୟପୁର ଅଭିମୁଖେ ଆସୁଥିବା ବେଳେ ଏଭଳି ଅଘଟଣ ଘଟିଛି। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ବେଳେ ବସ୍‌ଟି ହୁତୁହୁତୁ ହୋଇ ଜଳି ଯାଇଥିଲା। ଘଟଣା ସ୍ଥଳରେ ଆନ୍ଧ୍ର ସାଲୁର ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିବା ସହିତ ତଦନ୍ତ ଆରମ୍ଭ କରିଛି।



ଖବର ଅନୁଯାୟୀ, ଗୁରୁବାର ଭୋର ପ୍ରାୟ ୫ଟା ସମୟରେ ଓଡ଼ିଶାର ଏକ ବସ୍ ବିଶାଖାପାଟଣାଠାରୁ ଜୟପୁର ଅଭିମୁଖେ ବାହାରିଥିଲା। ଆନ୍ଧ୍ର ସୀମାନ୍ତ କୋନାୱାଲାସ ପ୍ରଥମ ଘାଟି ଚଢୁଥିବା ସମୟରେ ହଠାତ୍ ଇଞ୍ଜିନ୍‌ରୁ ଧୂଆଁ ବାହାରିଥିଲା। ଯାହାକୁ ଡ୍ରାଇଭର ଦେଖି ଗାଡ଼ିକୁ ରାସ୍ତାକଡ଼ରେ ଛିଡ଼ା କରି ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇବାକୁ କହିଥିଲେ। ଦେଖୁ ଦେଖୁ ବସ୍‌ରେ ନିଆଁର ପ୍ରକୋପ ବଢିବାରେ ଲାଗିଥିଲା। ଏହାପରେ ତୁରନ୍ତ ଆନ୍ଧ୍ରପ୍ରଦେଶ ସାଲୁରର ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ନିଆଁ ଲାଗିଥିବାର ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ ପାଇଁ ପ୍ରୟାସ ଆରମ୍ଭ କରିଥିଲା। ହେଲେ ବସ୍‌ଟି ହୁତୁହୁତୁ ହୋଇ ଜଳିବାରେ ଲାଗିଥିଲା। ଇଞ୍ଜିନ ସର୍ଟସର୍କିଟ୍ ଲାଗି ବସ୍‌ରେ ନିଆଁ ଲାଗିଥିବା ସୂଚନା ରହିଛି।

ଓଏସ୍‌ଆରସିଟି ବସ୍‌ରେ ନିଆଁ ଲାଗିବା ଏହା ପ୍ରଥମ ଘଟଣା ନୁହେଁ। ଗତ କିଛି ମାସ ମଧ୍ୟରେ ଓଏସ୍‌ଆରସିଟି ବସ୍‌ଗୁଡ଼ିକରେ ପୃଥକ ପୃଥକ ଘଟଣା ଘଟିଛି। ୨୦୨୪ ମାର୍ଚ୍ଚରେ ରାଣୀପଥର ଘାଟି (ଏକ ଭିନ୍ନ ସ୍ଥାନ)ରେ ଏକ ଓଏସ୍‌ଆରସିଟି ବସ୍ ଓଲଟି ପଡ଼ିବାରୁ ୧୫ ଜଣ ଆହତ ହୋଇଥିଲେ। ଅଗଷ୍ଟ ୨୦୨୫ରେ ଗଜପତି ଜିଲ୍ଲା ଜଙ୍ଗଲରେ ୩୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଓଏସ୍‌ଆରସିଟି ଭଲଭୋ ବସ୍ ଖରାପ ହୋଇ ଯିବାରୁ ଯାତ୍ରୀ ରାତିସାରା ଫସି ରହିଥିଲେ।

ସେପ୍ଟେମ୍ବର ୨୦୨୫ରେ ଜୟପୁରରୁ ଅନୁଗୁଳ ଯାଉଥିବା ସମୟରେ କାଉଡୋଲା ଷ୍ଟପରେ ଏକ ଓଏସ୍‌ଆରସିଟି ବସ୍ ନିଆଁ ଲାଗିଯାଇଥିଲା, କିନ୍ତୁ ସମସ୍ତେ ସୁରକ୍ଷିତ ଥିଲେ। ଏପ୍ରିଲ ୨୦୨୨ରେ ନୟାଗଡର ଟାକରା ଘାଟିରେ ଏକ ଓଏସ୍‌ଆରସିଟି ବସ୍ ଏକ ଟ୍ରକ୍ ସହିତ ଧକ୍କା ହୋଇଥିଲା, ଯାହା ଫଳରେ ଜଣେ ମୃତ୍ୟୁବରଣ କରିଥିଲେ ଏବଂ ୨୦ ଜଣ ଆହତ ହୋଇଥିଲେ। ଫେବ୍ରୁଆରି ୨୦୨୩ରେ, ଘନ କୁହୁଡ଼ି ଯୋଗୁ ଉମୁରି ନିକଟରେ ଏନ୍‌ଏଚ୍ ୨୬ରେ ଏକ ଓଏସ୍‌ଆରସିଟି ବସ୍ ଓଲଟି ପଡ଼ିଥିଲା, ଯେଉଁଥିରେ ପାଞ୍ଚ ଜଣ ଆହତ ହୋଇଥିଲେ।



ଆଇଆରସିର ଆଜୀବନ ସଦସ୍ୟ ଏବଂ ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସର ଜାତୀୟ ପରିଷଦ ସଭ୍ୟ ପ୍ରଫେସର ପ୍ରଭାତ କୁମାର ପାଢ଼ୀ ଆଇଆରସି ସ୍ଥଳରେ ଇଣ୍ଡିଆନ୍ ରୋଡ୍ କଂଗ୍ରେସର ସଭାପତି ଏବଂ ନୂଆଦିଲ୍ଲୀର ସିଆରଆରଆଇ ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ପରିଡାଙ୍କ ସହ ସାକ୍ଷାତ। ଆଇଆରସିର ମହାସଚିବ ରାହୁଲ ଗୁପ୍ତା, ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ପୂର୍ବତନ ନିର୍ଦ୍ଦେଶକ ଧର୍ମାନନ୍ଦ ଷଡ଼ଙ୍ଗୀ ଏବଂ ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସର ପୂର୍ବତନ ସଭାପତି ଇଞ୍ଜିନିୟର୍ସ ଅଶୋକ ବାସା ଉପସ୍ଥିତ।

## ଉପ ମୁଖ୍ୟମନ୍ତ୍ରୀଙ୍କ କାର ଉପରକୁ ପଥର ଓ ଚପଲ ମାଡ

**ଲକ୍ଷ୍ମୀସରାଇ,୬।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିହାରରେ ପ୍ରଥମ ପର୍ଯ୍ୟାୟ ମତଦାନ ଚାଲିଥିବା ବେଳେ ସାଂଘାତିକ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ବିଜୟ କୁମାର ସିହ୍ନା। ଆଜି ସେ ନିଜ ନିର୍ବାଚନ ମଣ୍ଡଳୀର ଗୋଟିଏ ପୋଲିଂ ବୁଥକୁ ଯାଉଥିବା ବେଳେ ତାଙ୍କ କାର ଉପରେ ହୋଇଛି ପଥର ଓ ଚପଲ ମାଡ। ଶତାଧିକ ଲୋକ ତାଙ୍କ କାରକୁ ଅଟକାଇ ମୁରଦାବାଦ ନାରା ଦେଇଛନ୍ତି। ଏହି ସମୟରେ ତାଙ୍କ କାର ଉପରକୁ ପଥର ଓ ଚପଲ ମାଡ ହୋଇଛି। ଜଣେ ଭୂମିହାର ନେତା ଭାବେ ପରିଚିତ ସିହ୍ନା ଏଠାରୁ ୩ ଥର ଜିତିଛନ୍ତି। ଏଥର ମଧ୍ୟ ସେ ଏଠାରୁ ନିର୍ବାଚନ ଲଢୁଛନ୍ତି। ଆଜି ମତଦାନ ଥିବାରୁ ସେ ପୋଲିଂ ବୁଥ ଯାଉଥିଲେ। ଏହି ସମୟରେ ଏପରି ଘଟଣା ଘଟିଛି।

ବିଜେପି ନେତା ସିହ୍ନା ଏପରି ଘଟଣାରେ ପୂରା ରାଗି ଯାଇଛନ୍ତି। ସେ ଗାଡିରୁ ବାହାରି ଘଟଣା ପାଇଁ ଆରଜେଡିକୁ ଦାୟୀ କରିଛନ୍ତି। ଆରଜେଡିର ଗୁଣ୍ଡାମାନେ ଏପରି କାଣ୍ଡ ଘଟାଇଥିବା ସେ ଅଭିଯୋଗ କରିଛନ୍ତି। ଏଥିସହ ଏନଡିଏ ସରକାର କ୍ଷମତାକୁ ଆସିବା ପରେ ଏହି ଗୁଣ୍ଡାମାନଙ୍କ ଛାତିରେ ବୁଲଡୋଜର ଚାଲିବ ବୋଲି ସେ ଧମକ ମଧ୍ୟ ଦେଇଛନ୍ତି।

ସେ କହିଛନ୍ତି, "ଏନଡିଏ ସରକାର ବିହାରରେ କ୍ଷମତାକୁ ଆସିବାକୁ ଯାଉଛି। ଆମେ ସେମାନଙ୍କ ଛାତିରେ ବୁଲଡୋଜର ଚଳାଇବୁ। ଏମାନେ ସମସ୍ତେ ଆରଜେଡି ଗୁଣ୍ଡା। ସେମାନେ ଜାଣିଛନ୍ତି ଯେ ଏନଡିଏ କ୍ଷମତାକୁ ଆସୁଛି। ଏହି କାରଣ ପାଇଁ ସେମାନେ ଗୁଣ୍ଡାଗର୍ଦ୍ଦି କରୁଛନ୍ତି। ସେମାନେ ମୋ ପୋଲିଂ ଏଜେଣ୍ଟଙ୍କୁ ଏଠାରୁ ବିଦା କରିଦେଇଛନ୍ତି। ମୋତେ ଭୋଟ ଦେବାକୁ ଛାଡୁ ନାହାନ୍ତି।

ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ଅନେକ ଲୋକ ସିହ୍ନାଙ୍କ ଗାଡିକୁ ଘେରି ରହିଛନ୍ତି। ତାଙ୍କ ବିରୋଧରରେ ସେମାନେ ନାରାବାଜୀ କରିବା ସହ ଗାଡିକୁ ଆଗକୁ ଛାଡୁ ନାହାନ୍ତି। ଗାଁରେ ପ୍ରବେଶ ପାଇଁ ବିଜେପି ନେତାଙ୍କ କାରକୁ ଅନୁମତି ମିଳିବ ନାହିଁ ବୋଲି ସେମାନେ କହୁଥିବା ଶୁଣାଯାଉଛି। ଘଟଣା ପରେ ଶ୍ରୀ ସିହ୍ନା ନିଜର ସୁରକ୍ଷା ପାଇଁ କେନ୍ଦ୍ରୀୟ ଫୋର୍ସର ଦାବି କରିଛନ୍ତି। ଜିଲ୍ଲା ପୁଲିସ୍ ଦୁର୍ବଳ ହୋଇପଡିଥିବା ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଶିଳ୍ପପତିଙ୍କୁ ଏସଏଲଡିସିର...

ତଥ୍ୟ ପଞ୍ଜୀକରଣ କରି ସେମାନେ ପ୍ରତି ମିନିଟରେ ପ୍ରେରଣ ଓ ଗ୍ରହଣ କରୁଥିବା ସମସ୍ତ ବିଦ୍ୟୁତ ଶକ୍ତିର ଟିକିନିଖି ହିସାବ ରଖିବା। ଉକ୍ତ କାର୍ଯ୍ୟଗୁଡିକୁ ସମ୍ପାଦନ କରିବା ପାଇଁ ଏସଏଲଡିସିର ଆବଶ୍ୟକ କରୁଥିବା ସମୁଦାୟ ବାର୍ଷିକ ଖର୍ଚ୍ଚକୁ ଭରଣା କରିବା ପାଇଁ ପଞ୍ଜୀକରଣ ହୋଇଥିବା ଉତ୍ପାଦନ କମ୍ପାନୀ ଓ ଲାଇସେନ୍ସଧାରୀ ଉପଭୋକ୍ତାମାନଙ୍କ ଉପରେ ନିର୍ଦ୍ଦିଷ୍ଟ କର ବସାଇ ରାଜସ୍ୱ ଅଦାୟ କରିବ ଏବଂ ସେଥିପାଇଁ ଓଡିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ (ଓଇଆରସି) ଅନୁମୋଦନ ନେବ। ଯେହେତୁ ରାଜ୍ୟଗ୍ରୀଡକୁ ନିୟନ୍ତ୍ରଣ କରିବା ପାଇଁ ପଞ୍ଜୀକୃତ କମ୍ପାନୀମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ତେଣୁ ଏସଏଲଡିସି ସମ୍ପାଦନ କରୁଥିବା ସମସ୍ତ କାର୍ଯ୍ୟକୁ ନିଷ୍ପକ୍ଷ ଏବଂ ସ୍ୱଚ୍ଛଭାବେ ନିଜର ୱେବସାଇଟରେ ପ୍ରକାଶ କରିବା ପାଇଁ ନିୟମ ରହିଛି। ତେବେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ବିସ୍ତୃତ ବିବରଣୀ ପ୍ରକାଶ କରି କହିଛନ୍ତି ଯେ, ରାଜ୍ୟଗ୍ରୀଡ ସହିତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପ୍ରାୟ ୬୦ଟି ଉତ୍ପାଦନ କମ୍ପାନୀ ସଂଯୋଗ ହୋଇ ୨୫ ହଜାର ମେଗାୱାଟ କ୍ଷମତାର ବିଦ୍ୟୁତ ଉତ୍ପାଦନ ଶକ୍ତିକେନ୍ଦ୍ର ସ୍ଥାପନ କରିଛନ୍ତି ଯେଉଁଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଂସ୍ଥା ସହିତ ଶିଳ୍ପପତିମାନଙ୍କର ସ୍ୱାଧୀନ ଓ ନିଜସ୍ୱ ବିଦ୍ୟୁତକେନ୍ଦ୍ର ରହିଛି। କେନ୍ଦ୍ର ସରକାର ପ୍ରକାଶ କରିଥିବା ରିପୋର୍ଟରେ ଓଡିଶା ଗ୍ରୀଡରେ ବର୍ଷକୁ ୧ ଲକ୍ଷ ୨୦ ହଜାର ନିୟୁତ ୟୁନିଟ ବିଦ୍ୟୁତ ପ୍ରେରଣ ହେଉଥିବାବେଳେ ସେଥିରୁ ଓଡିଶା ପାଇଁ ସଂରକ୍ଷିତ ହୋଇଛି ୧୦ ହଜାର ମେଗାୱାଟ ବା ୪୮୦୦୦ ନିୟୁତ ୟୁନିଟ ଯାହାକୁ ଓଡିଶାର ଏକକୋଟି ଉପଭୋକ୍ତା ବ୍ୟବହାର କରୁଛନ୍ତି। ତେବେ ବିଡମ୍ବନା ହେଉଛି ଏସଏଲଡିସି ଓ ଓପିଟିସିଏଲ ନିଜର ସମୁଦାୟ ବାର୍ଷିକ ଖର୍ଚ୍ଚ ଭରଣା କରିବା ପାଇଁ କେବଳ ଓଡିଶା ପାଇଁ ସଂରକ୍ଷିତ ଥିବା ୧୦ ହଜାର ମେଗାୱାଟ ବିଦ୍ୟୁତ ପ୍ରେରଣରୁ ଟାରିଫ ଅଦାୟ କରୁଥିବା ବେଳେ ଅବଶିଷ୍ଟ ୧୫ ହଜାର ମେଗାୱାଟ ବା ୭୨ ହଜାର ନିୟୁତ ୟୁନିଟ ବିଦ୍ୟୁତ ଉପରେ ଟାରିଫ ଆଦାୟ ନକରି ଲୁଚାଛପାରେ ପ୍ରେରଣ କରୁଛି। ଫଳରେ ଓଡିଶାର ଏକକୋଟି ଉପଭୋକ୍ତା ରାଜ୍ୟଗ୍ରୀଡର ସମସ୍ତ ବାର୍ଷିକ ଖର୍ଚ୍ଚ ଅନ୍ୟାୟ ଭାବେ ଭରଣା କରୁଛନ୍ତି। ଏସଏଲଡିସି ପ୍ରଦର୍ଶନ କରିଥିବା ଅହେତୁକ ଅନୁକମ୍ପା ଭିତରେ ଶିଳ୍ପପତିମାନେ ସ୍ଥାପନ କରିଥିବା ଉକ୍ତ ୧୫ ହଜାର ମେଗାୱାଟ କ୍ଷମତାର ନିଜସ୍ୱ ଓ ସ୍ୱାଧୀନ ବିଦ୍ୟୁତ ଅନ୍ତର୍ଭୁକ୍ତ। କେନ୍ଦ୍ରୀୟ ରିପୋର୍ଟ ଅନୁସାରେ ଉକ୍ତ ୧୫ ହଜାର ମେଗାୱାଟ ବିଦ୍ୟୁତ କେନ୍ଦ୍ରରୁ ଲୁଚାଛପାରେ ବାର୍ଷିକ ୭୨ ହଜାର ନିୟୁତ ୟୁନିଟ ବିଦ୍ୟୁତ ରାଜ୍ୟ ଗ୍ରୀଡରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପ୍ରେରଣ କରାଯାଉଛି। ତେଣୁ ଏସଏଲଡିସି ଓ ଓପିଟିସିଏଲ ଅପାରଗତା ତଥା ଦୁର୍ନୀତିଖୋର ମନୋବୃତ୍ତି ପାଇଁ ୟୁନିଟ ପିଛା ୨୪ ପଇସା ହିସାବରେ ବାର୍ଷିକ ୧୭୨୮ କୋଟି ଟଙ୍କା ରାଜସ୍ୱ ହରାଉଛି। ପ୍ରଚଳିତ ବିଧିବ୍ୟବସ୍ଥା ଅନୁସାରେ ଏସଏଲଡିସି ଓ ଓପିଟିସିଏଲ ନିଷ୍ପକ୍ଷ ଏବଂ ସ୍ୱଚ୍ଛଭାବେ ଗ୍ରୀଡ ପରିଚାଳନା କରିବା ନିୟମ ଥିଲେବି ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରି ଉକ୍ତ ୧୫ ହଜାର ମେଗାୱାଟ ଶକ୍ତିକେନ୍ଦ୍ରର ତଥ୍ୟ ନିଜର ୱେବସାଇଟରେ ପ୍ରକାଶ ନକରିବା ଘଟଣା ଏଥିରେ ଲୁଚି ରହିଥିବା ଦୁର୍ନୀତିକୁ ସ୍ପଷ୍ଟ ଇଙ୍ଗିତ କରୁଛି ବୋଲି ଶ୍ରୀ ମହାପାତ୍ର ଦୃଢୋକ୍ତି ପ୍ରକାଶ କରିଛନ୍ତି। ରାଜ୍ୟ ଗ୍ରୀଡର ପରିଚାଳନା ବିଶୃଙ୍ଖଳା ପାଇଁ ବିଦ୍ୟୁତ ଉପଭୋକ୍ତା ୟୁନିଟ ପିଛା ୨୪ ପଇସା ହାରରେ ଅନ୍ୟାୟ ଭାବେ ବିଦ୍ୟୁତବିଲ ପଇଠ କରୁଛନ୍ତି ବୋଲି କହିଛନ୍ତି ଶ୍ରୀ ମହାପାତ୍ର।

### ଉପକୂଳ ସୁରକ୍ଷାରେ...

ପାଇଥିଲେ ମଧ୍ୟ ସରକାର ଉଦାସୀନ ରହିଛନ୍ତି। ଅବଶ୍ୟ ଏହି ସିଆଇଆରବିର ମଞ୍ଜୁର ସକାଶେ ରାଜ୍ୟ ସରକାର ଗତ ୨୦୧୭ ମସିହାରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଚିଠି କରିଥିଲେ। ରାଜ୍ୟ ସରକାରଙ୍କ ତତ୍କାଳୀନ ଅତିରିକ୍ତ ସଚିବ ଅସୀତ କୁମାର ତ୍ରୀପାଠୀ ଚିଠି ଲେଖି ଦର୍ଶାଇଥିଲେଯେ, ବାଟାଲିୟନ ପ୍ରତିଷ୍ଠା ହେଲେ ଉପକୂଳ ସୁରକ୍ଷାରେ ଥିବା ସାମୁଦ୍ରିକ ଥାନାକୁ ସଶକ୍ତ ହେବାକୁ ସହାୟତା ମିଳିବ। ତେବେ ରାଜ୍ୟ ସରକାର ଏହି ଚିଠି ଲେଖିବାର ୮ ବର୍ଷ ବିତିଯାଇଥିଲେ ମଧ୍ୟେ ରାଜ୍ୟ ସରକାରଙ୍କ ଏହି ଚିଠି କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗର ଶୀତଳଭଣ୍ଡାରରେ ପଡିରହିଛି। ଅଦ୍ୟାବଧି ଏହି ବାଟାଲିୟନ ଗଠନ ନେଇ କୌଣସି ସକରାତ୍ମକ ସୂଚନା ମିଳିନାହିଁ। ଏପଟେ ସାମୁଦ୍ରିକ ଥାନା ଗୁଡ଼ିକରେ ପଦାଧିକାରୀ କର୍ମଚାରୀ ଓ ଭିତ୍ତିଭୂମୀର ଅଭାବ ଯୋଗୁ ବେଆଇନ ଅନୁପ୍ରବେଶ ଜାରି ରହିଛି। ଏଥିସହିତ ବହୁ ସନ୍ଦେହ ଜନକ କାର୍ଯ୍ୟକଳାପ ବୃଦ୍ଧିପାଇଛି। ଏହି ତଟାଂଚଳର ବନିପାଳ ଠାରେ ଏକ ନକଲି ବେତାରକେନ୍ଦ୍ର ସ୍ଥାପନ ହେବା ଏବଂ ଏଠାରୁ ହୁଇଲର ଦ୍ୱୀପର ପ୍ରତିରକ୍ଷା ସମ୍ପର୍କିତ ଗୋପନ ତଥ୍ୟ ପ୍ରେରଣ କରାଯାଉଥିବା ନେଇ ତଦନ୍ତ ବେଳେ ପୋଲିସର ସନ୍ଦେହ ଦୃଢ଼ିଭୂତ ହୋଇଥିଲା। ନିଷେଧାଦେଶକୁ ନମାନି ଟ୍ରଲରମାନେ ବେଆଇନ ମାଛଧରିବା ଯୋଗୁ ବିରଳ ଅଲିଭ ରିଡ଼େଲ କଇଁଛଙ୍କ ସୁରକ୍ଷା ଓ ବିକାଶ ପ୍ରଭାବିତ ହୋଇଛି। ଅତୀତରେ ବେଆଇନ ମାଛ ଧରୁଥିବା ଟ୍ରଲରରୁ ଦୁର୍ବୃତ୍ତ ବନରକ୍ଷୀଙ୍କୁ ଗୁଳି ମାରି ହତ୍ୟା କରିବା ଏବଂ ବେଆଇନ ମାଛ ଧରାଳୀଙ୍କ ସହିତ ତଟରକ୍ଷୀ ବାହାନୀର ଗୁଳି ବିନିମୟ ଉପକୂଳ ସୁରକ୍ଷା ନେଇ ଅନେକ ପ୍ରଶ୍ନବାଚୀ ଛିଡ଼ା କରାଇଥିଲା। ଏହି ଅଂଚଳରେ ବିଭିନ୍ନ ସମୟରେ ବନ୍ୟଜନ୍ତୁ ଶିକାର,ଜଙ୍ଗଲ ସମ୍ପଦ ଧ୍ୱଂସ,ଅସ୍ତ୍ରଶସ୍ତ୍ର ଚାଲାଣ, ନକଲି ନୋଟ ଓ ନିଶା କାରବାର ଚାଲିଥିବା ତଥ୍ୟ ମିଳିଛି। ଏହି ତଟାଂଚଳରେ ଅବାଧ ଅନୁପ୍ରବେଶ ଜାରି ରହିଥିବାରୁ ଏହି ଅଂଚଳରେ ଥିବା ବିଶ୍ୱ ପ୍ରସିଦ୍ଧ ଜାତୀୟ ଉଦ୍ୟାନ ଅସ୍ତିତ୍ୱ ହରାଇବା ସହିତ ଆତଙ୍କବାଦୀ ବା ଦେଶ ବିରୋଧି ଶକ୍ତି ଅନାୟସରେ ଯେକୌଣସି ସମୟରେ ଅନୁପ୍ରବେଶ କରି ଦେଶପ୍ରତି ବିପଦ ସୃଷ୍ଟି କରିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ସିଆଇଆରବି ପ୍ରତିଷ୍ଠା ହେଲେ ଅନୁପ୍ରବେଶକୁ ରୋକିବା ସହିତ ଦେଶର ସୁରକ୍ଷାକୁ ସୁନିଶ୍ଚିତ କରାଯାଇପାରିବ ନିଶ୍ଚିତ ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି। ତେବେ ଜିଲ୍ଲାର ତଟାଂଚଳ ସୁରକ୍ଷା ପାଇଁ ସାମୁଦ୍ରିକ ଥାନା ପୋଲିସ କାମ କରୁଛି ଯାହାଫଳରେ ଅନୁପ୍ରବେଶ କିଛିମାତ୍ରାରେ କମିଛି ବୋଲି ଏସଡିପିଓ ଜ୍ୟୋତି ରଂଜନ ଗୌଡ଼ କହିଛନ୍ତି। ସାମୁଦ୍ରିକ ଥାନା ଗୁଡ଼ିକର ଭିତିଭୂମୀ ସୁଦୃଢ଼ ପାଇଁ ପ୍ରୟାସ ଜାରି ରହିଥିବା ସେ ପ୍ରକାଶ କରିଥିଲେ ହେଁ ସିଆଇଆରବିର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

### ସବୁ ଜିଲ୍ଲାରେ...

ପଦବୀ ମଧ୍ୟ ଖାଲି ପଡିଛି। ରାଜ୍ୟରେ ୧୭ଟି ନର୍ସିଂ ଡିପ୍ଲୋମା ଓ ତାଲିମ ପ୍ରତିଷ୍ଠାନ ଥିବାବେଳେ ୧୨ଟି ନର୍ସିଂ କଲେଜ୍ ରହିଛି। ଏଥିମଧ୍ୟରୁ ମାତ୍ର ୮ଟି ହେଉଛି ସରକାରୀ ସଂସ୍ଥା। ଅନ୍ୟୁନ ୨୨ଟି ଜିଲ୍ଲାରେ ସରକାରୀ ନର୍ସିଂ ଡିପ୍ଲୋମା ଓ ଡିଗ୍ରୀ କଲେଜ୍ ନାହିଁ। ଏଗୁଡ଼ିକ ଭିତରୁ ଅଧିକାଂଶ ବି ଆଦିବାସୀ ବହୁଳ ଜିଲ୍ଲା। କେନ୍ଦ୍ର ସରକାରଙ୍କ ନୀତିଗତ ନିଷ୍ପତ୍ତି ଓ ରାଜ୍ୟ ବିଜେପିର ନିର୍ବାଚନ ପ୍ରତିଶ୍ରୁତି ଦୃଷ୍ଟିରୁ ଏବେ ମେଡିକାଲ କଲେଜ୍ ଓ ନର୍ସିଂ କଲେଜ୍ ନଥିବା ଜିଲ୍ଲାଗୁଡ଼ିକର ଉଭୟ ସରକାରୀ ଓ ବିରୋଧୀ ଦଳର ବହୁ ବିଧାୟକ ନିଜ ନିଜ ଜିଲ୍ଲାରେ ଏଭଳି ସରକାରୀ ମେଡିକାଲ୍ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ଦାବି କରୁଛନ୍ତି। ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ୫୫ ପ୍ରତିଶତରୁ ଅଧିକ ଡାକ୍ତରୀ ପଦବୀ ଖାଲି ପଡିଛି। ସ୍ୱାସ୍ଥ୍ୟ ବିଭାଗରେ ପାଖାପାଖି ୪୦ ହଜାର ବିଭିନ୍ନ ପଦପଦବୀ ଖାଲି ପଡିଛି। ଏସବୁ ପଦବୀ ଅଗ୍ରାଧିକାର ଭିତ୍ତିରେ ପୂରଣ ପାଇଁ ପଦକ୍ଷେପ ନିଆଯାଉଥିବା କଥା ମଧ୍ୟ ସରକାରଙ୍କ ପକ୍ଷରୁ କୁହାଯାଉଛି।

### କୋରାପୁଟରେ...

ପର୍ଯ୍ୟଟନ ସ୍ଥଳୀର ସୌନ୍ଦର୍ଯ୍ୟ ଯେପରି ନଷ୍ଟ ନହେବ, ସେଥିପାଇଁ ଅଳିଆ ଆବର୍ଜନା ଏଣେତେଣେ ନପକାଇବାକୁ ଅନୁରୋଧ କରିଛନ୍ତି କୋରାପୁଟ ବାସିନ୍ଦା। ଆଗକୁ ଶୀତର ପ୍ରକୋପ ବଢ଼ିବ ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି।

୨ ଦିନ ପରେ ଶୀତ ବଢ଼ିବ। ଏବେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୩ ଡ଼ିଗ୍ରୀ ସେଲସିୟସ ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡି ୧୫ ଡ଼ିଗ୍ରୀ, ଭୁବନେଶ୍ୱରରେ ୧୮.୫ ଓ କଟକରେ ୧୮.୬ ଡ଼ିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଅଭ୍ୟନ୍ତରୀଣ ଓ ପାହାଡିଆ ଅଞ୍ଚଳରେ ତଳ ମୁହାଁ ରହିଛି ପାରଦ। ଉତ୍ତରା ବାୟୁ ସହିତ ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ହ୍ରାସ ଯୋଗୁଁ ୯ ତାରିଖ ବେଳକୁ ପାହାଡିଆ ଅଞ୍ଚଳର କିଛି ସ୍ଥାନରେ ୧୦ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ଖସିବାର ସମ୍ଭାବନା ରହିଛି।

### ବିଡ଼ିଓଙ୍କ ମନମାନି...

ଦୁର୍ବ୍ୟବହାର କରିବା ସହିତ ତାଙ୍କ ପ୍ରକୋଷ୍ଠରୁ ତଡିଦେଇଥିଲେ। ବିଡ଼ିଓ ଏପରି କାର୍ଯ୍ୟପରେ ସାମ୍ବାଦିକଙ୍କ ଉପସ୍ଥିତ ଦେଖି ତାଙ୍କୁ ପ୍ରକୋଷ୍ଠରୁ ତଡିଦେଇଥିଲେ। ବିଡିଓଙ୍କ ଏପରି ଦୁର୍ବ୍ୟବହାର ପ୍ରତିବାଦରେ ଆଜି ବରିଷ୍ଠ ଖବରଦାତା ପତିତପାବନ ଭଦ୍ର, ଅକ୍ଷୟ ସାହୁ, ପ୍ରବୀର ନାୟକ, କୁମାରେଶ ନାୟକ, ପ୍ରଦୋଷ ବିଶ୍ୱାଳ, ରଶ୍ମିକାନ୍ତ ମହାନ୍ତି, ସୁଧାଂଶୁ ତ୍ରିପାଠୀ, ସୂର୍ଯ୍ୟ ନାରାୟଣ ଦାସ, ଧୀରେନ୍ଦ୍ର ମଲିକ, ପ୍ରତାପ ପାଢ଼ୀ, ସୁଶାନ୍ତ କର ହରି ନାରାୟଣ ବେହେରା, ସଞ୍ଜୟ ବାରିକ, ପ୍ରିୟଙ୍କା ବେହେରା ପ୍ରମୁଖ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ବହୁ ସଂଖ୍ୟକ ପଟ୍ଟାମୁଣ୍ଡାଇ ବ୍ଲକକୁ ଆସି ବିଡ଼ିଓଙ୍କ ଏପରି ଦୁର୍ବ୍ୟବହାର ଘଟଣାର ଦୃଢ଼ ପ୍ରତିବାଦ କରିବା ସହିତ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳ ଖବରଦାତାଙ୍କ ଦୁର୍ବ୍ୟବହାର ଘଟଣାରେ ହସ୍ତକ୍ଷେପ କରି ତୁରନ୍ତ ପଟ୍ଟାମୁଣ୍ଡାଇ ବିଡ଼ିଓଙ୍କୁ ଅନ୍ୟତ୍ର ବଦଳି ନକଲେ ଖବରଦାତାମାନେ ବ୍ୟାପକ ଆନ୍ଦୋଳନ କରିବା ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ।

## ୧୪୦ ଗ୍ରାମ ବ୍ରାଉନସୁଗାର ଜବତ: ଜଣେ ଗିରଫ

**କଟକ,୬।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ ଅବକାରୀ ଫ୍ଲାଇଙ୍ଗସ୍କ୍ୱାର୍ଡ଼ ପକ୍ଷରୁ ଗୁରୁବାର ସ୍ଥାନୀୟ ମର୍କତନଗର ଥାନା ଅନ୍ତର୍ଗତ ସତିଚଉରା ନିକଟରେ ଚଢ଼ାଉ କରି ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଲାଲବାଗ ଥାନା ଅନ୍ତର୍ଗତ ଦିୱାନବଜାର ଅଂଚଳର ଶେଖ ସାଜିଦ ଅଲି (୩୨)। ଗିରଫ ଅଭିଯୁକ୍ତ ନିକଟରୁ ୧୪୦ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଜବତ ହୋଇଥିବା ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୪ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାଛଡ଼ା ଅଭିଯୁକ୍ତ ନିକଟରୁ ପୋଲିସ ଗୋଟିଏ ବାଜାଜ ପଲସର ମୋଟର ସାଇକେଲ ଜବତ କରିଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ହୀରା ଦଳପତି, ଏସଆଇ ଏସକେ ସାକିର ଉଲ୍ଲା, ଏଏସଆଇ ବ୍ରଜକିଶୋର ବିନ୍ଧାଣି ଓ କର୍ଣ୍ଣ ଓରାନ ଏବଂ କନେଷ୍ଟବଳ ଜଗନ୍ନାଥ ସାହୁ ଓ ଚନ୍ଦ୍ରକାନ୍ତ ସାହୁ ପ୍ରମୁଖ ସାମିଲ ଥିଲେ। ଗିରଫ ଅଭିଯୁକ୍ତ ସାଜିଦ ଅଲିକୁ କୋର୍ଟ ଚାଲାଣ କରାଯାଇଛି।

## ମହିଳା ମାଓ କମାଣ୍ଡରର ଆତ୍ମସମର୍ପଣ

**ମାଲକାନଗିରି,୬।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଖଇରାଗଡ ଜିଲ୍ଲା ପୁଲିସ ଅଧୀକ୍ଷକଙ୍କ ନିକଟରେ ମହିଳା ମାଓ କମାଣ୍ଡର କମଲା ସୋଡି ଆତ୍ମସମର୍ପଣ କରିଛି। କମଲା ସୋଡି ନାମରେ ସରକାର ୧୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। କମଲା ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଛତିଶଗଡର ମୁଖ୍ୟ ଥିଲା। ୨୦୧୧ ମସିହାରେ ମାଓ ସଂଗଠନରେ ଯୋଗ ଦେଇଥିଲା କମଲା। କମଲା ମଧ୍ୟପ୍ରଦେଶର ଚାଲି ଚାଲି ପ୍ରାୟ ୧୨ ଘଣ୍ଟା ପରେ ପୁଲିସ ନିକଟରେ ପହଞ୍ଚି ଆତ୍ମସମର୍ପଣ କରିଥିଲା। ହାତରେ ଏସଏଲଆର ବନ୍ଧୁକ ଧରିଥିଲା। ତିନି ରାଜ୍ୟ ପାଇଁ ସେ କୁଖ୍ୟାତ ରହିଥିବା ବେଳେ ଏହି ତିନି ରାଜ୍ୟରେ ବହୁ ହିଂସା ଘଟାଇଥିଲା। କମଲା ସୁକମା ଅଂଚଳର କରଲମପାଲୀ ଗ୍ରାମର ଝିଅ। ୧୫ ବର୍ଷରେ ସେ ନକ୍ସଲ ସଂଗଠନରେ ଜଡିତ ହୋଇଥିବା କହିଥିଲା। ଲଗାତାର ବଡବଡ ନକ୍ସଲ ନେତା ଆତ୍ମସମର୍ପଣ କରୁଥିବା ଖବର ସେ ପାଇବା ପରେ ନିଜେ ଚିନ୍ତା କରି ହିଂସାକୁ ତ୍ୟାଗ କରିଛି। ମୁଖ୍ୟସ୍ରୋତରେ ସାମିଲ ହୋଇ ବାକି ଜୀବନ ଖୁସିରେ କଟାଇବାକୁ ଇଛା ପ୍ରକଟ କରିଛି। ସରକାରଙ୍କର ଆତ୍ମନିର୍ଭରଶୀଳ ନୀତିରେ ପ୍ରଭାବିତ ହୋଇଥିବା ମଧ୍ୟ କହିଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ